

ମନ୍ଧାନାଙ୍କୁ ଶ୍ରେଷ୍ଠ ରେଟିଂ ପଏଣ୍ଟ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-122 ♦WEDNESDAY ♦29 OCTOBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୨୨ ♦ବୁଧବାର ♦୨୯ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦







## ସ୍ଥଳଭାଗରେ ପିଟିହେଲା ଅଣଆଖିଆ ବାତ୍ୟା

# କାକିନାଡ଼ାରେ 'ମୋନ୍ଥା' ତାଣ୍ଡବ

■ ଭୁବନେଶ୍ୱର/ଶ୍ରୀକାକୁଲମ, ୨୮।୧୦ (ସମିସ): ପାଣିପାଗ ବିଭାଗର ପୂର୍ବ ଆକଳନ ଅନୁସାରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ନିକଟରେ ଲ୍ୟାଣ୍ଡଫଲ୍ କରିଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସନ୍ଧ୍ୟାରେ ଆଇଏମ୍‌ଡି ଏ ସମ୍ପର୍କରେ ସୂଚନା ଦେଇଛି। ସନ୍ଧ୍ୟା ୭ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ପ୍ରାୟ ରାତି ୧୧ଟା ବେଳେ ବାତ୍ୟା ଭୂଭାଗ ଅତିକ୍ରମ କରିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଏହା ଏକ ଭୀଷଣ ବାତ୍ୟା ରୂପରେ ଅଗ୍ରସରହୋଇଛି। ମଛଲିପଟ୍ଟନମ୍‌ଠାରେ ପବନର ବେଗ ସର୍ବାଧିକ ଘଣ୍ଟା ପ୍ରତି ୬୮ କିମି ଓ କାକିନାଡ଼ାରେ ପବନର ବେଗ ୫୨ କିମି ରେକର୍ଡ ହୋଇଛି। ମୋନ୍ଥା ପ୍ରଭାବରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ୧୪୧୯ ଗାଁ ଓ ୪୪ଟି ସହର ପ୍ରଭାବିତ ହୋଇଛି ଏବଂ ପବନ ଓ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଶ୍ରୀକାକୁଲମ, ବିଜୟନଗରମ, ମାନ୍ୟମ, ଆଲୁରି ସୀଥାରାମରାଜୁ, ବିଶାଖାପାଟନମ, ଅନକାପାଲି, ପୂର୍ବ ଗୋଦାବରୀ, ଏଲୁରୁ, ଏନଟିଆର, ଗୁଣ୍ଟୁର, ପାଲନାଡୁ, ଚିତ୍ତୁର ଏବଂ ତିରୁପତି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି ଓ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ପର୍ଯ୍ୟନ୍ତ ରେଡ଼ ଆଲର୍ଟ ଜାରି ହୋଇଛି। ତେଲେଙ୍ଗାନାରେ ମୋନ୍ଥାର ପ୍ରଭାବ ଅଧିକ ରହିଛି ଏବଂ ବିଶେଷକରି ପୂର୍ବ ଏବଂ ଉତ୍ତର ତେଲେଙ୍ଗାନା ଜିଲ୍ଲାଗୁଡ଼ିକରେ ବୁଧବାର ମୁଷଳଧାରାରେ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଭୂପାଳପାଲି, ▶ପୃଷ୍ଠା-୭

### ଆନ୍ଧ୍ରପ୍ରଦେଶର ୧୪୧୯ ଗାଁ, ୪୪ ସହର ପ୍ରଭାବିତ

### ଅତି ପ୍ରବଳ ବର୍ଷା, ସ୍କୁଲ କଲେଜ ଆଉ ୫ଦିନ ଛୁଟି

### ଆଜି ପାଇଁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ରେଡ୍ ଆଲର୍ଟ



## ଶୂନ୍ୟ ଜୀବନହାନି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



### ୧୫୮ ଉଦ୍ଧାରକାରୀ ଦଳ, ୨୦୪୮ ଆଶ୍ରୟସ୍ଥଳ ପ୍ରସ୍ତୁତ

### ବାତ୍ୟା ପରେ, ତୁରନ୍ତ ଫସଲ କ୍ଷତି ଆକଳନ କରି ସହାୟତା ପାଇଁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୮।୧୦ (ସମିସ): ପ୍ରତ୍ୟେକ ବିପର୍ଯ୍ୟୟରେ ଶୂନ୍ୟ ଜୀବନହାନୀ ହେଉଛି ଆମର ଲକ୍ଷ୍ୟ। ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ସମ୍ଭାବନା ରହିଛି। ତେଣୁ କୌଣସି ବିପଦ ସଂକୁଳ ଅଞ୍ଚଳରେ ଯେପରି ସମସ୍ତେ ବାତ୍ୟା-ବନ୍ୟା ଆଶ୍ରୟ ସ୍ଥଳ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବେ, ତାହା ଅଧିକାରୀମାନେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବାତ୍ୟା 'ମୋନ୍ଥା'ର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀମାନଙ୍କୁ କହିଛନ୍ତି ଯେ ଗତବର୍ଷ ମଧ୍ୟ ବାତ୍ୟା ଦାନା ସମୟରେ ଆମେ ସଫଳ ଭାବରେ ଲୋକଙ୍କୁ ସ୍ଥାନାନ୍ତରିତ କରି 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ହାସଲ କରିଥିଲୁ। ▶ପୃଷ୍ଠା-୭

## ଭୟ କରନ୍ତୁ ନାହିଁ; ସଜାଗ ରୁହନ୍ତୁ: ନବୀନ

### ଏକାଠି କରିବା ବାତ୍ୟା ମୁକାବିଲା

### ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରନ୍ତୁ

### ଲୋକଙ୍କୁ ସହାୟତା କରିବାକୁ ବିଜେଡି କର୍ମୀ ଓ ନେତାଙ୍କୁ ପରାମର୍ଶ



■ ଭୁବନେଶ୍ୱର, ୨୮।୧୦ (ସମିସ): ବାତ୍ୟା ମୋନ୍ଥା ପରିପ୍ରେକ୍ଷୀରେ ସଜାଗ ରହିବା ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡ଼ିଓରେ ପୋଷ୍ଟ କରି ନବୀନ ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ନିମନ୍ତେ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଛନ୍ତି ।

ଏହି ଅବସରରେ ନବୀନ କହିଛନ୍ତି ଯେ ପୂର୍ବରୁ ଆମେ ଅନେକ ବାତ୍ୟାର ସଫଳ ମୁକାବିଲା କରିଛନ୍ତି । ତେଣୁ ବାତ୍ୟା 'ମୋନ୍ଥା' ପାଇଁ ଭୟ ନ କରି ସଜାଗ ରୁହନ୍ତୁ।ଆମେ ସବୁବେଳେ ଏକାଠି ମିଳି ବିପର୍ଯ୍ୟୟର ମୁକାବିଲା କରିଆସୁଛେ। ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ବୋଲି ନବୀନ କହିଛନ୍ତି। ଏହା ସହିତ ବିପଦ ସମୟରେ ରାଜ୍ୟର ଜନସାଧାରଣଙ୍କ ସହ ରହିବା ▶ପୃଷ୍ଠା-୭

## ୬୧ ଟ୍ରେନ୍ ବାତିଲ୍

■ ଭୁବନେଶ୍ୱର, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଛି। ତେବେ ମଙ୍ଗଳବାର ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୬୧ଟି ଟ୍ରେନ୍ ବାତିଲ୍ ହୋଇଛି। ଏଥିରେ ଆଜି କେବଳ ୪୮ ଟ୍ରେନ ବାତିଲ୍ କରାଯାଇଛି। ୯ଟି ଟ୍ରେନ୍‌ର ଚଳାଚଳ ଆଂଶିକ ବାତିଲ୍ ,୬ର ଦିଗ ପରିବର୍ତ୍ତନ ଏବଂ ୯ଟିର ଚଳାଚଳ ସମୟ ପୁନଃନିର୍ଦ୍ଧାରଣ କରାଯାଇଛି। ପୁରୀ-ତିରୁପତି ଗୁରୁବାର ନିମନ୍ତେ ଏବଂ ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଏବଂ ଭୁବନେଶ୍ୱର ନିୟୁ-ହାଇଦ୍ରାବାଦ୍ ସ୍ପେଶାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ବୁଧବାର ନିମନ୍ତେ ବାତିଲ୍ ▶ପୃଷ୍ଠା-୭

## ରଞ୍ଜନା ଦେଶାଇ ଅଷ୍ଟମ ବେତନ ଆୟୋଗ ଅଧ୍ୟକ୍ଷା

### ସର୍ତ୍ତାବଳୀକୁ ମଞ୍ଜୁରୀ; ୧୮ ମାସରେ ରିପୋର୍ଟ



■ ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): କେନ୍ଦ୍ର ସରକାର ମଙ୍ଗଳବାର ଅଷ୍ଟମ ବେତନ ଆୟୋଗଙ୍କ ସନ୍ଦର୍ଭ ସର୍ତ୍ତାବଳୀ ଅଥବା ଟର୍ମସ ଅଫ୍ ରେଫରେନ୍ସ (ଟିଓଆର୍) କୁ ଅନୁମୋଦନ ଦେଇଛନ୍ତି। ଏହାପରେ ବର୍ତ୍ତମାନ ଆୟୋଗ ଗଠନ କରାଯିବ। ଏହାଛଡା ଗଠନର ୧୮ ମାସ ମଧ୍ୟରେ ଆୟୋଗ ତାଙ୍କର ସୁପାରିଶ ଦାଖଲ କରିବେ। ଏହାପରେ ନୂତନ ବେତନ ସ୍ତର ୨୦୨୬ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇପାରିବ। ତଥାପି, ପୂର୍ବ ଧାରାଗୁଡ଼ିକୁ ଦୃଷ୍ଟିରେ ରଖି, ସୁପାରିଶଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବାକୁ ୨୦୨୮ ପର୍ଯ୍ୟନ୍ତ ସମୟ ଲାଗିପାରେ। ଏହାର ଅର୍ଥ ହେଉଛି କର୍ମଚାରୀମାନେ ୧୭-୧୮ ମାସର ବକେୟା ପ୍ରାପ୍ୟ ଏକକାଳୀନ କିମ୍ବା କିସ୍ତିରେ ପାଇବେ। ଏହି ପଦକ୍ଷେପ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୯ ଲକ୍ଷ ପେନସନଭୋଗୀଙ୍କୁ ଲାଭ ଦେବ। ସରକାର ଜାନୁଆରୀ ୨୦୨୫ ରେ ବେତନ ଆୟୋଗ ଗଠନ ଘୋଷଣା କରିଥିଲେ। ସର୍ତ୍ତାବଳୀକୁ ଅନୁମୋଦନ ଦେବା ଏକ ଦଲିଲକୁ ବୁଝାଏ ଯାହା ଆୟୋଗଙ୍କ କାର୍ଯ୍ୟାଦେଶ, ଏହା କିପରି କାର୍ଯ୍ୟକାରୀ କରିବ, କେତେ ସମୟ ଲାଗିବ ଏବଂ ଏଥିରେ କିଏ ସବୁ ସାମିଲ ହେବ ତାହା ବର୍ଣ୍ଣନା କରିଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ୭ମ ବେତନ ଆୟୋଗ ୨୦୧୪ ▶ପୃଷ୍ଠା-୭

## ଭାରତୀୟ ଜିତିଲେ ୨୪୦ କୋଟିର ଲଟେରୀ



■ ଆବୁଧାବି, ୨୮।୧୦ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ରେ ରହୁଥିବା ଜଣେ ଭାରତୀୟଙ୍କ ଭାଗ୍ୟ ଖୋଲି ଯାଇଛି। ସେ ରାତାରାତି କୋଟିପତି ପାଲଟି ଯାଇଛନ୍ତି। ଅନିଲକୁମାର ବୋଲା ଆବୁଧାବିରେ ଶହେ ନିୟୁତ ଦିରହମ ତଥା ୨୪୦ କୋଟି ଟଙ୍କାର ଜ୍ୟାକପଟ୍ ଜିତିଛନ୍ତି। ଗତ ୧୮ ତାରିଖରେ ଅନୁଷ୍ଠିତ ୨୩ତମ 'ଲକି ଡେ ଡ୍ର'ରେ ଏହି ବଡ଼ ପୁରସ୍କାର ହାତେଇଛନ୍ତି। କେବଳ ମାଆଙ୍କ ଆଶୀର୍ବାଦ ଯୋଗୁଁ ଏପରି ସମ୍ଭବ ହୋଇଥିବା ବିଜେତା କହିଛନ୍ତି। ଏବେ ଅନିଲଙ୍କ ଜୀବନ ବଦଳି ଯାଇଛି। ଗତ ୧୮ ତାରିଖ ତାଙ୍କ ପାଇଁ ସୌଭାଗ୍ୟଶାଳୀ ପାଲଟି ଯାଇଛି। ଏହି ଅବସରରେ ଅନିଲ ଦେଇଥିବା ଏକ ସାକ୍ଷାତରକାରର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ଭିଡିଓରେ ଅନିଲ ପୁରସ୍କାର ଜିତୁଥିବା ଦେଖାଯାଉଛି। ସେ ଏହି ସଫଳତା ପଛରେ ଥିବା କାହାଣୀ ମଧ୍ୟ କହିଛନ୍ତି। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନିଲ କହୁଛନ୍ତି ଯେ ଏହି ଲଟେରି ଜିତିବା ପାଇଁ ସେ କୌଣସି ମ୍ୟାଜିକ କରି ନ ଥିଲେ। ସେ ସହଜରେ ଏକ ଟିକଟ ବାଛି ଥିଲେ। ତେବେ ଏହି ଟିକଟର ଶେଷ କ୍ରମିକ ସଂଖ୍ୟାଟି ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। କାରଣ ▶ପୃଷ୍ଠା-୭

## ଜମି ପାଇଁ ବାପାକୁ ଟାଙ୍ଗିଆରେ ହାଣି ହତ୍ୟା

ଉମରକୋଟ, ୨୮।୧୦ (ସମିସ): ଅଢ଼େଇ ଏକର ଜମି ପାଇଁ ୮୦ ବର୍ଷର ବୁଢ଼ା ବାପାକୁ ଟାଙ୍ଗିଆରେ ହାଣି ମାରିଦେଲା ପୁଅ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ବଡ଼ବାସିନୀ ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ସାଧୁ ରାଜଗଣ୍ଡ। ଉମରକୋଟ ପୁଲିସ ସାଧୁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବିଶ୍ୱନାଥକୁ ଗିରଫ କରିଛି।

ସୂଚନାନୁସାରେ, ସାଧୁଙ୍କ ୨ଟି ପତ୍ନୀ ଅଛନ୍ତି। ବିଶ୍ୱନାଥ ପ୍ରଥମ ପତ୍ନୀଙ୍କ ପୁଅ ହୋଇଥିବା ବେଳେ ଦ୍ୱିତୀୟ ପତ୍ନୀଙ୍କ ଗୋଟିଏ ଝିଅ ରହିଛି। ସାଧୁଙ୍କ ୫ ଏକର ଜମି ଥିଲା। ପୁଅକୁ ୨.୫୦ଏକର ଜମି ଚାଷ ପାଇଁ ଦେଇଥିବା ବେଳେ ବଳକା ୨.୫୦ ଏକର ଜମି ଅନ୍ୟ ଲୋକଙ୍କ ଦ୍ୱାରା ନିଜେ ଚାଷ କରାଉଥିଲେ। କିନ୍ତୁ ସବୁ ଜମି ଦେଇଦେବା ପାଇଁ ସାଧୁଙ୍କ ସହ ପ୍ରାୟ ସମୟରେ ଗଣ୍ଡଗୋଳ କରୁଥିଲା ବିଶ୍ୱନାଥ। ଗତ କିଛି ଦିନ ହେବ ବାପା-ପୁଅଙ୍କ ଭିତରେ ତିକ୍ତତା ବଢ଼ି ଯାଇଥିଲା। ଗତରାତିରେ ସାଧୁ ଶୋଇଥିବା ବେଳେ ବିଶ୍ୱନାଥ ଏକ ଟାଙ୍ଗିଆରେ ତାଙ୍କ ଛାତି, ହାତ ଓ ଜଙ୍ଘକୁ ହାଣି ପକାଇଥିଲା। ସାଧୁଙ୍କ ଚିତ୍କାର ଶୁଣି ବିଶ୍ୱନାଥ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ଝିଅ ଲକ୍ଷ୍ମୀ ଦୁରୁଆ(୩୦) ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବାପାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସାଧୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଉମରକୋଟ ପୁଲିସ ବିଶ୍ୱନାଥକୁ ଗିରଫ କରିଛି ବୋଲି ଉମରକୋଟ ଆଇଆଇସି ରମା କାନ୍ତ ସାଏ ସୂଚନା ଦେଇଛନ୍ତି।

## ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ମାଷ୍ଟରମାଇଣ୍ଡ

■ କୋଲକାତା, ୨୮।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗ ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୫ ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଆଜି ଏସଂକ୍ରାନ୍ତ ଟିଆଇ ପରେଡ୍ ରିପୋର୍ଟ ଦୁର୍ଗାପୁର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ସମଗ୍ର ଦୁଷ୍କର୍ମ ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି।

ପୀଡ଼ିତା ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀ। ଗତ ଅକ୍ଟୋବର ୧୦ ତାରିଖ ରାତିରେ ହୋଇଥିବା ଗଣଦୁଷ୍କର୍ମରେ ତାଙ୍କର ପୁରୁଷ ବନ୍ଧୁ ଓ ଅନ୍ୟ ୫ ଜଣ ସାମିଲ ଥିଲେ। ପୀଡ଼ିତାଙ୍କ ଓକିଲ ପାର୍ଥ ଘୋଷ କହିଛନ୍ତି,



ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛି ଫିରଦୋସ ଶେଖ୍। ଅନ୍ୟ ୫ ଜଣଙ୍କୁ ଏଥିରେ ସହଅଭିଯୁକ୍ତ କରାଯାଇଛି। ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଲାଗି ପୁରୁଷ ବନ୍ଧୁ ହିଁ ଷଡ଼ଯନ୍ତ୍ର ରଚନା କରିଥିଲା ବୋଲି ଘୋଷ କହିଛନ୍ତି।

ଆଜି କୋର୍ଟରେ ଟିଆଇ ପରେଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଭିଡିଓ କନଫେରେନସିଂ ଜରିଆରେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତମାନଙ୍କ ତରଫରୁ କୌଣସି ଓକିଲ ମାମଲା ଲଢ଼ୁ ନ ଥିବାରୁ ସେମାନେ ନିଜ ଆଡୁ ଜାମିନ ଆବେଦନ କରିଥିଲେ। କୋର୍ଟ ସେମାନଙ୍କର ଆବେଦନକୁ ନାମଞ୍ଜୁର କରିବା ସହିତ ବିଚାର ବିଭାଗୀୟ ହାଜତ ମିଆଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପୁଲିସକୁ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ ବୋଲି ବିଚାରପତି କହିଥିଲେ। ଆସନ୍ତା ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହାପୂର୍ବରୁ ଚାର୍ଜସିଟ୍ ଦାଖଲ କଲେ ଭଲ। ଚାର୍ଜସିଟର କପି ସମସ୍ତ ପକ୍ଷଙ୍କୁ ଦିଆଯିବା ପରେ କୋର୍ଟରେ ଚାର୍ଜଫ୍ରେମ ହେବ। ଏହାପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି କୋର୍ଟ କହିଥିଲେ।


### ୩୧ ଯାଏଁ ବଢ଼ିଲା ହାଜତ ମିଆଦ

ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖ ରାତିରେ ଦୁର୍ଗାପୁରର ଏହି ଘରୋଇ ମେଡିକାଲ କଲେଜ ବାହାରକୁ ପୀଡ଼ିତାଙ୍କୁ ଡାକିନେଇଥିଲା ତାଙ୍କର ସହପାଠୀ ତଥା ପୁରୁଷ ବନ୍ଧୁ। ଖାଇବା ବାହାନାରେ ପୀଡ଼ିତାଙ୍କୁ ସେ ମେଡିକାଲ ନିକଟବର୍ତ୍ତୀ ଜଙ୍ଗଲିଆ ଅଞ୍ଚଳକୁ ନେଇଯାଇଥିଲା। ପୂର୍ବରୁ ସେଠାରେ ଅପେକ୍ଷାରେ ଥିବା ଅନ୍ୟ ୫ ଜଣ ପୀଡ଼ିତାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଏହି ଜଘନ୍ୟ ▶ପୃଷ୍ଠା-୭


ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଆନ୍ଧ୍ର ପ୍ରଦେଶର କାକିନାଡ଼ାରେ ଭୀଷଣ ବର୍ଷା । ପାଣି ଘେରରେ ଉପକୂଳିଆ ଅଞ୍ଚଳ

# ଜାମାଇକାରେ ମାଡ଼ ହେବ ବିଶ୍ୱର ଭୟଙ୍କର ତୋଫାନ 'ମେଲିସା'

ୱାସିଂଟନ, ୨୮।୧୦ (ଏଜେନ୍ସି): କାରିବିଆନ ଦେଶ ଜାମାଇକା ଅଭିମୁଖେ ବଡ଼ ବିପଦ ମାଡ଼ି ଚାଲିଛି । ବିପଦର ନାମ 'ମେଲିସା' । ଏହା ଚଳିତ ବର୍ଷର ସବୁଠାରୁ ଭୟଙ୍କର ଝଡ଼ ତୋଫାନ ପାଲଟି ଯାଇଛି । ଏହା ମଙ୍ଗଳବାର ରାତିରେ ଜାମାଇକା ଉପକୂଳରେ ସ୍ଥଳଭାଗ ଛୁଇଁପାରେ । ଏହା ପୂର୍ବରୁ ମେଲିସା ହାଇତି ଏବଂ ଡୋମିନିକାନ ରିପବ୍ଲିକାନରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଏହା ଜାମାଇକା, ହାଇତିରେ ୩ ଜଣ ଲେଖାଏଁ ଡୋମିନିକାନରେ ଜଣଙ୍କ ଜୀବନ ନେଇଛି । ଏହାର ପ୍ରଭାବରେ ଭୀଷଣ ବର୍ଷା ଏବଂ ଭୟଙ୍କର ପବନ ହେଉଛି । ଏହାକୁ ନେଇ ଆମେରିକା ପାଣିପାଗ ବିଜ୍ଞାନୀ ବଡ଼ ଚେତାବନୀ ଦେଇଛନ୍ତି । ମେଲିସା ବିନାଶକାରୀ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଇଛି । ଏବେ ମେଲିସା ଘଣ୍ଟା ପ୍ରତି ୨୮୨ କିମି ବେଗରେ ଆଗକୁ ବଢ଼ି ଚାଲିଛି । ଏହା ପଞ୍ଚମ ଶ୍ରେଣୀର ଝଡ଼ ପାଲଟି ଯାଇଛି । ଏହା ସବୁଠାରୁ ବିପଜ୍ଜନକ ଶ୍ରେଣୀରେ ଯାଉଛି । ଏହା ମଙ୍ଗଳବାର ସନ୍ଧ୍ୟାରେ ଜାମାଇକା ଉପକୂଳରେ ମାଡ଼ ହୋଇପାରେ । ବାତ୍ୟାର ଭୟବହତାକୁ ଦେଖି କ୍ୟୁବାରୁ ୬ ଲକ୍ଷ ଏବଂ ଜାମାଇକାରୁ ୨୮ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି ।



ଅନ୍ୟପକ୍ଷରେ ଆମେରିକା ବାୟୁସେନା ରିଜର୍ଭର ୪୦୩ତମ ଶାଖା 'ହୁରିକେନ ହଣ୍ଟର୍ସ' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି । ଏଥିରେ ଝଡ଼ତୋଫାନର ମଧ୍ୟଭାଗର ଦୃଶ୍ୟ ଦେଖିବାକୁ ମିଳୁଛି । ଭୟଙ୍କର ମେଘମାଳ ଯାଉଥିବା ଦେଖାଯାଉଛି । ଜାମାଇକା ଅଭିମୁଖେ ମେଲିସା ବଢୁଥିବାବେଳେ ରବିବାର ଏହି ଭିଡିଓ ସୁଟିଂ କରାଯାଇଥିଲା । ଶନିବାର ଏହି ଝଡ଼ ତୋଫାନ ୧୨୦ କିମି ବେଗରେ ଗତି କରୁଥିଲା । ମାତ୍ର ୨୪ ଘଣ୍ଟା ଭିତରେ ରବିବାର ରାତି ସୁଦ୍ଧା ଏହା ୨୨୫ ବେଗରେ ଗତି କରିବାକୁ ଲାଗିଥିଲା । ସୋମବାର ରାତିରେ ଏହାର ବେଗ ୨୬୦ କିମି ଛୁଇଁ ଥିଲା । ତେଣୁ ଏହା ପଞ୍ଚମ ଶ୍ରେଣୀର ଝଡ଼ ହୋଇଥିଲା । ଏହି ଶ୍ରେଣୀରେ ସାମିଲ ଝଡ଼ର ଘଣ୍ଟା ପ୍ରତି ବେଗ ୨୫୨ କିମିରୁ ଅଧିକ ହୋଇଥାଏ । ଏହାର ବେଗ ଏତେ ଅଧିକ ହୋଇଥାଏ ଯେ ମଜବୁତ ସିମେଣ୍ଟ କଂକ୍ରିଟକୁ ବି କ୍ଷତିଗ୍ରସ୍ତ କରିଦେଇଥାଏ । ବଡ଼ ବଡ଼ ଗଛକୁ ଉପାଡ଼ି ଦେଇଥାଏ । ବିଦ୍ୟୁତ ଏବଂ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥାଏ । ସମୁଦ୍ରରୁ ବଡ଼ ବଡ଼ ଲହରୀ ଆସିଥାଏ ।

# ଇରାନରେ ବନ୍ଦୀ ହୋଇଥିବା ୪ ଭାରତୀୟ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଇରାନରେ ବନ୍ଦୀ ୪ ଭାରତୀୟ ନାଗରିକ ମଙ୍ଗଳବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି । ଏମାନେ ଗୁଜରାଟର ବାସିନ୍ଦା । ସମସ୍ତେ ଆଜି ସ୍ୱଦେଶ ଫେରିଛନ୍ତି । ମନସା ବିଧାୟକ ଜେଏସ ପଟେଲ ଏହି ସୂଚନା ଦେଇଛନ୍ତି । ଏହି ୪ ଜଣ ବେଆଇନ ଭାବେ ଆମେରିକା ଯିବାକୁ ପ୍ରୟାସ କରୁଥିଲେ । ଏହି ସମୟରେ ଇରାନର ତେହରାନ ବିମାନବନ୍ଦରରେ ସେମାନଙ୍କୁ ଅପହରଣ କରି ନିଆଯାଇଥିଲା । ଅପହରଣକାରୀମାନେ ଏହି ଭାରତୀୟଙ୍କୁ ବନ୍ଦୀ ବନାଇ ପରିବାର ଲୋକଙ୍କୁ ୨ କୋଟି ଟଙ୍କା ଲେଖାଏଁ ମାଗିଥିଲେ । ଏ ନେଇ ପରିବାର ସଦସ୍ୟଙ୍କୁ ଏକ ଭିଡିଓ ପଠା ଯାଇଥିଲା । ଏଥିରେ ୪ ଜଣଙ୍କୁ ଉଲଗ୍ନ କରି ମୁହଁ ବାନ୍ଧି ତଳେ ବସାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଭାରତ ସରକାରଙ୍କ ମାମଲାରେ ହସ୍ତକ୍ଷେପ କରିଥିଲେ । ଇରାନ ସରକାର ଚାରି ଜଣଙ୍କୁ ବନ୍ଦୀଙ୍କ କବଳରୁ ମୁକ୍ତ କରିଥିଲେ । ଏବେ ସମସ୍ତେ ଟ୍ରେନରେ ଗୁଜରାଟ ଫେରିବେ । ଅପହୃତଙ୍କ ମଧ୍ୟରେ ଜଣେ ମହିଳା ଏବଂ ତିନି ପୁରୁଷ ସାମିଲ ଅଛନ୍ତି । ତିନି ଜଣ ଗାନ୍ଧୀନଗରର ହୋଇଥିବାବେଳେ ଅନ୍ୟ ଜଣେ ବଡପୁରାର ବାସିନ୍ଦା ଥିଲେ ।

# ଇସ୍ରାଏଲ-ପାକିସ୍ତାନ ମଧ୍ୟରେ ଗୁପ୍ତ ଚୁକ୍ତି

ଇସଲାମାବାଦ, ୨୮।୧୦ (ଏଜେନ୍ସି): ପାକିସ୍ତାନ ସହ ଭାରତର ବନ୍ଧୁ ରାଷ୍ଟ୍ର ଇସ୍ରାଏଲ ଗୁପ୍ତ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତି ଅଧିନରେ ଗାଜାକୁ ପାକିସ୍ତାନ ୨୦ ହଜାର ସୈନ୍ୟ ପଠାଇବ । ଏହି ସୈନ୍ୟ ହମାସ ଠାରୁ ଅସ୍ତ୍ରଶସ୍ତ୍ର ଆଣି ଆତ୍ମସମର୍ପଣ କରାଇବେ ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବେ । ଏହି ପାକିସ୍ତାନୀ ସୈନିକ ଇଣ୍ଟରନ୍ୟାସନାଲ ଷ୍ଟାବିଲାଇଜେସନ ଫୋର୍ସ (ଆଇଏସଏଫ)ର ଅଂଶ ହେବେ । ଏମାନେ ହିଁ ଗାଜାରେ ଶାନ୍ତି ଚୁକ୍ତିକୁ କାର୍ଯ୍ୟକାରୀ କରିବେ । ଏହାକୁ ନେଇ ଇଜିପ୍ଟର ରାଜଧାନୀ କାଇରୋରେ ଏକ ଗୁପ୍ତ ବୈଠକ ହୋଇଥିଲା । ଏଥିରେ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ମୋସାଦର ବଡ଼ ଅଧିକାରୀଙ୍କ ସହ ପାକିସ୍ତାନ ଏବଂ ଆମେରିକା ଗୁଇନ୍ଦା ଅଧିକାରୀ ସାମିଲ ହୋଇଥିଲେ । ତେବେ ତୁର୍କୀ, ଅଜରବୈଜାନ ଏବଂ କାତାର ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପାକିସ୍ତାନ ସୈନିକ ଗାଜାରେ ମୁତୟନ ହୁଅନ୍ତୁ ବୋଲି ଏହି ଦେଶ ଚାହୁଁନାହାନ୍ତି । ପାକିସ୍ତାନ ସହ ତୁର୍କୀର ଘନିଷ୍ଠ ସମ୍ବନ୍ଧ ରହିଛି । ଏହା ସତ୍ତ୍ୱେ ବି ତୁର୍କୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହିଁ । ତେଣୁ ଚୁପ୍ ରହିଛି ।

# କୋଭିଡରେ ମୃତ ଘରୋଇ ଡାକ୍ତରଙ୍କୁ ମିଳୁ ସରକାରୀ ବୀମାର ଲାଭ



■ ସୁପ୍ରିମକୋର୍ଟରେ ଡାକ୍ତରଙ୍କୁ କରୋନା କ୍ଷତିପୂରଣ ପ୍ରଦାନ ମାମଲା

■ ଡାକ୍ତରଙ୍କ ଧ୍ୟାନ ରଖିବା ଆମ ଦାୟିତ୍ୱ, ନହେଲେ ସମାଜ କ୍ଷମା ଦେବନାହିଁ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଯଦି ନ୍ୟାୟପାଳିକା ଡାକ୍ତରଙ୍କ ଧ୍ୟାନ ରଖିବେ ନାହିଁ ଏବଂ ତାଙ୍କ ସହ ଛିଡାହେବ ନାହିଁ ତେବେ ସମାଜ ଆମକୁ କେବେ କ୍ଷମା କରିବ ନାହିଁ । କରୋନା ସମୟରେ ପ୍ରାଣ ହରାଇଥିବା ଘରୋଇ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାରୀ ବୀମା ଯୋଜନାର ଲାଭ ଦେବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ଏହି ଟିପ୍ପଣୀ ଦେଇଛନ୍ତି । ଜଷ୍ଟିସ ପି ଏସ ନରସିହ୍ମା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ବୀମା କମ୍ପାନୀଗୁଡ଼ିକ ବୈଧ ଦାବି ଗୁଡିକର ସମାଧାନ ସହ ଅର୍ଥ ପ୍ରଦାନ କରିବା ଉଚିତ । ସରକାର ଏହା ସୁନିଶ୍ଚିତ କରିବା ଆବଶ୍ୟକ । ଘରୋଇ ଡାକ୍ତର କେବଳ ଲାଭ ପାଇଁ କାମ କରୁଛନ୍ତି ବୋଲି ଭାବିବା ଭୁଲ୍ । କରୋନା ସମୟରେ ଲୋକଙ୍କ ସେବା କରି ପ୍ରାଣ ହରାଇଥିବା ଘରୋଇ ଡାକ୍ତରଙ୍କ ବୀମା ଦାବି ଖାରଜ କରିବା ଅନୁଚିତ । ଖାଲି ସେ ଘରୋଇ ଡାକ୍ତରଖାନାରେ କାମ କରୁଥିବା କହି ପରିବାରର ବୀମା ଦାବି ଖାରଜ କରିବା ଭୁଲ୍ ହେବ । କରୋନା ମୁକାବିଲା ପାଇଁ ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଏବଂ ଯଦି କରୋନାରେ ଡାକ୍ତର ପ୍ରାଣ ହରାଇଛନ୍ତି ତେବେ ବୀମା ବାବଦ ଅର୍ଥ ପ୍ରଦାନ କରିବା ପାଇଁ କେନ୍ଦ୍ର ବୀମା କମ୍ପାନୀକୁ କହିବା ଉଚିତ ।

ପ୍ରଧାନମନ୍ତ୍ରୀ ବୀମା ଯୋଜନା ବ୍ୟତୀତ ଏଭଳି ଆଉ କ'ଣ ଯୋଜନା ଅଛି ତାହାର ସୂଚନା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ମାମଲାର ସମାଧାନ ପାଇଁ ବୀମା କମ୍ପାନୀଙ୍କ ନିମନ୍ତେ ଏକ ନିୟମ ଧାର୍ଯ୍ୟ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ଆଧାରରେ ବୀମା କମ୍ପାନୀ ଆଗାମୀ ଦାବିଗୁଡିକର ସମାଧାନ କରିବେ । ପ୍ରଦୀପ ଆରୋରା ଏବଂ ଅନ୍ୟ ଲୋକମାନଙ୍କ ଆବେଦନ ଉପରେ ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି । ଏଥିରେ ୨୦୨୧ ମାର୍ଚ୍ଚ ୯ରେ ବମ୍ବେ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ସେତେବେଳେ ହାଇକୋର୍ଟ କହିଥିଲେ ଯେ ଯଦି ସରକାର ଆନୁଷ୍ଠାନିକ ଭାବେ ଘରୋଇ ଡାକ୍ତରଙ୍କୁ ସେବା ମାଗିଥିବେ ତେବେ ଘରୋଇ ହସ୍ପିଟାଲର ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ବୀମା ଲାଭ ମିଳିବ । ଏହା କିରନ ଭାସ୍କର ସୁର୍ଗଡେଙ୍କ ମାମଲା ସମ୍ବନ୍ଧିତ । ସେ ୨୦୨୦ ମାର୍ଚ୍ଚରେ କରୋନାରେ ନିଜ ସ୍ୱାମୀଙ୍କୁ ହରାଇ ଥିଲେ । ତାଙ୍କ ସ୍ୱାମୀ ଥାନେରେ ଏକ ଘରୋଇ କ୍ଲିନିକ ଚଳାଉ ଥିଲେ । ତାଙ୍କ କ୍ଲିନିକ ମାନ୍ୟତା ପ୍ରାପ୍ତ କରୋନା ହସ୍ପିଟାଲ ହୋଇ ନ ଥିବା କହି ବୀମା ଦାବିକୁ କମ୍ପାନୀ ଖାରଜ କରି ଦେଇଥିଲା । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ (ପିଏମଜେକେପି) ୨୦୨୦ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା । ଏହି ଯୋଜନା ଅଧିନରେ କରୋନା କାର୍ଯ୍ୟରେ ମୁତୟନ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯାଇଥିଲା । କରୋନାରେ ମୃତ୍ୟୁହେଲେ ପରିବାର ସଦସ୍ୟଙ୍କୁ ଏହି ରାଶି ପ୍ରଦାନ କରାଯାଉଥିଲା ।

# ସରକାରୀ ଚାକିରୀ, ପେନସନ୍, ମାଗଣା ବିଜୁଳି

■ ବିହାର ପାଇଁ ତେଜସ୍ୱୀଙ୍କ ପ୍ରତିଶ୍ରୁତି

■ ମଞ୍ଚରେ ଦେଖାଗଲେନି ବିହାର କଂଗ୍ରେସ ଅଧ୍ୟକ୍ଷ ଓ ପ୍ରଭାରୀ

ପାଟନା, ୨୮।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ 'ଇଣ୍ଡିଆ'ର ନେତା ମଙ୍ଗଳବାର ଘୋଷଣାପତ୍ର ଜାରି କରିଛନ୍ତି । ଏହାର ନାମ 'ତେଜସ୍ୱୀ କା ପ୍ରଣ' ରଖାଯାଇଛି । ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଏହାକୁ ଜାରି କରିଛନ୍ତି । ଏଥିରେ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଛି । ସରକାର ଗଠନର ୨୦ ମାସ ମଧ୍ୟରେ ପ୍ରତ୍ୟକ ପରିବାରରୁ ଜଣକୁ ସରକାରୀ ଚାକିରି ଦେବାକୁ ଘୋଷଣା କରାଯାଇଛି । ଏହାକୁ ସାକାର କରିବା ପାଇଁ ସରକାର ଗଠନର ୨୦ ଦିନ ଭିତରେ ନିୟମ ପ୍ରସ୍ତୁତ କରାଯିବ । ଏହି ଘୋଷଣାପତ୍ରରେ ଯୁବ ଗୋଷ୍ଠୀ, ମହିଳା, ଠିକା କର୍ମଚାରୀ, ପୁରୁଣା ପେନସନଧାରକ, ଚାଷୀ ଏବଂ ଗରିବ ପରିବାର ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି ।



ଏହା ଜାରି କରି ତେଜସ୍ୱୀ କହିଥିଲେ ଯେ ଆମେ କେବଳ ସରକାର ନୁହେଁ, ବରଂ ବିହାର ଗଠନ ପାଇଁ କାମ କରିବୁ । ଆଜି ମହାମେଣ୍ଟର ସବୁ ସହଯୋଗୀ ମିଶି ଲୋକଙ୍କ ସାମ୍ନାରେ ଘୋଷଣାପତ୍ର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ତେଜସ୍ୱୀ ନିଶାଣ କରିଛନ୍ତି । କଟାକ୍ଷ କରି ତେଜସ୍ୱୀ କହିଥିଲେ ଯେ ସେ ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ପ୍ରତି ସହାନୁଭୂତି ରଖିଛନ୍ତି । ବିଜେପି ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ନୀତୀଶଙ୍କୁ କଣ୍ଢେଇ କରି ରଖିଛନ୍ତି । କେବଳ ତାଙ୍କ ଚେହେରାକୁ ବ୍ୟବହାର କରୁଛନ୍ତି ।

ତେଜସ୍ୱୀଙ୍କ ଏହି ପଣରେ ଲୋକଙ୍କ ପାଇଁ ମାଗଣା ଘୋଷଣାର ବନ୍ୟା କରାଯାଇଛି । ଏଥିରେ ୫ଟି ପ୍ରମୁଖ ଘୋଷଣା ରହିଛି । ସେଗୁଡିକ ହେଲା ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ମାଗଣା ବିଜୁଳି । ପ୍ରତିଯୋଗିତାମୂଳକ ପରୀକ୍ଷାର ଫର୍ମ ଏବଂ ପରୀକ୍ଷା ଶୁଳ୍କ ମାଗଣା କରାଯିବ । ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଗଣା ହେବ । ସରକାରୀ ବସ୍‌ରେ ମହିଳା ମାଗଣାରେ ଯାତ୍ରା କରିବେ । ପରିକ୍ଷାର୍ଥୀଙ୍କୁ ମାଗଣାରେ କୋଚିଂ ଦିଆଯିବ । ଏହା ବ୍ୟତୀତ ସବୁ 'ଜୀବିକା ସିଏମ୍ ଦିଦି'ଙ୍କୁ ସରକାରୀ କରାଯିବ ଏବଂ ମାସକୁ ୩୦ ହଜାର ଟଙ୍କା ଦିଆଯିବ । 'ମାଇ-ବହିନ ମାନ ଯୋଜନା'ରେ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ଲେଖାଏଁ ୫ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

ତେବେ ଏହି ମଞ୍ଚରେ କିଛି ନେତାଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଲାଗି ରହିଛି । ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀଙ୍କ ସହ କଂଗ୍ରେସର ରାଜ୍ୟସଭା ସାଂସଦ ଅଖିଳେଶ ସିଂହ ଏବଂ ରାଷ୍ଟ୍ରୀୟ ପ୍ରବକ୍ତା ପବନ ଖେଡ଼ା ଉପସ୍ଥିତ ଥିବା ବେଳେ ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ କିମ୍ବା ପ୍ରଭାରୀ କୃଷ୍ଣା ଅଲାବାରୁଙ୍କୁ ଦେଖିବାକୁ ମିଳି ନ ଥିଲା । ଏଥିରୁ ଜଣାପଡୁଛି ଯେ ମହାମେଣ୍ଟରେ ସବୁକିଛି ଠିକ୍ ଚାଲିନାହିଁ ।

# ପ୍ରଶାନ୍ତ କିଶୋରଙ୍କ ପାଖରେ ୨ଟି ଭୋଟର କାର୍ଡ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି):ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି । ବିହାର ଉପ-ମୁଖ୍ୟମନ୍ତ୍ରୀଙ୍କ ପରେ ପ୍ରଶାନ୍ତ କିଶୋରଙ୍କ ପାଖରେ ଦୁଇ ଦୁଇଟି ଭୋଟର କାର୍ଡ ଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗ ଏବଂ ବିହାରର ଭୋଟର ଭାବେ ସେ ପଞ୍ଜିକୃତ ହୋଇଛନ୍ତି । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ୧୨୧, କାଳୀଘାଟ ରୋଡର ଭୋଟର ତାଲିକାରେ ତାଙ୍କ ନାମ ରହିଛି । ଏହା କୋଲକାତାର ଭବାନିପୁର ବିଧାନସଭା କ୍ଷେତ୍ରରେ ଥିବା ଟିଏମ୍‌ସି ମୁଖ୍ୟାଳୟର ଠିକଣା । ଏହା ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ନିର୍ବାଚନ କ୍ଷେତ୍ର । ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ରାଜନୈତିକ ପରାମର୍ଶଦାତା ଭାବେ ପ୍ରଶାନ୍ତ କିଶୋର କାମ କରିଥିଲେ । ସେହିପରି ବିହାର ରୋହତାସ ଜିଲ୍ଲା ସାସାରାମ ସଂସଦୀୟ କ୍ଷେତ୍ରର କରଗାହର ଠିକଣାରେ ପ୍ରଶାନ୍ତଙ୍କ ଆଉ ଏକ ଭୋଟର ଆଇଡି ରହିଛି । ଏହାର ମତଦାନ କେନ୍ଦ୍ରଟି କୋନାର ମଧ୍ୟ ବିଦ୍ୟାଳୟରେ ରହିଛି । ନିର୍ବାଚନ କମିଶନ ଏହି ମାମଲାକୁ ଗୁରୁତର ସହ ନେଇ ପ୍ରଶାନ୍ତ କିଶୋରଙ୍କୁ ନୋଟିସ ଜାରି କରିଛନ୍ତି । ତିନି ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୫୦ର ଲୋକ ପ୍ରତିନିଧି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦୁଇଟି ଭୋଟର କାର୍ଡ ରଖିପାରିବେ ନାହିଁ ।



# ଦିଲ୍ଲୀରେ କ୍ଲାଉଡ୍ ସିଡିଂ ଫେଲ୍ !

## ୪ ଘଣ୍ଟା ପରେ ବି ହେଲାନି ବର୍ଷା

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଦିଲ୍ଲୀରେ ପ୍ରଦୂଷଣ ସ୍ତର କମିବାର ନା ଧରୁନାହିଁ । ବାୟୁ ମାନ ସୂଚକାଙ୍କ କ୍ରମାଗତ ଭାବେ ବିପଜ୍ଜନକ ସ୍ତରରେ ରହିଛି । ରାଜଧାନୀ ବାୟୁ ଅତ୍ୟନ୍ତ ଖରାପ ଶ୍ରେଣୀକୁ ଚାଲିଯାଇଛି । ଏଥିରୁ ଦିଲ୍ଲୀବାସୀଙ୍କୁ ନିର୍ଯାତ ଦେବା ପାଇଁ କ୍ଲାଉଡ ସିଡିଂ କରାଯାଇଛି । ମଙ୍ଗଳବାର ହେଲିକପ୍ଟର ମାଧ୍ୟମରେ ବାଦଲ ଉପରେ କେମିକାଲ ପକାଯାଇଛି । ଆଜି ଦ୍ୱିପହରେ କାନପୁରର ସ୍ୱତନ୍ତ୍ର ବିମାନ 'ସେସନା' ଉଡ଼ାଣ ଆରମ୍ଭ କରିଥିଲା । ଏହା ଖେକଡ଼ା, ବୁରାଡ଼ି, ମୟୁର ବିହାର ଅଞ୍ଚଳରେ ୬ ହଜାର ଫୁଟ ଉପରୁ ରାସାୟନିକ ପକା ଯାଇଥିଲା । ଏହାର ଚାରି ଘଣ୍ଟା ଭିତରେ ଯେକୌଣସି ସମୟରେ ବର୍ଷା ହୋଇପାରେ ବୋଲି ଆଇଆଇଟି କାନପୁର ଏବଂ ଦିଲ୍ଲୀ ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ସମସ୍ତେ ଏହି ବର୍ଷାକୁ ଚାତକ ପରି ଚାହିଁ ରହିଥିଲେ । କିନ୍ତୁ ଚାରି ଘଣ୍ଟାରୁ ଅଧିକ ସମୟ ବିତିବା ପରେ ବି ବର୍ଷାର ଦେଖା ମିଳି ନ ଥିଲା । ରାତି ସାତଟା ସୁଦ୍ଧା ଏହି ଅଞ୍ଚଳର କୌଣସି ସ୍ଥାନରେ ଟୋପେ ବର୍ଷା ହୋଇ ନ ଥିଲା । ଦିଲ୍ଲୀ ପରିବେଶ ମନ୍ତ୍ରୀ ହରମିତ ସିଂହ ସିର୍ସା କହିଥିଲେ ଯେ ଦ୍ୱିତୀୟ ଥର ପାଇଁ ଏପରି ପରୀକ୍ଷଣ କରାଯାଇଛି । ଆଜି ବିମାନ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ କ୍ଲାଉଡ ସିଡିଂ କରିଥିଲା । ଏହି ସମୟରେ ୮ ଫ୍ଲେୟର୍ସ ଛଡ଼ା ଯାଇଥିଲା । ଏହାର ଓଜନ ୨ରୁ ଅଢେଇ କେଜି ମଧ୍ୟରେ ହେବ । ଯଦି ପାଣିପାଗ ଠିକ୍ ରହିଲା ତେବେ ଦିନକୁ ୯ରୁ ୧୦ ଥର କ୍ଲାଉଡ ସିଡିଂ କରାଯିବ । ଆଇଆଇଟି କାନପୁର ପକ୍ଷରୁ ଏହି ବ୍ୟବସ୍ଥା ବିକଶିତ କରାଯାଇଛି ।

ଅନ୍ୟପକ୍ଷରେ ଦିଲ୍ଲୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର କଠୋର ପଦକ୍ଷେପ ନେଇଛନ୍ତି । ନଭେମ୍ବରରୁ ଦିଲ୍ଲୀରେ ବିଏସ୍-୪ ଗାଡ଼ି ପ୍ରବେଶ ଉପରେ କଟକଣା ଲଗାଇ ଦିଆଯାଇଛି । ବିଏସ-୬ ଅନୁକୂଳ ହୋଇ ନ ଥିବା ଗାଡ଼ିଗୁଡିକୁ ରାଜଧାନୀରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ । ତେବେ ଆଜି ଦିଲ୍ଲୀ ବାୟୁ ମାନରେ ସାମାନ୍ୟ ସୁଧାର ଆସିଛି । ମଙ୍ଗଳବାର ଏକ୍ୟୁଆଇ ୩୦୬ ରେକର୍ଡ କରାଯାଇଛି । ସୁଧାର ସତ୍ତ୍ୱେ ବାୟୁ ଏବେ ବି ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀର ପ୍ରଦୂଷଣ ମାପ କରୁଥିବା କେନ୍ଦ୍ରର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ପ୍ରଦୂଷଣ ମାପକ ଯନ୍ତ୍ର ଲାଗିଥିବା ସ୍ଥାନର ଚାରିପାଖରେ ବୁଲି ଟ୍ରକ୍‌ଗୁଡିକ ପାଣି ସିଞ୍ଚୁ ଥିବା ଦେଖାଯାଉଛି । ଦିନ ଯାକ ଏପରି କରାଯାଉଛି । ଭିଡିଓରେ ଦାବି କରାଯାଉଛି ଯେ ଏହି ସ୍ଥାନରୁ ସାରା ଦିଲ୍ଲୀରେ ପ୍ରଦୂଷଣ ସ୍ତର ମାପ କରାଯାଇଥାଏ । ଏହାର ଆଖପାଖକୁ ଥଣ୍ଡା ରଖିଲେ ପ୍ରଦୂଷଣ ସ୍ତର କମ୍ ଦେଖାଇ ଥାଏ ବୋଲି କୁହାଯାଉଛି । ତେଣୁ ପ୍ରଦୂଷଣ ରୋକିବା ପରିବର୍ତ୍ତେ ଦିଲ୍ଲୀ ସରକାର ଏଭଳି ଅଭିନବ ଉପାୟ ଅବଲମ୍ବନ କରୁଥିବା ଚର୍ଚ୍ଚା ହେଉଛି ।

# ଚର୍ଚ୍ଚାରେ ୧୫ କୋଟିର ଘୋଡ଼ା



ଆଜମେର, ୨୮।୧୦ (ଏଜେନ୍ସି): ଆଜମେରର ପୁଷ୍କରରେ ପଶୁ ମେଳା ଲାଗିଛି । ଏହି ମେଳା ପଡ଼ିଆରେ ଘୋଡ଼ାଙ୍କ ଗହଳି ଲାଗିଛି । ପଞ୍ଜାବ, ହରିୟାଣାରୁ ଆସିଥିବା ଘୋଡ଼ା ମାଲିକ ବିଳାଶପୂର୍ଣ୍ଣ ଟେଣ୍ଟରେ ନିଜ ଘୋଡ଼ାଙ୍କ ସହ ବିଶ୍ରାମ ନେଉଛନ୍ତି । ଆଉ ଏହି ଟେଣ୍ଟ ବାହାରେ ମହଙ୍ଗା ଗାଡ଼ିର ଧାଡ଼ି ଲାଗିଛି । ତେବେ ଏହି ମେଳାରେ ଧଳାର ରଙ୍ଗ ଘୋଡ଼ା 'ଶାବାଜ'କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଛି । କାରଣ ଏହି ଘୋଡ଼ାର ମୂଲ୍ୟ ୧୫ କୋଟି ଟଙ୍କା । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଶାବାଜର ବ୍ରିଡିଂ ପାଇଁ ୨ ଲକ୍ଷ ଟଙ୍କା ଦେବାକୁ ପଡୁଛି । ଯିଏ ଏହା ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ଏହି ଘୋଡ଼ା ୬ଟି ଶୋ' ଜିତିଲାଣି । ସେହିପରି ଏହି ମେଳାକୁ ୫ ବର୍ଷୀୟ ଘୋଡ଼ା 'ବାଦଲ' ପହଞ୍ଚିଛି । ସେ ଏ ପର୍ଯ୍ୟନ୍ତ ୨୮୫ ଶାବକଙ୍କ ପିତା ପାଲଟି ଗଲାଣି । ଏହାର ମୂଲ୍ୟ ୧୧ କୋଟି ପର୍ଯ୍ୟନ୍ତ ଗଲାଣି । କିନ୍ତୁ ବାଦଲକୁ ବିକିବାକୁ ଚାହୁଁ ନାହାନ୍ତି ତା'ର ମାଲିକ ରାହୁଲ । ଏହା ବ୍ୟତୀତ ୮୦୦ କେଜିର ମଇଁଷୀ ସାମିଲ ହୋଇଛି । ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ।


ଗଞ୍ଜାମ ଜିଲ୍ଲା ପାତ୍ରପଡ଼ାର ଏକାଧିକ ଆଦିବାସୀ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ


ମୋନ୍ଥା ପ୍ରଭାବ: ଗଞ୍ଜାମ ବ୍ଲକ୍ ପୋଡ଼ମ୍ପେଟାରେ ସମୁଦ୍ର ଗର୍ଭରେ ଲୀନ ହେଲା ୩ ଘର


ମତ୍ସ୍ୟଜୀବୀଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ

■ 'ମୋନ୍ଥା' ପ୍ରଭାବ


## ସମୁଦ୍ରରେ ଫସିଲା ଟ୍ରଲର୍

ବ୍ରହ୍ମଗିରି, ୨୮।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ସମୁଦ୍ରରେ ଫସିଥିବା ଏକ ମାଛଧରା ଟ୍ରଲର୍ ମଙ୍ଗଳବାର ବ୍ରହ୍ମଗିରି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଛି। ଉକ୍ତ ଟ୍ରଲର୍‌ଟି ବିଶାଖାପାଟଣା ଅଭିମୁଖେ ଯାଉଥିଲା। କିନ୍ତୁ ସମୁଦ୍ରରେ ବାତ୍ୟାଜନିତ ବର୍ଷା-ପବନରେ ଦିଗହରା ହୋଇ ଯାଇଥିଲା। ଏହାସହ ଟ୍ରଲର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ସୋମବାର ରାତିରେ ସମୁଦ୍ର ଭିତରେ ଫସି ରହିଥିଲା। ତେବେ ଆଜି ମଧ୍ୟାହ୍ନରେ ତାହା ଭାସିଭାସି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଥିଲା। ସେଥିରେ ଥିବା ସମସ୍ତ ୧୦ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଅଛନ୍ତି। ଏହି ଖବର ପ୍ରଘଟ


■ ବାଲିହରଚଣ୍ଡୀ କୂଳରୁ ଉଦ୍ଧାର
■ ୧୦ ମତ୍ସ୍ୟଜୀବୀ ସମେତ ଟନ୍‌ଟନ୍ ମାଛ ଉଦ୍ଧାର

ହେବା ପରେ ଟ୍ରଲର୍ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସେଥିରେ ଥିବା ୧୦ଟି ବଡ଼ବଡ଼ ମାଛକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଲୋକମାନେ ରୁଣ୍ଡ ହୋଇଥିଲେ। ଟ୍ରଲରରେ ଥିବା ଟନ୍ ଟନ୍ ବଡ଼ ତୁମୁଡ଼ା ମାଛ ଟ୍ରାକ୍ଟର ଦ୍ୱାରା ଆସି କଣ୍ଟେନରରେ ଲୋଡ୍ କରାଯାଇ ବିଶାଖାପାଟଣା ଯିବ ବୋଲି ଜଣାପଡ଼ିଛି।।

## ପେଣ୍ଠ ନିକଟରେ ଧସିଲା ପଥର ବନ୍ଧ



ରାଜନଗର, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇଉଠିଛି। ଗତକାଲି ରାତିରୁ ପାଗ ପରିବର୍ତ୍ତନ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ହାଲୁକା ପବନ ସାଙ୍ଗକୁ ପ୍ରବଳ ବର୍ଷା ଲାଗି ରହିଛି। ସମୁଦ୍ରରେ ବି ଉଚ୍ଚ ଜୁଆର ଉଠି ପଥରବନ୍ଧରେ ମାଡ଼ ହେଉଛି। ରାଜନଗର ବ୍ଲକ୍ ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ-ସିନ୍ଥେଟିକ ୱାଲ୍‌ରେ ସମୁଦ୍ର ଜୁଆର ଭୟଙ୍କର ଭାବେ ମାଡ଼ ହେଉଥିବାରୁ ୱାଲ୍ ନିକଟରେ ଥିବା ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଛି। ଏହାଦ୍ୱାରା ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥରବନ୍ଧ ଧସିଯାଇଛି। ପାଖାପାଖି ୫ଫୁଟ୍ ସମୁଦ୍ର ମଧ୍ୟକୁ ଏହି ପଥର ବନ୍ଧ ଧସିବା ସହ ପଥରଗୁଡ଼ିକୁ ସମୁଦ୍ରକୁ ଭସାଇ ନେଉଛି। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଛନକା ପଶିଛି। ପଥରବନ୍ଧ ନିର୍ମାଣ ସମୟରେ ଛୋଟଛୋଟ ପଥର ପକାଇ ବନ୍ଧ ନିର୍ମାଣ କରାଯାଇଥିବାରୁ ଏପରି ସ୍ଥିତି ଉପୁଜିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


## ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଯୋଗାଣ ସହାୟକଙ୍କ ମୃତ୍ୟୁ



ରାୟଗଡ଼, ୨୮।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପୋତାର ପଞ୍ଚାୟତରୁ ଆସିଛି ଏକ ଦୁଃଖଦ ଖବର। ଏଠାରେ ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ଅକାଳ ମୃତ୍ୟୁ ହୋଇଛି। ଆଶ୍ରୟସ୍ଥଳୀରେ ସୋମବାର ରାତିରେ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ନିଜେ ଖାଇସାରି ଶୋଇବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଲାଙ୍ଗିରରେ ମୁଣ୍ଡ ନେଲା ଝାଡ଼ାବାନ୍ତି

ବେଲପଡ଼ା, ୨୮ ।୧୦ (ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ୍ ସୁଲେକେଲା ଗାଁରେ ଝାଡ଼ାବାନ୍ତି ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, କେଶବ ରଣା। ଏହାସହ ଗାଁର ୩୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ମହିଳା, ପୁରୁଷ ସହ ଶିଶୁ ମଧ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ଗାଁରେ ଝାଡ଼ାବାନ୍ତି ବ୍ୟାପୁଛି, ତାହା ଜଣାପଡ଼ିନାହିଁ। ଖବର ପାଇ ଏକ ଡାକ୍ତରୀଦଳ ଗାଁରେ ଡେରା ପକାଇଛନ୍ତି। ମଙ୍ଗଳବାର ବଲାଙ୍ଗିରରୁ ଏକ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଛନ୍ତି। ଡାକ୍ତର ସ୍ନେହାଶ୍ରୀ ମିଶ୍ର, ତାପସ ବେହେରା ଓ କନକ ମାଝୀ ଗାଁର ସ୍ୱାସ୍ଥ୍ୟକର୍ମୀଙ୍କ ସହ ମିଶି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।


■ ଜଣେ ମୃତ; ୩୦ରୁ ଅଧିକ ଆକ୍ରାନ୍ତ
■ ସୁଲେକେଲା ଗାଁରେ ପରିସ୍ଥିତି ଜଟିଳ

ଭିଜିଲାନ୍ସ ରିପୋର୍ଟ

# ଯନ୍ତ୍ରୀ ସବୁଠୁ ଲାଞ୍ଚୁଆ; ୧୬ ମାସରେ ୫୪ ଗିରଫ

■ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨ ଗିରଫ
■ ଗିରଫ ହୋଇଛନ୍ତି ୯୦ ପ୍ରଥମ ଓ ୬୨ ଦ୍ୱିତୀୟ ଶ୍ରେଣୀ ଅଧିକାରୀ
■ ୨୪ କିଲୋ ସୁନା, ୯ କୋଟି ଟଙ୍କା ଓ ୮୩୨ ପ୍ଲଟ ଜବତ
■ ପ୍ରମାଣ ଅଭାବରୁ ବନ୍ଦ ହୋଇଛି ୮୦ଟି ମାମଲାର ଅନୁସନ୍ଧାନ

ଭୁବନେଶ୍ୱର/କଟକ,୨୮ ।୧୦(ସମିସ):ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଭିଜିଲାନ ପ୍ରକାଶ କରିଛି ୧୬ ମାସର ରିପୋର୍ଟ। ଏହି ସମୟରେ ୩୦୨ ମାମଲାରେ ୩୦୩ ସରକାରୀ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେଥିରେ ୯୦ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୬୨ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ରହିଛନ୍ତି। ଆଇଏଏସ୍, ମୁଖ୍ୟ ଯନ୍ତ୍ରୀ, ଯୁଗ୍ମ ସଚିବ, ଉପଜିଲ୍ଲାପାଳ, ତହସିଲଦାରଙ୍କ ଭଳି ୯୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ରହିଛନ୍ତି। ସର୍ବାଧିକ ୫୪ ଜଣ ଯନ୍ତ୍ରୀ ଗିରଫ ହୋଇଥିବା ବେଳେ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨, ପୁଲିସ ବିଭାଗର ୨୨, ବନ ବିଭାଗର ୧୩, ୮ ଜଣ ଡାକ୍ତର ଓ ୭ ଜଣ ଅଙ୍ଗନବାଡ଼ି କର୍ମଚାରୀ ବନ୍ଧା ହୋଇଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ୮୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୧୨ କୋଟି ଟଙ୍କାର ସମ୍ପତ୍ତିକୁ ଖୋଜି ବାହାର କରିଛି ଭିଜିଲାନ୍ସ। ସେହିପରି ୧୩୬ଟି ଲାଞ୍ଚ କାରବାର ମାମଲାରେ ୧୪୪ ସରକାରୀ ବାବୁଙ୍କ ସମେତ ୧୪୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୩୫ ଲକ୍ଷ ୬୨ ହଜାର ଟଙ୍କା ଜବତ କରାଯାଇଛି। ୪୬ ପ୍ରଥମ ଶ୍ରେଣୀ ଓ ୨୧ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ସମେତ ୧୪୪ ଜଣଙ୍କ ବିରୋଧରେ ୮୦ଟି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। ୮୦ଟି ମାମଲାରେ ୨୧୨ କୋଟିର ସମ୍ପତ୍ତି ଜବତ ହୋଇଛି। ସେହିପରି ୨୪ କିଲୋ ସୁନା, ୯ କୋଟି ୨୦ ଲକ୍ଷ ଟଙ୍କା, ୮୩୨ ପ୍ଲଟ୍, ୮୪ ଏକର ଜମି ଓ ୮ଟି ଫାର୍ମ ହାଉସ ଜବତ କରାଯାଇଛି।

ମୁଖ୍ୟ ଯନ୍ତ୍ରୀ (ଗ୍ରାମ୍ୟ ନିର୍ମାଣ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରେ ଚଢ଼ଉ ବେଳେ ସର୍ବାଧିକ ୨ କୋଟି ୫୬ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ମାଲକାନଗିରି ଡେପୁଟି ଡାଇରେକ୍ଟର ତଥା ପ୍ରୋଜେକ୍ଟ ଡାଇରେକ୍ଟର ଶାନ୍ତନୁ ମହାପାତ୍ରଙ୍କ ଘରୁ ୨.୮ କୋଟି, ଜୟପୁର ଡେପୁଟି ରେଞ୍ଜର ୧.୪୩ କୋଟି ଓ ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ଆଇଏଏସ୍ ଧିମନ ଚକମାଙ୍କ ଠାରୁ ୫୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଭିଜିଲାନ୍ସ ମୋଟ ୩୦୨ ମାମଲାରେ ସମେତ ୫୧୯ ଜଣଙ୍କୁ (ସରକାରୀ ଓ ବେସରକାରୀ) ଗିରଫ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଓ ଲାଞ୍ଚ କାରବାର ଜନିତ ମାମଲାରେ ୭୩୯ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ୧୪୭୮ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯାଇଛି। ୧୫୮ଟି ମାମଲାରେ ୪୦୩ଟି ବିଲଡିଂ ଓ ଫ୍ଲାଟ୍ ଜବତ ହୋଇଛି। ସେହି ବିଲଡିଂ ଓ ଫ୍ଲାଟର ମୂଲ୍ୟ ୫୯ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଗତ ୧୬ ମାସ ମଧ୍ୟରେ ୧୩୨ଟି ଭିଜିଲାନ୍ସ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମୋଟ ମାମଲାର ପ୍ରାୟ ୫୦ ପ୍ରତିଶତ ମାମଲାରେ ଅଭିଯୁକ୍ତମାନଙ୍କୁ ସଜା ହୋଇଛି। ସଜା ହୋଇଥିବା ମାମଲା ଗୁଡ଼ିକରେ ୮୦ ପ୍ରତିଶତ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ମାମଲା ରହିଛି। ସେହିପରି ଦୋଷୀ ସାବ୍ୟସ୍ତ ହେବାପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ୬୮ ଜଣଙ୍କର ପେନସନ ବନ୍ଦ କରାଯାଇଛି।

ଗତ ୧୬ ମାସ ମଧ୍ୟରେ ଭିଜିଲାନ୍ସ ୩୦୦ ସରକାରୀ ଅଧିକାରୀଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅନୁସନ୍ଧାନ କରିଥିବା ବେଳେ ୨୪୭ଟି ଅନୁସନ୍ଧାନ ସମାଧାନ କରିଛି। ସେଥିରୁ ୧୪୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୨ ଜଣଙ୍କ ବିରୋଧରେ ତାଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଫର୍ କରାଯାଇଛି। ଆବଶ୍ୟକୀୟ ପ୍ରମାଣ ନ ମିଳିବାରୁ ୮୦ଟି ଅନୁସନ୍ଧାନକୁ ବନ୍ଦ କରିଦିଆଯାଇଛି। ସେହିପରି ୫୦୩ଟି ମାମଲାର ତଦନ୍ତ ସାରିଛି ଭିଜିଲାନ୍ସ। ୪୦୬ ମାମଲାରେ ୮୩୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ସେଥିରେ ୫୯ ଜଣ ପ୍ରଥମ ଶ୍ରେଣୀ, ୬୮ ଜଣ ଦ୍ୱିତୀୟ ଶ୍ରେଣୀ, ୩୭୩ ଜଣ ତୃତୀୟ ଶ୍ରେଣୀ, ୧୨ ଜଣ ଚତୁର୍ଥ ଶ୍ରେଣୀ, ୪୨ ସରକାରୀ କର୍ମଚାରୀ ଓ ୨୮୦ ଜଣ ବେସରକାରୀ କର୍ମଚାରୀ ରହିଛନ୍ତି।

ପ୍ରଶ୍ନ ଉଠାଇଲା ବିଜେଡି

## ବାତ୍ୟା ବେଳେ ଡିଆଇଜିଙ୍କୁ ଛୁଟି ଦେଲା କିଏ ?

■ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ
■ ହିମାଂଶୁ ଲାଲଙ୍କ ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବିଜେପି

ଭୁବନେଶ୍ୱର,୨୮।୧୦(ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ହେବାକୁ ଦୁଇ ସପ୍ତାହରୁ କମ୍ ସମୟ ଥିବାବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଚାନକ ଛୁଟିରେ ଯାଇଛନ୍ତି। ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ସୋମବାର ବିଜେଡି ପକ୍ଷରୁ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ନିର୍ବାଚନକୁ ସରକାରୀ ଦଳ ସପକ୍ଷରେ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରାଯାଇଥିବା ବେଳେ, ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ବିଜେପି ସରକାରୀ ଅଧିକାରୀଙ୍କୁ ବ୍ୟବହାର କରି ବିଜେପି ନିର୍ବାଚନକୁ ତାଙ୍କ ସପକ୍ଷରେ ନେବାକୁ ଉଦ୍ୟମ କରୁଛି ବୋଲି ଦଳ ଅଭିଯୋଗ କରିଛି। ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯେଉଁଥିରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂ ଅଚାନକ ଛୁଟିରେ ଯିବା ନେଇ ସନ୍ଦେହ ପ୍ରକଟ କରାଯାଇଛି।

ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ, କନୱର ବିଶାଳ ସିଂ ପୂର୍ବରୁ ପ୍ରଶାସନିକ ସ୍ତରରେ ନିର୍ବାଚନ ସମ୍ବନ୍ଧୀୟ ବୈଠକରେ ଉପସ୍ଥିତ ରହୁଥିବା ବେଳେ ଗତକାଲି ଅଚାନକ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦେଖିବାକୁ ମିଳିଥିଲା। ଉପନିର୍ବାଚନ ସମୟରେ ଓ ରାଜ୍ୟରେ ଆସନ୍ନ ବାତ୍ୟା ସ୍ଥିତିରେ ସରକାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ କନୱର ବିଶାଳ ସିଂଙ୍କୁ ଛୁଟିରେ ଯିବାକୁ ଅନୁମତି ଦିଆଗଲା ବୋଲି ସ୍ମାରକପତ୍ରରେ ବିଜେଡି ପ୍ରଶ୍ନ କରିଛି । ସେ ଛୁଟିରେ ଯାଇଛନ୍ତି ନା ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ବିଜେଡିର ଅଭିଯୋଗ ଅନୁଯାୟୀ ଉପନିର୍ବାଚନର ଭୋଟ ଗଣତି ୧୪ ନଭେମ୍ବରରେ ଶେଷ ହେଉଥିବା ବେଳେ କନୱର ବିଶାଳ ସିଂ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ସୂଚନା ମିଳିଛି, ଯାହା ଅତ୍ୟନ୍ତ ସାଂଘାତିକ। ଏହାଛଡା ହିମାଂଶୁ ଲାଲଙ୍କ ପୂର୍ବ ରେକର୍ଡ ମଧ୍ୟ ଠିକ ନାହିଁ। ହିମାଂଶୁ ଲାଲଙ୍କ ମାଧ୍ୟମରେ ପ୍ରଶାସନିକ କଳକୁ ବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଉପନିର୍ବାଚନ କିପରି ସ୍ୱଚ୍ଛ ଓ ଅବାଧ ହୋଇପାରିବ, ସେଥିପାଇଁ ଆବଶ୍ୟକୀୟ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅନୁରୋଧ କରିଛି ବିଜେଡି। ଏହି ପ୍ରତିନିଧି ମଣ୍ଡଳୀରେ ସାଂସଦ ସୁଲତା ଦେଓ, ଭୃଗୁ ବକ୍ସିପାତ୍ର, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲମ୍, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳୀ ପ୍ରଧାନ ଓ ଇଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରକାଶ ପାଇଲା ଏଲ୍‌ଆଇ ପରୀକ୍ଷା ଫଳ

ଭୁବନେଶ୍ୱର, ୨୮ ।୧୦(ସମିସ): ବହୁ ବିବାଦୀୟ ହୋଇଥିବା ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର ନିଯୁକ୍ତି ପରୀକ୍ଷା ମଧ୍ୟରୁ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ (ଏଲ୍‌ଆଇ) ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଗତକାଲି ଅର୍ଥାତ୍ ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସନ୍ତା ୩୧ ତାରିଖ ମଧ୍ୟରେ ଫରେଷ୍ଟଗାର୍ଡ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ ବୋଲି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଦୀର୍ଘ ଦୁଇ ବର୍ଷର ନିଯୁକ୍ତି ପ୍ରକ୍ରିୟା ପରେ ଯାଇ ଆଶାୟୀମାନେ ନିଯୁକ୍ତି ପାଇବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏକକାଳୀନ ସମସ୍ତ ପଦର ରେଜଲ୍ଟ କାହିଁକି ପ୍ରକାଶ କରାଗଲା ନାହିଁ ବୋଲି ଆଜି ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ବିକ୍ଷୋଭ କରିଥିଲେ। ଲଗାଣ ବର୍ଷା ସତ୍ତ୍ୱେ ବହୁ ପରୀକ୍ଷାର୍ଥୀ ତ୍ୱରିତ ସମସ୍ତ ପରୀକ୍ଷାଫଳ ପ୍ରକାଶ କରିବାକୁ ଦାବି କରିଥିଲେ। ଆଶାୟୀଙ୍କ ସହ ଆଲୋଚନା କରି ଆଜି ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ ରେଜଲ୍ଟ ପ୍ରକାଶ ପାଇବ ଓ ଚଳିତ ମାସ ଶେଷସୁଦ୍ଧା ଫରେଷ୍ଟର ରେଜଲ୍ଟ ବାହାର କରାଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ ଏଲ୍‌ଆଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକାରେ ୬୩୬ ଜଣ ସ୍ଥାନ ପାଇଥିବା ବେଳେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ୭୧ଟି ପଦ ପାଇଁ ରେଜଲ୍ଟ ପ୍ରକାଶ ପାଇନାହିଁ ବା ହୋଲ୍ଡ କରାଯାଇଥିବା ସୂଚନା ମିଳିଛି।

### ୩୧ ସୁଦ୍ଧା ଫରେଷ୍ଟଗାର୍ଡ ରେଜଲ୍ଟ

ଜୟଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେପିରେ ମେଲୁଛି ଫାଟ

# ବିଜେଡିରେ ମିଶିଲେ ବସନ୍ତ ପଣ୍ଡାଙ୍କ ପୁତୁରା

ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ): ନୂଆପଡା ଉପନିର୍ବାଚନକୁ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ବିଜେଡି ଦିନକୁ ଦିନ ନିଜ ସ୍ଥିତି ସୁଦୃଢ଼ କରି ଚାଲିଛି। ଏହିକ୍ରମରେ ମଙ୍ଗଳବାର ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର ପଣ୍ଡା, ସରପଞ୍ଚ ସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ଉପସଭାପତି ଟେକରାମ ସାହୁ, ପୂର୍ବତନ ନୂଆପଡା ନଗର ସଭାପତି ଉମେଶ ସହିସ ବିଜେଡିରେ ଯୋଗ ଦେଇଛନ୍ତି। ଶ୍ରୀ ପଣ୍ଡା ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଦଳରେ ସାମିଲ ହୋଇଛନ୍ତି। ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟଶଙ୍କର ମିଶ୍ର ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ତାଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିରେ ଯୋଗଦାନ ପରେ ହରିଶଚନ୍ଦ୍ର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜେପି ଜୟ ଢୋଲକିଆଙ୍କୁ ନିଜ ଦଳକୁ ନେଇ ପ୍ରାର୍ଥୀ କରି ବିଜେପି କର୍ମକର୍ତ୍ତାଙ୍କୁ ଅଣଦେଖା କରିଛନ୍ତି । ଆମେ ଶୁଣିବାକୁ ପାଉଛୁ ବସନ୍ତ ପଣ୍ଡାଙ୍କୁ ରାଜ୍ୟସଭା ସାଂସଦ ଓ ତାଙ୍କ ପୁତ୍ର ଅଭିନନ୍ଦନଙ୍କୁ ନିଗମ ଅଧ୍ୟକ୍ଷ ପଦର ପ୍ରତିଶ୍ରୁତି ବିଜେପି ଦେଇଛି। ନୀତି ଆଦର୍ଶ କଥା କହୁଥିବା ବିଜେପି ଏବେ କେବଳ ଡିଲ୍ କରୁଛି। ଏହାଦ୍ୱାରା ଅସଲ କର୍ମକର୍ତ୍ତାମାନେ ପ୍ରତାରିତ ହେଉଛନ୍ତି। ଆଗାମୀ ସପ୍ତାହରେ ବିଜେପିର ଶତାଧିକ କର୍ମୀ ବିଜେଡିରେ ଯୋଗଦେବେ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡାବାସୀ ଏହି ନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ନିଜ ପ୍ରତିକ୍ରିୟାରେ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଶ୍ରୀ ପଣ୍ଡା ଶ୍ରୀ ସାହୁ ଓ ଶ୍ରୀ ସହିସଙ୍କୁ ଦଳକୁ ସ୍ୱାଗତ କରିବା ସହିତ ଏମାନଙ୍କ ଯୋଗଦାନ ପରେ ନୂଆପଡାରେ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବ। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନୂଆପଡା ଜିଲ୍ଲା ଗଠନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମୟରେ ନୂଆପଡାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି, ଯାହାକୁ ଆଜି ବି ନୂଆପଡାବାସୀ ମନେ ରଖିଛନ୍ତି । ଗତ ୧୬ ମାସରେ ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି । ନୂଆପଡା ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ହେବ ବୋଲି ଶ୍ରୀ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ଦୁଇ ବିଜେପି ସଂଗଠକ ମଧ୍ୟ ବିଜେଡିରେ ସାମିଲ

## କଳାବଜାରୀ ରୋକିବାକୁ ଯୋଗାଣ ବିଭାଗର ଚଢ଼ଉ

ଭୁବନେଶ୍ୱର,୨୮।୧୦(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ଉ ହୋଇଛି। କଳାବଜାରୀ ରୋକିବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ସମ୍ଭାବ୍ୟ ବାତ୍ୟା ମୋନ୍ଥାର ପ୍ରଭାବକୁ ଦୃଷ୍ଟିରେ ରଖି ଯେଭଳି କୌଣସି ବ୍ୟବସାୟୀ କଳାବଜାରୀ ଓ ଅନାବଶ୍ୟକ ଭାବେ ଖାଦ୍ୟ ସାମଗ୍ରୀ ମହଜୁଦ କରି ନ ରଖନ୍ତି, ଏଥିନିମନ୍ତେ ଏହି ଚଢ଼ଉ କରାଯାଇଛି। ଚୁଡା, ଗୁଡ଼, ଚିନି, ଡାଲି, ଖାଇବା ତେଲ, ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପରିମାଣ ପ୍ରଚୁର ଭାବେ ଉପଲବ୍ଧ ହେବା ଓ ଖାଉଟିମାନଙ୍କ ମଧ୍ୟରେ ଏ ସବୁ ସାମଗ୍ରୀ ବଜାରରେ କମ୍ ମିଳିବା ନେଇ କୌଣସି ସଂଶୟ ନ ରୁହେ, ଏଥିପ୍ରତି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଗତକାଲି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଏପରିକି ବାତ୍ୟା ପ୍ରଭାବରେ ଅଧିକ ପରିମାଣର ବର୍ଷା ହେବା ନେଇ ଆକଳନ କରାଯାଇଥିବା ଜିଲ୍ଲାଗୁଡିକରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ବାତ୍ୟା ସ୍ଥିତି ଅନୁଧ୍ୟାନ କଲେ ସିଡିଓ

# ୨ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍



ବୈପାରୀଗୁଡ଼ା,୨୮।୧୦ (ସମିସ): ଜରୁରୀକାଳୀନ ପରିସ୍ଥିତି ବାତ୍ୟା ସମୟରେ ସ୍କୁଲ ବନ୍ଦ ରହିବା ଯୋଗୁଁ ୨ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ମୁଖ୍ୟ ଉନ୍ନୟନ ଅଧିକାରୀ । ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ପାଇଁ କୋରାପୁଟ ଜିଲ୍ଲାକୁ ରେଡ 'ୱାର୍ଣ୍ଣିଂ' ଜାରି କରାଯାଇଛି । ଏଥିଲାଗି ସତର୍କ ସୂଚନା ଦିଆଯାଇଛି । ବାତ୍ୟା ମୁକାବିଲା ପାଇଁ ବାରମ୍ବାର ଜିଲ୍ଲାସ୍ତରୀୟ, ବ୍ଲକ ସ୍ତରୀୟ ଏବଂ ପଞ୍ଚାୟସ୍ତରୀୟ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି କୋରାପୁଟ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ସବର ଗ୍ରାଉଣ୍ଡ ସ୍ଥିତି ତଦାରଖ କରିଥିଲେ । ଅସ୍ଥାୟୀ ଆଶ୍ରୟ ସ୍ଥଳୀ ତଥା ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରିବା ସହ ପାନୀୟ ଜଳ ବ୍ୟବସ୍ଥା, ଶୁଖିଲା ଖାଦ୍ୟ, ମେଡ଼ିସିନ, ପଲିଥିନ ଭଳି ଅତି ଆବଶ୍ୟକ ସାମଗ୍ରୀ ମହଜୁଦ ଅଛି କି ନାହିଁ , ତାହାର ତଦାରଖ କରିଥିଲେ । ରାମଗିରି, ଗୁପ୍ତେଶ୍ୱର, ତାଲୁର ଶିରିବେଡା, ଘଡାଘାଟ ଆଦି ସ୍ଥାନ ପରିଦର୍ଶନ କରିଥିଲେ ।ଏହି ସମୟରେ ଘଡାଘାଟ ବିଦ୍ୟାଳୟ ବନ୍ଦ ରହିଥିବା ଦେଖି ବିଗିଡି ଥିଲେ । ୨ ଶିକ୍ଷକ ମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବହେଳା କରିଥିବା ଯୋଗୁଁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ସ୍ଥାନୀୟ ବିଇଓ ସୁକାନ୍ତି କର୍ତ୍ତାମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିଲାଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ସିଡିଓ ବେଣୁଧର ଶବର କହିଛନ୍ତି । ପରିଦର୍ଶନ ସମୟରେ ବୈପାରୀଗୁଡା ଏବିଡ଼ିଓ ନିବେଦିତା ଦଣ୍ଡସେନା, ସହକାରୀ ଯନ୍ତ୍ରୀ କ୍ଷୀରୋଦ କୁମାର ବେହେରା, ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ଏପିଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁର-ଭୁବନେଶ୍ୱର ବିମାନ ଚଳାଚଳ ସମୟ ପରିବର୍ତ୍ତନ




ଜୟପୁର,୨୮ ।୧୦(ସମିସ): ଭୁବନେଶ୍ୱର ଠାରୁ ଜୟପୁର ଉଡାନ ଯୋଜନାରେ ଚଳାଚଳ କରୁଥିବା ଇଣ୍ଡିଆ ୱାନ ବିମାନ ଯାତ୍ରୀଙ୍କ ଯାତାୟାତ ସେବାରେ ବୁଧବାର ଠାରୁ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଶୀତ ମାସର ଶୀଘ୍ର ସୂର୍ଯ୍ୟାସ୍ତ ହେଉଥିବା ଯୋଗୁଁ ପୂର୍ବରୁ ଭୁବନେଶ୍ୱରଠାରୁ ଜୟପୁର ଆସୁଥିବା ପ୍ରଥମ ୯ ସିଟ ବିଶିଷ୍ଟ ଯାତ୍ରୀବାହୀ ବିମାନ ପୂର୍ବରୁ ପୂର୍ବାହ୍ନ ୭ ଟା ୨୦ ମିନିଟ ପରିବର୍ତ୍ତେ ସକାଳ ୬ଟା ୫୦ ମିନିଟରେ ଭୁବନେଶ୍ୱର ଠାରୁ ବାହାରି ଜୟପୁର ଠାରେ ୮ଟା ୨୫ ମିନିଟରେ ପହଞ୍ଚିବ । ପୁଣି ଜୟପୁର ଠାରୁ ପୂର୍ବରୁ ରହିଥିବା ସମୟ ୯ଟା ୧୫ ମିନିଟ ପରିବର୍ତ୍ତେ ୮ଟା୪୫ ମିନିଟ ଯାତ୍ରା ଆରମ୍ଭ କରିବ ଏବଂ ୧୦ଟା ୧୫ ମିନଟରେ ଭୁବନେଶ୍ୱର ଠାରେ ପହଞ୍ଚିବ । ସେହିପରି ଦ୍ୱିତୀୟ ବିମାନ ଭୁବନେଶ୍ୱର ଠାରୁ ୧୧ଟା ୧୫ ମିନିଟ ବଦଳରେ ଏହା ଠାରୁ ଅଧଘଣ୍ଟା ପୂର୍ବରୁ ଅର୍ଥାତ ୧୦ଟା ୪୫ ମିନିଟରେ ବାହାରି ଜୟପୁର ଠାରେ ୧୨ ଟା ୨୦ ମିନିଟରେ ପହଞ୍ଚିବ ଏବଂ ଜୟପୁର ଠାରୁ ବିଶାଖପାଟଣାକୁ ପୂର୍ବରୁ ମଧ୍ୟାହ୍ନ ୧ଟା ୧୦ ମିନିଟ ବଦଳରେ ମଧ୍ୟାହ୍ନ ୧୨.୪୦ ମିନିଟରେ ଜୟପୁର ଠାରୁ ଯାତ୍ରା ଆରମ୍ଭ କରିବା ପରେ ମଧ୍ୟାହ୍ନ ସାଢେ ଗୋଟାଏରେ ବିଶାଖପାଟଣାରେ ପହଞ୍ଚିବ । ପୁଣି ବିଶାଖପାଟଣାରୁ ପୂର୍ବରୁ ଅପରାହ୍ନ ୨ଟା ୪୫ ମିନିଟ ବଦଳରେ ଅପରାହ୍ନ ୨ଟାରେ ଯାତ୍ରା ଆରମ୍ଭ କରିବ ଏବଂ ଜୟପୁର ଠାରେ ୨ଟା ୪୫ ମିନିଟରେ ପହଞ୍ଚିବ ଏବଂ ଜୟପୁର ଠାରୁ ପୂର୍ବରୁ ଅପରାହ୍ନ ୩ଟା ୧୫ ମିନିଟ ବଦଳରେ ଅପରାହ୍ନ ୩ଟା ଯାତ୍ରା ଆରମ୍ଭ କରିବ ଏବଂ ଭୁବନେଶ୍ୱର ଠାରେ ଅପରାହ୍ନ ୪ଟା ୪୫ ମିନିଟରେ ପହଞ୍ଚିବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ।

● ମାଦକଦ୍ରବ୍ୟ ବିକ୍ରି

## ୨୦ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ

କୋଷାଗୁମୁଡା,୨୮ ।୧୦(ସମିସ): ନବରରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଡ଼ିଙ୍ଗା ସଦର ମହକୁମାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଅବକାରୀ ବିଭାଗ ଅଧିକାରୀଙ୍କ ମିଳିତ ଭାବେ ବିଭିନ୍ନ ଦୋକାନରେ ନିଶା, ମାଦକ ଦ୍ରବ୍ୟର ଯାଞ୍ଚ କରିଛନ୍ତି । ଏହି ଯାଞ୍ଚରେ ୨୦ଟି ଦୋକାନୀଙ୍କ ଠାରୁ ମାଦକ ଦ୍ରବ୍ୟ ବିକ୍ରି କରିବାକୁ ନେଇ ପ୍ରାୟ ୨୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ମାଦକ ଦ୍ରବ୍ୟକୁ ବିକ୍ରି ନକରିବା ପାଇଁ ଦୋକାନୀ ମାନକୁ ସୂଚନା ସହ ଚେତାବନୀ ଦିଆଯାଇଛି । ଏହି ଚଢ଼ଉରେ ଫୁଡ଼ ଇନ୍ସପେକ୍ଟର ଅରୁଣ କୁମାର ମହାରଣା,ଅବକାରୀ ଆଇଆଇସ ଦେଶରାଜ ସୁନା, ଏଏସଆଇ ହଳଧର ଯାନୀ ଓ ସହକର୍ମୀ ଆକ୍ରମ ଖାଁ, କାଳୀମଣି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । କୋଷାଗୁମୁଡା ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ ମିଳିତ ଭାବେ ଏଭଳି ମାଦକ ଦ୍ରବ୍ୟର ଯାଞ୍ଚ ହେବା ସହ ବିକ୍ରି କରୁଥିବା ଦୋକାନୀ ଉପରେ ଜରିମାନା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ଆଇଆଇସି ଶ୍ରୀ ସୁନା ସୂଚନା ଦେଇଛନ୍ତି ।

■ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

## ବିଦ୍ୟାଳୟରେ ଅନୁପସ୍ଥିତ ପ୍ରଧାନ ଶିକ୍ଷକ

ତେନ୍ତୁଳିଖୁଣ୍ଟି,୨୮ ।୧୦ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ସଲପା ନୋଡାଲ ଶିବପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରାଯାଇଥିବା ଅଭିଯୋଗ ହୋଇଛି । ଖୋଦ ପ୍ରଧାନ ଶିକ୍ଷକ ଦୁଇଦିନ ହେବ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଜଣାପଡିଛି । ସୂଚନା ଅନୁଯାୟ ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ନବରଙ୍ଗପୁର ଜିଲ୍ଲାପାଳ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିବା ସହ ନିଜ କର୍ମକ୍ଷେତ୍ରରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେନ୍ତୁଳିଖୁଣ୍ଟି ଶିକ୍ଷା ବିଭାଗରେ ଅନେକ ଶିକ୍ଷକ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିଲେ । ଦେଓପାଲି ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଅନୁପସ୍ଥିତ ରହିଥିବା ଜଣାପଡିଛି । ସେହିଭଳି ଆହୁରି ଅନେକ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ ରହିଥିଲେ । ଏନେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ଯୋଗାଯୋଗ କରିବାରୁ ସମସ୍ତ କର୍ମଚାରୀଙ୍କୁ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ କୁହାଯିବା ସହ କାହାରିକୁ ମଧ ଛୁଟି ମଞ୍ଜୁର କରାଯାଇ ନଥିବା କହିଥିଲେ । ବାତ୍ୟା ମୋନ୍ଥାକୁ ନଜରରେ ରଖି ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସେବାକୁ ନଜରରେ ରଖି ସରକାରୀ ଅଧିକାରୀଙ୍କୁ ହେଡକ୍ୱାଟରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ହୋଇଥିବା ବେଳେ କେଉଁ କେଉଁ କର୍ମଚାରୀ ଏହାକୁ ବେଖାତିର କରୁଛନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି ।

# ରାୟଗଡାରେ ଆବଣ୍ଟିତ ହେଲେ ଓଡ୍ରାଫ, ଏନଡିଆରଏଫ ଓ ଅଗ୍ନିଶମ ବାହିନୀ



ରାୟଗଡ଼ା,୨୮।୧୦(ସମିସ): ରାୟଗଡ଼ା ଜିଲ୍ଲାରେ ଆସନ୍ନ ଘୂର୍ଣ୍ଣିଝଡ "ମୋନ୍ଥା'ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ସୁଗମ ପରିଚାଳନା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶରେ ପ୍ରଶାସନ ଓଡ୍ରାଫ,ଅଗ୍ନିଶମ ଏବଂ ଏନଡିଆରଏଫ ବାହିନୀଙ୍କୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆବଣ୍ଟିତ କରାଯାଇଛି । ଏହି ବାହିନୀମାନଙ୍କୁ ସଂପୃକ୍ତ ତହସିଲଦାରମାନଙ୍କ ନିର୍ଦ୍ଦେଶରେ ପରିସ୍ଥିତି ଅନୁଯାୟୀ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟ ସମୟରେ ଆବଶ୍ୟକ ଇନ୍ଧନ ସମେତ ରହବି ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ତହସିଲଦାରଙ୍କୁ ସ୍ଥାନୀୟ ବିଡିଓ ସହିତ ସମନ୍ୱୟ ରକ୍ଷା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏନଡିଆରଏଫ ବାହିନୀଙ୍କୁ କାଶିପୁର ତହସିଲ ଆବଂଟିତ ହୋଇଥିବା ବେଳେ ଓଡ୍ରାଫର ଗୋଟିଏ ଟିମକୁ ଗୁଣପୁର,ଦ୍ୱିତୀୟ ଟିମକୁ ଗୁଡାରୀ ଏବଂ ତୃତୀୟ ଟିମକୁ ରାୟଗଡ଼ାଠାରେ ଏବଂ ସମ୍ବଲପୁର ଉତାଗଂଚଳ ରେଂଜରୁ ଆସିଥିବା ବରଗଡ ଓ ସୋନପୁରରୁ ଆସିଥିବା ଅଗ୍ନିଶମ ବାହିନୀଙ୍କୁ ବିଷମକଟକ ତହସିଲକୁ ଆବଂଟିତ କରାଯାଇଥିବା ବେଳେ ସମ୍ପୃକ୍ତ ତହସିଲ ତଥା ବ୍ଲକର ତହସିଲଦାର ଓ ବିଡିଓମାନଙ୍କ ନମ୍ବର ଉକ୍ତ ବାହିନୀର ଅଧିକାରୀଙ୍କୁ ପ୍ରଦାନ କରାଯାଇ ଯୋଗସୂତ୍ର ରକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜରୁରୀକାଳନୀ ସେକ୍ସନ ଚିଠିରେ ଉଲ୍ଲେଖ କରାଯାଇଛି । ରାତ୍ର ୭ଟା ସୁଦ୍ଧା ରାୟଗଡ଼ା ଜିଲ୍ଲାରେ ଝିପିଝିପି ବର୍ଷା କେବଳ ଲାଗି ରହିଥିବା ବେଳେ ଆସନ୍ନ ଘୂର୍ଣ୍ଣିଝଡ ମୋନ୍ଥାର ପ୍ରଭାବ ଦେଖାଯାଇ ନ ଥିଲା ।

## ବାତ୍ୟାରେ ଘର ଭାଙ୍ଗିଲା, ରାସ୍ତା ଅବରୋଧ

ପଟାଙ୍ଗୀ,୨୮।୧୦ (ସମିସ): କୋରାପୁଟ ଜିଲ୍ଲାର ସୀମାନ୍ତ ବ୍ଲକ ପଟ୍ଟାଙ୍ଗି-ଆନ୍ଧ୍ର ସୀମାନ୍ତରେ ବାତ୍ୟା 'ମୋନ୍ଥା'ର ପ୍ରଭାବରେ ଘର ଭାଙ୍ଗିବା ସହ ରାସ୍ତାରେ ଭୂସ୍ଖଳନ ଏବଂ ଗଛ ଭାଙ୍ଗି ଥିବା ଜଣାପଡିଛି । ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବ୍ଲକର ୮ଟି ବାତ୍ୟା ଆଶ୍ରୟ ସ୍ଥଳୀ କରାଯାଇଛି । ବିବାଦୀୟ କୋଟିଆର ଦୁଇଟି ସ୍ଥାନ ତଥା ନେରେଡିୱାଲ୍ସା ଏବଂ ମାଡକାର ଠାରେ ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଛି । ଆଶ୍ରୟ ସ୍ଥଳୀରେ ୨୨୪ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ।ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ୧୪ ଗୋଟି ଘର ଭାଙ୍ଗିଥିବା ନେଇ ସୂଚନା ମିଳିଛି । ସାମ୍ବାଇ ଠାରୁ ଆନ୍ଧ୍ର ପ୍ରଦେଶକୁ ଯିବା ରାସ୍ତାରେ ସ୍ୱଳ୍ପ ପରିମାଣର ଭୂସ୍ଖଳନ ହୋଇଥିବା ବେଳେ ତାକୁ ସଫା କରାଯାଇଥିବା ଜଣାପଡିଛି । ସୁଙ୍କୀ ଥାନା ନିକଟରେ ଏକ ଗଛ ପଡ଼ିଥିବା ନେଇ ସୂଚନା ମିଳିଛି । ପଟ୍ଟାଙ୍ଗି ପ୍ରଶାସନ ସଜାଗ ହୋଇ ରହିଥିବା ଜଣାପଡିଛି ।

## ଦୁଇ ଦିନ ହେଲା ୨୨ ଗ୍ରାମପଞ୍ଚାୟତ ଅନ୍ଧାରରେ

ନନ୍ଦପୁର, ୨୮।୧୦ (ସମିସ): 'ମୋନ୍ଥା' ନେଇ ଲୋକେ ଯେତିକି ଆତଙ୍କିତ ନୁହନ୍ତ, ବିଦ୍ୟୁତ୍ କାଟ ନେଇ ତାଠାରୁ ଅଧିକ ଆତଙ୍କିତ ରହିଛନ୍ତି ନନ୍ଦପୁର ବ୍ଲକର ୨୨ ଗ୍ରାମ ପଞ୍ଚାୟତର ବିଦ୍ୟୁତ୍ ଉପଭୋକ୍ତା । ଗତ ଦୁଇ ଦିନ ହେବ ବିଦ୍ୟୁତ୍ କାଟ ନେଇ ହଟହଟା ହେଉଛନ୍ତି । ସାମାନ୍ୟ ବର୍ଷାର ଅନୁଭବ ନନ୍ଦପୁର ୨୨ ପଞ୍ଚାୟତ ପାଇଁ କାଳ ସାଜିଛି । ବିଦ୍ୟୁତ୍ ଉପଭୋକ୍ତାଙ୍କ ଦିନ ହଜିଯାଇଛି । ନା ରାତିରେ ନା ଦିନରେ ବିଦ୍ୟୁତ୍ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି କମ୍ପାନୀ । ଧୀରେ ଧୀରେ ବିଦ୍ୟୁତ୍ କମ୍ପାନୀ ବିରୋଧରେ ଅସନ୍ତୋଷ ନିଆଁ କୁହୁଳିବାରେ ଲାଗିଛି । କମ୍ପାନୀର ପ୍ରତାରଣା ଦିନକୁ ଦିନ ବଢି ଚାଲିଥିଲେ ମଧ୍ୟ କୌଣସି ନେତା କମ୍ପାନୀ ବିରୋଧରେ ସ୍ୱର ଉତ୍ତୋଳନ କରୁନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ବାତ୍ୟା ପାଇଁ ୧୦ ଜଣ ଡାକ୍ତରଙ୍କୁ ନିଯୁକ୍ତ

ଜୟପୁର,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ବାତ୍ୟା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ୧୦ ଜଣ ଡାକ୍ତରଙ୍କ ନିଯୁକ୍ତି କରାଯାଇଛି । ଆନ୍ଧ୍ର ପ୍ରଦେଶ ଉପକୂଳରେ ବାତ୍ୟା ମୋନ୍ଥା ଲ୍ୟାଣ୍ଡ ଫଲ କରିବା ଫଳରେ ପୋଡଶୀ ଦକ୍ଷିଣ ଓଡିଶାରେ ଏହାର ପ୍ରଭାବ ନେଇ ପାଣିପାଗ ବିଭାଗର ଆକଳୋନ ଅନୁଯାୟୀ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି । ଏହିପରି ଜିଲ୍ଲା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ନେଇ ଯୁଦ୍ଧକାଳୀନ ଭିତ୍ତିରେ କରିବା ନେଇ ଆମ୍ବୁଲେନ୍ସକୁ ପ୍ରସ୍ତୁତ ରଖାଯାଇଛି । ସେହିପରି ବିଦ୍ୟୁତ ସମସ୍ୟା ହେବାର ଆଶଙ୍କା ନେଇ ସମସ୍ତ ଜେନେରେଟର ଗୁଡିକକୁ ଯାଞ୍ଚ ଏବଂ ପ୍ରସ୍ତୁତ କରାଯାଇଛି । ମାତୃ ଓ ଶିଶୁ ୱାର୍ଡରେ ଗର୍ଭବତୀ ମାନେ କିଭଳି କୌଣସି ଅସୁବିଧାର ସମ୍ମୁଖିନେ ହେବେ ଏବଂ ନବଜାତ ଶିଶୁ ମାନଙ୍କ କୌଣସି ସମସ୍ୟା ହେବ ନାହିଁ । ସେଥିପାଇଁ ସ୍ୱତନ୍ତ୍ର ଭାବେ ଯତ୍ନ ନିଆଯାଉଛ । ଜିଲ୍ଲା ଚିକିତ୍ସାଳୟ ସମେତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହିପରି ବତ୍ୟା କାରଣରୁ ଲୋକମାନେ କିଭଳି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇପାରିବ ସେଥିନେଇ ଅନ୍ୟାନ୍ୟ ବ୍ୟବସ୍ଥା ସହିତ ଆବଶ୍ୟକ ଔଷଧ ମହଜୁତ ରଖାଯାଇଛି ।

## ଭାଗବତ ଟୁଙ୍ଗିରେ ନାମ ସଂକୀର୍ତ୍ତନ



କୋରାପୁଟ,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ବାଦିଗଡ଼ ପଞ୍ଚାୟତ ଅନ୍ତର୍ଗତ ମାଳିଗୁଡା ଗ୍ରାମରେ ଏକ ନାମ ସଂକୀର୍ତ୍ତନ ଭାଗବତ ଟୁଙ୍ଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ମହାଆଡମ୍ବର ସହକାରେ ଅନେକ ଭକ୍ତଗଣଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଥିଲା । ଭାଗବତ ଘର ନିର୍ମାଣରେ କୁମୁଦିନ ଖିଲ ଓ ବୃନ୍ଦାବନ ଖିଲ ଉପସ୍ଥିତି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ରେ ବେଶ ସହାୟକ ହୋଇଥିଲା । ଏହି ଦୁଇ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଅଞ୍ଚଳରେ ଅନେକ ଆଧାରିକ କାର୍ଯ୍ୟକମ ଅନୁଷ୍ଠିତ ହୋଇଯାଇଛି ନୂତନ ପିଢ଼ିକୁ ସଂକୀର୍ତ୍ତନ ସହ ଯୋଡିବା ପାଇଁ ଏହି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଖୋଳ ତାଳ ମାଧମରେ ସଚେତନତା ସୃଷ୍ଟି କରାଯାଉଛି ।

## କିଶୋରୀଙ୍କ ପାଇଁ ଉତ୍କଳ ଆଲୁମିନାର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ରାୟଗଡ଼ା,୨୮ ।୧୦ (ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ସରକାରୀ ବିଦ୍ୟାଳୟର କିଶୋରୀମାନଙ୍କ ପାଇଁ ୯୦ ଦିନିଆ ଆନରକ୍ଷା ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି । ସ୍ଥାନୀୟ କିଶୋରୀମାନଙ୍କ ସୁରକ୍ଷା ଓ ଆରବିଶ୍ୱାସ ଗଢି ତୋଳିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ସିଏସଆର୍ ତରଫରୁ ଏହି ପ୍ରୟାସ ଆରମ୍ଭ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଆରକ୍ଷା ପ୍ରଶିକ୍ଷଣ ଶିବିର ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଡିପିଓ ଗୌରହରି ସାହୁ, ଟିକିରି ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱବନ୍ଦିନୀ ବାଗ୍, ଦୋରାଗୁଡ଼ା ଥାନା ଅଧିକାରୀ ଶ୍ରୀମତୀ କିରଣ ସାମଲ, ବ୍ଲକ ଶିକ୍ଷା ଅଧିକାରୀ ଉଗ୍ରସେନ ନାଏକ, ଶ୍ରୀମତୀ ପ୍ରଭା ମିଶ୍ର, ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବକୁଳାରାଣୀ ଦାସ ଏବଂ ସିଏସ୍‌ଆର୍ ଏଚ୍‌ଏଚ ଶ୍ରୀମତୀ ଲୋପମୁଦ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଶିବିର ଜିଲ୍ଲାପାଳଙ୍କ ସମ୍ମତିକ୍ରମେ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ଏହା କାଶୀପୁର ବ୍ଲକ୍‌ର ପାଞ୍ଚଟି ଉଚ୍ଚ ବିଦ୍ୟାଳୟର ୫୦୦ କିଶୋରୀଙ୍କୁ ତିନିମାସ ଅର୍ଥାତ୍ ୯୦ ଦିନର ପ୍ରଶିକ୍ଷଣ ପ୍ରଦାନ କରାଯିବା ନେଇ ଧାର୍ଯ୍ୟ ହୋଇଛି । ଏହି ଶିବିର ଆତ୍ମରକ୍ଷା ଓ କିଶୋରୀ ସଶକ୍ତିକରଣ ଦିଗରେ ଅନୁଭବୀ ସଂସ୍ଥା ଗାର୍ଡେନ ଦ୍ୱାରା କାର୍ଯ୍ୟକାରୀ ହେବ । ଶିବିରରେ ପ୍ଲାଣ୍ଟ ସିଏସଆର୍ ମୁଖ୍ୟ ଦିଗନ୍ତ ମହାନ୍ତି, ସିଏସଆର ଟିମ୍ ସଦସ୍ୟ ରୂପେନ ପଟ୍ଟନାୟକ, ଶ୍ରୀମତୀ ସତ୍ୟଭାମା ନାୟକ ଓ ଗାର୍ଡେନ ଏନଜିଓର ନିର୍ବାହୀ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

● ବାତ୍ୟା ପ୍ରଭାବରେ ବର୍ଷା

## ଗୁଡାରୀରେ ଜନଜୀବନ ଅସ୍ତବ୍ୟସ୍ତ



ଗୁଡାରୀ,୨୮ ।୧୦ (ସମିସ): ରାଜ୍ୟ ପାଣିପାଗ ବିଭାଗର ପୂର୍ବ ଅନୁମାନ ଅନୁସାରେ ଗତ ୨୭ ତାରିଖ ଠାରୁ ଗୁଡାରୀ ସହର ଏବଂ ବ୍ଲକ୍‌ରେ ବାତ୍ୟା 'ମୋନ୍ଥା' ପ୍ରଭାବ ବର୍ଷା ଦେଖିବାକୁ ମିଳିଛି । ଗତ ସୋମବାର ସନ୍ଧ୍ୟାଠାରୁ ସହରରେ ତୁହାକୁ ତୁହା ବର୍ଷା ଲାଗିରହିଛି । ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବର୍ଷା ପ୍ରଭାବରେ ସହରର ଚାରିଆଡ଼େ ଯାତାୟତ ଠପ୍ ହୋଇପଡିଛି । ଏମିତିରେ ସାରା ସହର ଶୂନ୍‌ଶାନ ଦେଖାଦେଇଛି । ଗତ ୨୭ ତାରିଖ ଦିନ ବର୍ଷାରେ ପୂଜାରୀ ଗାଁ କିଶୋର ଶବର ଘର ବାଡି ପଟ ଅଗଣାରେ ନଡ଼ିଆ ଗଛ ଘରର ଟିଣ ଉପରେ ପଡିଯିବା ଫଳରେ ଘର ଭାଙ୍ଗି ଯାଇଛି । ତେବେ ପରିବାର କୌଣସି ଲୋକ ଆହାତ ହୋଇନଥିବା ଜଣାପଡ଼ିଛି । ଏହା ଶୁଣିବା ପରେ ଅସଡା ସରପଞ୍ଚ ଦାମ ଶବର ଡିଇଓ ଏବଂ ଜିଆରଏସ୍ ପୂଜାରୀ ଗାଁ ପରିଦର୍ଶନ କରିଥିଲେ । ବାତ୍ୟା ମୋନ୍ଥାର ପ୍ରଭାବରେ ଦିନ ମଜୁରିଆଙ୍କ ଅବସ୍ଥା ଶୋଚନୀୟ ହୋଇଛି । ପାଣିପାଗର ଆକଳନ ଅନୁସାରେ ଆହୁରୀ ଦୁଇ ଦିନ ଏହି ବର୍ଷା ଲାଗିରହିବ । ଏଣୁ ଖଟିଖିଆ ଗରିବ ଲୋକମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଅଦିନିଆ ବର୍ଷା ଯୋଗୁଁ ଚାଷୀ ହତାଶ ହୋଇ ପଡ଼ିଛନ୍ତି । ଚାଷ ଜମିରେ ପାଣି ପଶିବା ଫଳରେ ପରିବା, କପା ନଷ୍ଟ ହେବା ସମ୍ଭାବନା ରହିଛି ।

## ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ




କୋରାପୁଟ,୨୮ ।୧୦(ସମିସ): ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଛନ୍ତି । ଏହି କ୍ରମରେ କୋରାପୁଟ ଜିଲ୍ଲାରେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀବୃନ୍ଦ ଦୁର୍ନୀତି ନିବାରଣ ପାଇଁ ଉଦ୍ୟମ ଜାରି ରଖିବା ଓ ସ୍ୱଚ୍ଛତାର ସହ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଶପଥ ପାଠ କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ସୁରେଶ ତାଣ୍ଡି, କୋରାପୁଟ ଏସଡିପିଓ ସଞ୍ଜୟ ମଣ୍ଡଳଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ଗାଁ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ଯଦି ଦୁର୍ନୀତି ମୁକ୍ତ ହେବ ତେବେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ କହିଛନ୍ତି । ସାମୁହିକ ଭାବରେ ଦୁର୍ନୀତି ନିବାରଣ କରିବାକୁ ସମସ୍ତେ ଆଗେଇ ଆସିବା ଦରକାର ବୋଲି ସେ ଆହ୍ୱାନ ଦେଇଥିଲେ ।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର

ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ

## ଦୁର୍ନୀତି ନିବାରଣ ସପ୍ତାହ

# ସାଧୁତାର ଶପଥ ପାଠ କଲେ ପୁଲିସ କର୍ମଚାରୀ



ନନ୍ଦପୁର,୨୮ ।୧୦ (ସମିସ): ଦୁର୍ନୀତି ମୁକ୍ତ ସମାଜ ଗଢ଼ିବା ଲକ୍ଷ୍ୟରେ ନନ୍ଦପୁର ପୋଲିସ ପକ୍ଷରୁ ଆଜି ସାଧୁତାର ଶପଥ ନେଇଛନ୍ତି ନନ୍ଦପୁର ପୁଲିସ୍ କର୍ମଚାରୀ । ଏହି ଅବସରରେ ନନ୍ଦପୁର ଥାନା ପରିସରରେ ସମସ୍ତ ପୋଲିସ କର୍ମଚାରୀ, ଅଧିକାରୀ ମାନେ ଉପସ୍ଥିତ ହୋଇ ଦୁର୍ନୀତିର ସମୂଳ ଉଚ୍ଛେଦ ନିମନ୍ତେ ଶପଥ ଗ୍ରହଣ କରିଥିଲେ । ଉକ୍ତ ଶପଥ ପାଠ ସମୟରେ ଆଇଆଇସି ମମତା ପଣ୍ଡା ସତ୍ୟ, ନୀତି ଓ ନ୍ୟାୟ ପ୍ରତି ସଚେତନ ହେଲେ ଦୁର୍ନୀତି ମୁକ୍ତ ସମାଜ ଗଢ଼ିବା ସମ୍ଭବ ବୋଲି ମନ୍ତବ୍ୟ ଦେଇଛନ୍ତି । ଦୁର୍ନୀତି ବିରୋଧରେ ସମସ୍ତଙ୍କ ଏକତା ଆବଶ୍ୟକ । ପ୍ରତ୍ୟେକ ନାଗରିକ ଯଦି ସତ୍ୟ ଓ ନ୍ୟାୟ ପ୍ରତି ସଚେତନ ହୁଅନ୍ତି, ତେବେ ଦୁର୍ନୀତି ମୁକ୍ତ ସମାଜ ଗଢ଼ି ଉଠିବା ସମ୍ଭବ । ଏହି ଅନୁଷ୍ଠାନରେ ଦୁର୍ନୀତି ବିରୋଧୀ ସପ୍ତାହ ଆବାହନ ଅବସରରେ ନନ୍ଦପୁର ଥାନା ପରିସରରେ ଆଇଆଇସି ମମତା କୁମାରୀ ପଣ୍ଡାଙ୍କ ନେତୃତ୍ୱରେ ଏସଆଇ ଦିପ୍ତିମୟୀ ଧାରୁଆ, ବେଦବର ସାହୁ, ଏସଆଇ ଗୁପ୍ତେଶ୍ୱର ଗୌଡଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଯୋଗଦେଇ ନିଜ ଦାୟିତ୍ୱ ପ୍ରତି ସତ୍ୟନିଷ୍ଠ ଓ ନୀତିଶିଳ ରହିବା ପାଇଁ କର୍ମଚାରୀମାନଙ୍କୁ ପ୍ରେରିତ କରିଥିଲେ । ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତାର ସହିତ ସସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ । ଏହି ଅବସରରେ ଆଇଆଇସି ଶ୍ରୀ ପଣ୍ଡା ନିଜ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍କୋଚ ନ ନେବା ଓ ନ ଦେବା, ଜନସାଧାରଣଙ୍କ ହିତରେ କାର୍ଯ୍ୟ କରିବା, ନିଜ ଦାୟିତ୍ୱକୁ ସଚ୍ଚୋଟ ଓ ସାଧୁତା ସହକାରେ ସମ୍ପାଦନ କରିବା ତଥା ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ନେଇ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ଇତ୍ୟାଦି ଶପଥ ପାଠ କରାଇଥିଲେ ।

GOVERNMENT OF ODISHA A-787
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com
NOTICE INVITING TENDER
E-Procurement Notice
Bid Identification No. SEMIDMKG - 08/2025-26

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in Single cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | | |
|---|---|---|---|
| 1. | Name of the work | : | Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District. |
| 2. | Total Number of work | : | 12 (Tweleve) Nos. |
| 3. | Estimated cost | : | Approximately varies from Rs. 4.24 lakh to Rs. 16.95 lakh. |
| 4. | Period of completion | : | Varies from 02(Two) to 03(Three) Calendar Months |
| 5. | Class of Contractor | : | "D" &"C" Class Contractor |
| 6. | Date and time of availability of bid documents in the portal | : | From 10.00 A.M of 01.11.25 to 5.00 PM of 10.11.2025 |
| 7. | Last date /time for receipt of bids in the portal | : | 5.00 pm on 10.11.2025 |
| 8. | Date of opening of bid | : | At 11.00 am on 11.11.2025 in website (www.tendersorissa.gov.in) |
| 9. | Submission of Bids | : | Online mode |
| 10. | Name of the Officer inviting Bid | : | Superintending Engineer, Minor Irrigation Division, Malkangiri |

11. Further details can be seen from the Government of Odisha Web-site:www.tendersorissa.gov.in
12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in **Single Cover** system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526

ସକାଳ THE SAKALA


## ବାତ୍ୟାକୁ ନେଇ ବ୍ୟାପକ ପ୍ରସ୍ତୁତି

# ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର





ମାଲକାନଗିରି, ୨୮ ।୧୦ (ସମିସ): ବାତ୍ୟା ମୋନ୍ଥାକୁ ନେଇ ମାଲକାନଗିରି ଜିଲ୍ଲାରେ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ସହ ଜିଲ୍ଲାବାସୀ ସତର୍କ ରହିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବାତ୍ୟାର ମୁକାବିଲା କରିବା ଲାଗି ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଗତ ଦୁଇ ଦିନ ଧରି ଜୋରଦାର ପ୍ରସ୍ତୁତି ଚାଲିଛି। ଆଜି ଏହି ବାତ୍ୟା ଲ୍ୟାଣ୍ଡ ଫଲ୍ କରିବାର ସୂଚନା ରହିଥିବା ବେଳେ ମାଲକାନଗିରି ଜିଲ୍ଲାରେ ବର୍ଷା ଓ ପବନ ଯଦିଓ ହେଉ ନାହି । କିନ୍ତୁ ପାଗ କୋହଲା ରହିଥିବା ସହ ସ୍ୱଳ ପରିମାଣର ବର୍ଷା ହେଉଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ବାତ୍ୟା ମୋନ୍ଥାକୁ ସାମ୍ନା କରିବା ପାଇଁ ଏନଡିଆରଏଫର ୩୪ ଜଣିଆ ଟିମ ନିଜର ଅତ୍ୟାଧୁନିକ ସାମଗ୍ରୀ ସହ ପହଞ୍ଚି ଥିବା ବେଳେ ସେମାନଙ୍କୁ ବାୟାପଡା ଘାଟି ଓ ଚିତ୍ରକୋଣ୍ଡା ଅଞ୍ଚଳରେ ବ୍ୟାପକ ପ୍ରଭାବ ପଡିବାର ଅନୁମାନ କରି ସେଠାକୁ ଆଗୁଆ ଭାବେ ପଠାଯାଇଛି। ଜିଲ୍ଲାରେ ବନ୍ୟା ଆଶ୍ରୟ ସ୍ଥଳି ଗୁଡିକ ପ୍ରସ୍ତୁତ ରଖାଯିବା ସହ ସେଠାରେ ଯଥେଷ୍ଟ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ସେଠାକୁ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୪୧୧ ଜଣଙ୍କୁ ଜିଲ୍ଲାର ବିଭିନ୍ନ ବ୍ଲକରେ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ବେଳେ ୨ଟି ସ୍ଥାନରେ ଲୋକଙ୍କୁ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ସେହିପରି ବଣ୍ଡା ଘାଟି ସହ ଜିଲାକର ବିଭିନ୍ନ ଅଞ୍ଚଳ୍ରେଲୋକଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଜାଗ କରାଯାଉଥିବା ଦେଖିବାକୁ ମିଳିଛି। ଆନ୍ଧ୍ର ପ୍ରଦେଶର ମଛଲିପାଟଣମ ଓ କାକିନାଡା ମଝିରେ ବାତ୍ୟା ମୋନ୍ଥାର ଲ୍ୟାଣ୍ଡ ଫଲ୍ କରିବ ବୋଲି ଭାରତୀୟ ପାଣି ପାଗ ବିଭାଗ ସୂଚନା ଦେବା ପରେ ଆଲର୍ଟ ହୋଇଛି ମାଲକାନଗିରି ଜିଲ୍ଲା ପ୍ରଶାସନ। କାରଣ ମାଲକାନଗିରି ଜିଲ୍ଲା ଆନ୍ଧ୍ରପ୍ରଦେଶ ସୀମାନ୍ତକୁ ଲାଗିଥିବାରୁ ଏହାର ପ୍ରଭାବ ଅଧିକ ପଡିବ। କାକିନାଡାରେ ସ୍ଥଳ ଭାଗ ଛୁଇଁଲେ ମାଲକାନଗିରି ଜିଲ୍ଲାରେ ଭାରି ବର୍ଷା ହେବା ସହ ପବନ ମଧ ହେବାର ସମ୍ଭାବନା ରହିଛି। ପରିସ୍ଥିତିର ମୁକାବିଲା କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଜୋରଦାର ପ୍ରସ୍ତୁତି ଚାଲିଛି। ମାକାନଗିରି ଜିଲ୍ଲାରେ ୪ଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳ ରହିଥିବା ବେଳେ ବିଦ୍ୟାଳୟ ଗୁଡିକୁ ଅସ୍ଥାୟୀ ବନ୍ୟା ଆଶ୍ରୟ ସ୍ଥଳି ଭାବେ ପ୍ରସ୍ତୁତ କରାଯାଇଛି। ଜିଲ୍ଲାର ସମସ୍ତ ଡାକ୍ତରଖାନାକୁ ହାଇ ଆଲର୍ଟ କରାଯିବା ସହ ଜେନେରେଟର ଚାଲିବା ପାଇଁ ୭ ଦିନର ଡିଜେଲ ମହଜୁଦ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଭାଗୁ ନେଇ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ପ୍ରସ୍ତୁତ କରାଯାଇଛି। ଲୋକଙ୍କ ପାଇଁ ଏକ ହେଲପ୍ ଲାଇନ୍ ନମ୍ବର ମଧ୍ୟ ଦେଇଛି ଜିଲ୍ଲା ପ୍ରାଶାସନ। ବଣ୍ଡା ଘାଟି ଓ ଚିତ୍ରକୋଣ୍ଡା ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଥିବାରୁ ସେଠାରେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି। ଅଗ୍ନିଶମ ବାହିନୀ, ପୋଲିସ କର୍ମଚାରୀ, ବିଦ୍ୟୁତ ବିଭାଗ ଓ ଯୋଗାଣ ବିଭାଗକୁ ଆଲର୍ଟ ରଖା ଯାଇଛି। ତେବେ ବାତ୍ୟା ମୋନ୍ଥାକୁ ନେଇ ସବୁଠାରୁ ଅଧିକ ଚିନ୍ତାରେ ରହିଛନ୍ତି ମାଲକାନଗିରି ଜିଲ୍ଲାର ଚାଷିକୂଳ। କାରଣ ଏବେ ଜମି ରେ ଧାନ ପାଚିଗଲାଣି, ଅମଳର ସମୟ ହୋଇଥିବା ବେଳେ ଲୋକେ ଧାନ କାଟିବାରେ ଲାଗିଛନ୍ତି। କେବଳ ଧାନ ଫସଲ ନୁହେଁ ପନି ପରିବା ଠାରୁ ଆରମ୍ଭ କରି ରାଶି, ବିରି, ମାଣ୍ଡିଆ ଓ ଶୁଆଁ ଚାଷ କରିଥିବା ଆଦିବାସୀ ଲୋକେ ଏବେ ଚିନ୍ତାରେ ପଡିଛନ୍ତି। ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ସହ ଜିଲ୍ଲା ସଦରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ସହ ଟୋଲଫ୍ରି ନମ୍ବର ଖୋଲା ଯାଇ ପ୍ରଶାସନ ସଜାଗ ରହିଥିବା ଜିଲ୍ଲାପାଳ ସୋମେଷ ଉପଧ୍ୟାୟ ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ୬୨ଗୋଟି ଆଶ୍ରୟ ସ୍ଥଳୀ ସାରା ଜିଲ୍ଲାରେ କରାଯାଇଥିବା ଲୋକଙ୍କୁ ସେଠାକୁ ସ୍ଥାନାନ୍ତର କରାଯାଇଥିବା ସହ ୨୫୩ ଗର୍ଭବତୀ ମହିଳାଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଜିଲ୍ଲାରେ ଗତ ୨୪ଘଣ୍ଟା ମଧ୍ୟରେ ୫୪.୦୪ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଚିତ୍ରକୋଣ୍ଡା ବ୍ଲକରେ ସର୍ବାଧିକ ୧୩.୦୬ ମିମି ବର୍ଷା ହୋଇଥିବା ଜଣାପଡିଛି।

## ବାତ୍ୟା ମୁକାବିଲା ପାଇଁ ପହଞ୍ଚିଲେ ୧୩ ପିଜି ଡାକ୍ତର

ରାୟଗଡ଼ା,୨୮ ।୧୦(ସମିସ): ବାତ୍ୟା ମୁକାବିଲା ପାଇଁ ରାୟଗଡା ଜିଲ୍ଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ଜଣ ପିଜି ଡାକ୍ତରଙ୍କୁ ପଠାଯିବାକୁ ନିର୍ଦ୍ଦେଶ ହୋଇଥିଲା। ଆଜି ରାୟଗଡ଼ାରେ ୧୩ଜଣ ଡାକ୍ତର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ରିପୋର୍ଟ କରିଥିବା ବେଳେ ଆସନ୍ତାକାଲି ସକାଳେ ଆଉ ୧୦ଜଣ ପହଞ୍ଚିବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡାକ୍ତର ଭି.ସରୋଜୀନି ଦେବୀ ପ୍ରକାଶ କରିଛନ୍ତି। ରାୟଗଡ଼ାରେ ଯୋଗ ଦେଇଥିବା ଡାକ୍ତରମାନଙ୍କୁ ଡିଏଚଏଚ ସମେତ ସିଏଚସିଗୁଡିକରେ ନିଯୁକ୍ତ କରାଯିବ ଏବଂ ବାତ୍ୟା ପରିସ୍ଥିତି ଶେଷ ହେବା ପରେ ସେମାନେ ପୁଣି ଫେରିବେ ବୋଲି କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡିଏଚଏଚ) ଏବଂ ବ୍ଲକ ଗୁଡିକରେ ଥିବା ସିଏଚସି, ପିଏଚସି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଯଥେଷ୍ଟ ପରିମାଣର ଔଷଧ, ସାପ କାମୁଡା ଇଂଜେକ୍ସନ, ସାଲାଇନ, ଓଆରଏସ, ହାଲୋଜେନ, ବ୍ଲିଚିଂ,ଆମ୍ବୁଲାନ୍ସ ପାଇଁ ଇନ୍ଧନ,ରୋଗୀଙ୍କ ନିମନ୍ତେ ଖାଦ୍ୟ ଆଦିର ଆଗୁଆ ମହଜୁଦ ଏବଂ ଆବଶ୍ୟକ ମାନବସମ୍ବଳ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ସେହିପରି ଜିଲ୍ଲାରେ ତ୍ୱରିତ ସହାୟତା ନିମନ୍ତେ ରାପିଡ ଆକ୍ସନ ଟିମ୍ ଗଠନ କରାଯାଇଥିବା ସୂଚନା ଦେଇଛନ୍ତି। ମଙ୍ଗଳବାର ସଂଧ୍ୟା ସୁଦ୍ଧା ରାୟଗଡ଼ା ଜିଲ୍ଲାରୁ ୧୪୫ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ମାତୃଗୃହ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଗତକାଲି ୮୨ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆଜି ୬୩ଜଣ ମହିଳାଙ୍କୁ ମା'ଗୃହ ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ଲକ୍ଷ୍ମୀଧର ମହାପାତ୍ର ସୂଚନା ଦେଇଛନ୍ତି।

## ବାତ୍ୟା ପାଇଁ ପଦ୍ମପୁରରେ ବ୍ୟାପକ ସତର୍କତା



ପଦ୍ମପୁର,୨୮ ।୧୦(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟାକୁ ଦୃଷ୍ଟିରେ ରଖି ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ଗୁଣପୁର ଉପଜିଲ୍ଲାପାଳ ଅଭିଷେକ ଦିଲିପ୍ ଦୁଧାଲ୍ ଓ ପଦ୍ମପୁର ତହସିଲଦାର ଶଙ୍କର ବାଗ୍ ପ୍ରମୁଖ ପଦ୍ମପୁର ବ୍ଲକ ଗୁଲୁଗୁଲା ଓ ତବଲାଗୁଡା ଅଞ୍ଚଳକୁ ଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲରେ ୨୨ଜଣ ଲୋକଙ୍କୁ ରଖାଯାଇଛି। ସେମାନଙ୍କ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ନଦୀକୂଳିଆ ଗ୍ରାମବାସୀମାନଙ୍କୁ ଓ ବଡନାଳ ପ୍ରକଳ୍ପ କୂଳିଆ ଅଞ୍ଚଳର ଲୋକ ମାନଙ୍କ ଅଧିକ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଯ୍ୟ ଋତୁପର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୁଣପୁର ମା'ଗୃହକୁ ୫ଜଣ ପ୍ରସୂତି ମା'ଙ୍କୁ ପଠାଯାଇଥିବା ବେଳେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୬ଜଣ ଗର୍ଭବତୀ ମହିଳାଙ୍କୁ ରଖାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଦେବା ସହ ଭାମ୍ୟମାଣ ଡାକ୍ତର ଦଳ ପ୍ରସ୍ତୁତ ଥିବା ବିପିଓ ମନୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି।

● ମୋନ୍ଥା' ପାଇଁ ରାୟଗଡା ପ୍ରଶାସନର ତତ୍ପରତା

## ବାତ୍ୟା ମୁକାବିଲ ପାଇଁ ନିୟମଗିରି ପାହାଡ଼ରେ ଜିଲ୍ଲାର ଅଧିକାରୀ



ରାୟଗଡା,୨୮ ।୧୦(ସମିସ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଉଛ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡା ଅକ୍ଷୟ କୁମାର ଖେମୁଣ୍ଡୁ ବିଷମକଟକ ଓ ମୁନିଗୁଡା ବ୍ଲକର ସମସ୍ତ ସମ୍ବେଦନଶୀଳ ଅଞ୍ଚଳ ନିୟମଗିରି ପାହାଡ଼ର ଡାଲିଆକୂଜି, ବୋରିଗୁଡା, ତଳଦ୍ୱାରଗୁଡି, ଉପରଦ୍ୱାରଗୁଡି ଗ୍ରାମାଞ୍ଚଳ ପରିଦର୍ଶନ କରି ସମ୍ଭାବ୍ୟ ବର୍ଷାରୁ ନିୟମଗିରିର ଡଙ୍ଗରିଆ କନ୍ଧ ଆଦିମ ଜନଜାତିମାନେ କିଭଳି ସୁରକ୍ଷିତ ରହିବେ ତାହା ଉପରେ ଗୁରୁତ୍ୱାରୋପ କରି ସ୍ଥାନୀୟ ବ୍ଲକ ଓ ରାଜସ୍ୱ ପ୍ରଶାସନିକ ଅଧିକାରୀଙ୍କୁ ତତ୍ପରତା ସହ କାର୍ଯ ନିଭାଇବାକୁ ପରାମର୍ଶ ଦେଇଛନ୍ତି। ଅସୁରକ୍ଷିତ ମନେ କରୁଥିବା ସ୍ଥାନରୁ ଅଧିବାସୀ ମାନଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରଣ କରି କିପରି ସେମାନଙ୍କ ଧନ ଜୀବନ ସୁରକ୍ଷିତ ରହିପାରିବ ସେଥିପ୍ରତି ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ରାୟଗଡା ଗୁରୁତ୍?ାରୋପ କରିଛନ୍ତି। ଏହି ଅବକାଶରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପୁସୁଗୁଡା ଅସ୍ଥାୟୀ ଆଶ୍ରୟସ୍ଥଳ ପରିଦର୍ଶନ କରିବା ସହ ଏହାର ଆନୁସଙ୍ଗିକ ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି। ଏହି ଗସ୍ତ ସମୟରେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ତହସିଲଦାର କେ. ଭେଙ୍କଟେଶ ରେ‡ୀ ଏବଂ କ୍ଷେତ୍ର ସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ମୁକାବିଲା ପାଇଁ ବନ ବିଭାଗର ୨୦ ସ୍ୱତନ୍ତ୍ର ଟିମ



ମାଲକାନଗିରି,୨୮ ।୧୦(ସମିସ): ମାଲକାନଗିରିର ଡିଏଫଓ ସାଇ କିରନଙ୍କ ଅଧକ୍ଷତାରେ ସମସ୍ତ ରେଞ୍ଜ ଅଧିକାରୀଙ୍କ ସହିତ ଭିସି ମୋଡ୍ ମାଧ୍ୟମରେ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଆଜି ଏକ ଡିଭିଜନସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଡିଭିଜନରେ ବାତ୍ୟାର ମୁକାବିଲା ପାଇଁ ୨୦ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି, ବିଶେଷ କରି ଚିତ୍ରକୋଣ୍ଡା ରେଞ୍ଜ ଟି ଆନ୍ଧ୍ରପ୍ରଦେଶ ସୀମାନ୍ତ ରେ ବାଲିମେଳା ଜଳ ଭଣ୍ଡାର ଓ ସିଲେରୁ ନଦୀ ଥିବାରୁ ବାତ୍ୟା ର ଅଧିକ ପ୍ରଭାବ ପଡିବା ଆଶଙ୍କାରେ ସ୍ୱାଭିମାନ ଅଞ୍ଚଳ ଯାନବାଇ, ଗୁଣ୍ଡାୱାର୍ଡ ।, ଚିତ୍ରକୋଣ୍ଡା କୁ ନେଇ ତିନୋଟି ସ୍ୱତନ୍ତ୍ର ଟିମଗଠନ କରାଯାଇ ବାତ୍ୟା ଅଞ୍ଚଳରେ ନିୟୋଜିତ କରାଯାଇଛି, ଆବଶ୍ୟକୀୟ ଉପକରଣ ଏବଂ ସୁରକ୍ଷା ଉପକରଣ ସହିତ ସଜ୍ଜିତ କରାଯାଛି, ନିରନ୍ତର ତଦାରଖ ଏବଂ ସମନ୍‌ୱୟ ପାଇଁ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି,- ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ନିରନ୍ତର ତଦାରଖ ଏବଂ ଶୀଘ୍ର ପ୍ରତିକ୍ରିୟା ପାଇଁ ମୁଖ୍ୟାଳୟରେ ଏକ ରକ୍ଷକ ଯାନ ଏବଂ ସମସ୍ତ ଆବଶ୍ୟକୀୟ ଉପକରଣ ସହିତ ଦ୍ରୁତ ପ୍ରତିକ୍ରିୟା ଦଳ ନିୟୋଜିତ କରାଯାଇଛି। ସାପ କାମୁଡ଼ା ଏବଂ ବନ୍ୟପ୍ରାଣୀ ଜରୁରୀକାଳୀନ ପରିସ୍ଥିତିର ପ୍ରତିକ୍ରିୟା ପାଇଁ ଏକ ତାଲିମପ୍ରାପ୍ତ ସାପ ଉଦ୍ଧାରକାରୀ ଦଳକୁ ନିୟୋଜିତ କରାଯାଇଛି।"ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ସେମାନଙ୍କ ମୁଖ୍ୟାଳୟରେ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି, ଏବଂ ପ୍ରକୃତ ଜରୁରୀକାଳୀନ ପରିସ୍ଥିତି ବ୍ୟତୀତ ସମସ୍ତ ମଞ୍ଜୁରୀପ୍ରାପ୍ତ ଛୁଟି ବାତିଲ କରାଯାଇଛି, ସତିଗୁଡାଜଳ ଭଣ୍ଡାର ଇକୋ-ପାର୍କ ଇନଚାର୍ଜମାନଙ୍କୁ ସଜାଗ ରହିବା, ପରିଦର୍ଶକ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତିକୁ ଏଡାଇବା ପାଇଁ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଡିଭିଜନ ଜିଲ୍ଲା ପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗ ସହିତ ଘନିଷ୍ଠ ସମନ୍‌ୱୟରେ ରହିଛି।"ଏକତ୍ରିତ ଭାବରେ, ଡିଭିଜନ ଘୂର୍ଣ୍ଣିଝଡ଼ ମନ୍ଥାର ଯେକୌଣସି ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରସ୍ତୁତ ଏବଂ ସଜାଗ ରହିଛି ବୋଲି ଏକ ପ୍ରେସ ନୋଟ ମାଧ୍ୟମ ରେ ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମହୁକା ସୂଚନା ଦେଇଛନ୍ତି।

## ଗର୍ଭବତୀ ମହିଳା ଓ ଲୋକଙ୍କୁ ସ୍ଥାନାନ୍ତର


Latitude: 18.533078
Longitude: 82.111569

ମାଥିଲି,୨୮ ।୧୦ (ସମିସ): ବାତ୍ୟା ପାଇଁ ମାଥିଲି ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ତଳି ଅଞ୍ଚଳରେ ଥିବା ୪୨ ଜଣ ଗର୍ଭବତୀ ମହିଳା ମାନଙ୍କୁ ଆଣି ୨୫ଜଣଙ୍କୁ ମାଥିଲି ମା ଗୃହରେ ରଖିବା ସହିତ ବାକି ମା ମାନଙ୍କୁ ଗାଙ୍ଗରାଜ ଗୁମ୍ଫା ଅସ୍ଥାୟୀ ବାତ୍ୟା ସ୍ଥଳରେ ରଖାଯାଇଛି। ସେହିପରି ଆଜି ମଧ ମୋଟ ତଳି ଅଞ୍ଚଳର ୫୬ ଜଣକୁ ସ୍ଥାନାନ୍ତର କରିବା ସହିତ ସେଥିମଧ୍ୟରେ ୨୫ ଜଣ ଗର୍ଭବତୀ ମା ମାନଙ୍କୁ ଆଣି ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ରଖାଯାଇଛି। ଅସ୍ଥାୟୀ ବାତ୍ୟା ସ୍ଥଳୀରେ ରହୁଥିବା ଗର୍ଭବତୀ ମା ଓ ମହିଳା, ପୁରୁଷ ମାନଙ୍କ ସହିତ ଅନେକ ଶିଶୁ ରହିଛନ୍ତି। ଅସ୍ଥାୟୀ ସ୍ଥଳୀରେ ରହୁ ସମସ୍ତ ପ୍ରକାର ଯଥା ରନ୍ଧା ଖାଦ୍ୟ ଖାଦ୍ୟ ଠାରୁ ଆରମ୍ଭ କରି ମେଡିକାଲ ସେବା ମଧ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହିଥିବା ଲୋକ ମାନଙ୍କୁ ତଦାରଖ କରିବା ପାଇଁ ମାଥିଲି ସଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ଓ ସରପଞ୍ଚ କାନାମରାଜୁ ନାୟକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତାହା ସହିତ ବିଡ଼ିଓ ଏମ, ବେହେରା ,ତହସିଲଦାର ସୁଶ୍ରୀ ମାନସୀ ଭୋଇ, ମାଥିଲି ବ୍ଲକ ନିର୍ବାହୀଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ଜିପିଡ଼ିଓ ରତନ ରାଓ ଓ ଏପିଓ ଲିଙ୍ଗରାଜ କରକରିଆ ବ୍ଲକର ୨୦ ଟି ପଞ୍ଚାୟତରେ ଥିବା ନଦୀ କୁଳିଆ ଗାଁ ଗୁଡିକରେ ବୁଲି ସଚେତନ କରିବା ସହିତ ବିପଦସଂକୁଳ ଅବସ୍ଥାରେ ଥିବା ଲୋକ ମାନଙ୍କୁ ଅସ୍ଥାୟୀ ବାତ୍ୟା ସ୍ଥଳୀକୁ ଆଣି ରଖିବା ସହିତ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ବିଡିଓ ଏମ.ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

● କେନାଲରୁ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ମାମୁ

ମାଲକାନଗିରି, ୨୮ ।୧୦(ସମିସ): ମାଲକାନଗିରି ସଦର ଥାନା ଅନ୍ତର୍ଗତ ଇର୍ମାଗୁଡ଼ା ଗ୍ରାମର ଲଲିନ୍ ମାଢିଙ୍କୁ ତାଙ୍କ ମୋଟର ସାଇକେଲ ସହିତ କେନାଲ ପାଣି ଭିତରେ ମୃତ ଅବସ୍ଥାରେ ପଡ଼ିଥିବା ବେଳେ ଉଦ୍ଧଶଣ ଷଡାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ମାଲକାନଗିରି ସଦର ଥାନା ଅନ୍ତର୍ଗତ ତୁମସାପାଲି ଗ୍ରାମର ପାଣ୍ଡୁ ମାଢି କରିଥିବା ଅଭିଯୋଗ ଅନୁଯାୟୀ, ଆଜି ସକାଳେ ଇର୍ମାଗୁଡ଼ା ଗ୍ରାମର ତାଙ୍କ ଭଣଜା ଲଲିନ୍ ମାଢି ନିଜ ମୋଟର ସାଇକେଲରେ ଯାଇଥିଲେ। ତେବେ କିଛି ସମୟ ପରେ ନିକଟରେ ଥିବା ଏକ କେନାଲରେ ଲଲିନ୍ ମୃତ ଦେହ ଓ ତାଙ୍କ ମୋଟର ସାଇକେଲ ପଡି ରହିଥିବା ଦେଖିବାକୁ ମିଳିଥିଲା। ତେବେ ତାଙ୍କୁ କେହି ହତ୍ୟା କରି କେନାଲରେ ପକାଇ ଦେଇଥିବା ଅଭିଯୋଗ କରିଛନ୍ତି ତାଙ୍କ ମାମୁ ପାଣ୍ଡୁ। ଏହାକୁ ନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## କଣ୍ଟେନର ସିକ୍ରେଟ୍ ଚ୍ୟାମ୍ବରରେ ଗଞ୍ଜେଇ ଚାଲାଣ

କୋରୁକୋଣ୍ଡା/ବାଲିମେଳା,୨୮ ।୧୦(ସମିସ): ମାଲକାନଗିରି ଜିଲ୍ଲା ଓରକେଲ ପୁଲିସକୁ ମିଳିଛି ବଡ଼ ସଫଳତା। ଅଭିନବ ଉପାୟରେ କଣ୍ଟେନରରେ ସିକ୍ରେଟ ଚ୍ୟାମ୍ବର ମାଧ୍ୟମରେ ଗଞ୍ଜେଇ ଚୋରା ଚାଲାଣ ବେଳେ ୭୭୦ କିଲୋ ଗଞ୍ଜେଇ ଜବତ କରିଛି ପୋଲିସ। ସୋମବାର ଅପରାହ୍ନ ସମୟରେ ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନ ତମସା ମୁଖ୍ୟ କେନାଲ ଦେଇ ସୋରଲୁକୋଣ୍ଡା ବ୍ୟାରେଜ ଆଡକୁ ଏକ ଗଞ୍ଜେଇ ଗାଡି ଆସୁଥିବା ବିଶେଷ ସୁତ୍ରରୁ ଖବର ପାଇଥିଲେ। ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏସଆଇ ମିଳନ ବରିହା ଏବଂ ଟିମ ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ ଗାଡ଼ି ଯାଞ୍ଚ କରିବା ଆରମ୍ଭ କରିଥିଲେ। ଗାଡି ଯାଞ୍ଚ ସମୟରେ ଏକ ବଡ଼ ଟ୍ରକ କଣ୍ଟେନରଟି କାମବେଡା ପଟୁ ଆସୁଥିବା ଦେଖି ଅଟକାଇଥିଲେ। କଣ୍ଟେନରରେ କଣ ସାମଗ୍ରୀ ଥିବା ପୋଲିସ ପଚାରିବାରୁ କିଛି ଜରି ବସ୍ତା ରହିଥିବା ଡ୍ରାଇଭର ଜଣଙ୍କ ଉତ୍ତର ଦେଇଥିଲେ। ଗାଡିଟିକୁ ପୋଲିସ ତନ ତନ କରି ଯାଞ୍ଚ କରିବା ପରେ ଟ୍ରକ କଣ୍ଟେନର ଦୂରତା ଏବଂ ଡ୍ରାଇଭର ପଛକୁ ଥିବା ସିକ୍ରେଟ ଚ୍ୟାମ୍ବର ସମ୍ବନ୍ଧରେ ଜାଣିବାକୁ ପାଇଥିଲା। ଯାଞ୍ଚ ପରେ ୧୭ଟି ବସ୍ତାରେ ୭୭୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରାଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଓଜନ କରିବା ସହ ଚାଲାଣକାରୀ ମାନଙ୍କୁ ଗିରଫ କରି ଥାନାକୁ ନିଆଯାଇଥିଲା। ଗାଡ଼ିରେ ଡ୍ରାଇଭର ସମେତ ଜଣେ ହେଲପର ଏବଂ ଗାଡି ମାଲିକ ମଧ ଉପସ୍ଥିତ ଥିବା ଜଣାପଡିଛି। ଗିରଫ ୩ ଚାଲାଣକାରୀ ଉତ୍ତରପ୍ରଦେଶ ରାଜ୍ୟର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ରାଜ ବାହାଦୂର(୫୫), ଘର ଚିତ୍ରକୁଟ ଜିଲ୍ଲାର ଗଣ୍ଡା ଗ୍ରାମ, ଜେମଶ ଚୌହାନ(୪୫), ଘର ବନ୍ଦା ଜିଲ୍ଲାର ସାହବ ତଲବ ଏବଂ ଅନ୍ୟ ଜଣେ ରିତିକ ଗୁପ୍ତା(୨୫), ବନ୍ଦା ଜିଲ୍ଲାର ପଲାରା ଗ୍ରାମ ବୋଲି ପୋଲିସ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛି। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୦ ଲକ୍ଷରୁ ଉର୍ଦ୍ଧ୍ୱରୁ ହେବ ବୋଲି ଚିତ୍ରକୋଣ୍ଡା ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି। ଗଞ୍ଜେଇକୁ କାମବେଡା ଅଞ୍ଚଳରୁ ନିଜ ଅଞ୍ଚଳ ଉତ୍ତରପ୍ରଦେଶକୁ ମୋଟା ଅଙ୍କର ଟଙ୍କା ଲୋଭରେ ଚାଲାଣ କରୁଥିବା ତଦନ୍ତକାରୀ ଅଧିକାରୀ ଅଜିତ ସିଂ ବରିହା କହିଛନ୍ତି। ଆଜି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଚିତ୍ରକୋଣ୍ଡା ଏସ୍‌ଡିପିଓ ଶ୍ରୀ ପ୍ରଧାନ କହିଛନ୍ତି।

## ହିକିମପୁଟ ପୂର୍ବତନ ସରପଞ୍ଚଙ୍କ ଅକାଳ ବିୟୋଗ



ନନ୍ଦପୁର, ୨୮।୧୦ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହିକିମ୍‌ପୁଟ ଗ୍ରାମପଞ୍ଚାୟତର ପୂର୍ବତନ ଯୁବ ସରପଞ୍ଚ ଡମ୍ବୁରୁଧର ସୀସାଙ୍କର ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ପୀତମ୍ ପାଢ଼ି, ସାମାଜିକ କର୍ମୀ ମୁନା ଦଳପତି, ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଜୟଚନ୍ଦ୍ର ଖେମୁଣ୍ଡୁ, ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ, ବିଜେପି ବରିଷ୍ଠ ନେତା ଜୟରାମ ଭୋଇ ଯୁବ ସମାଜସେବୀ ମଦନ ହାଡ ପୁଟିଆ, ପୂର୍ବତନ ସରପଞ୍ଚ ରେଲି ସୀସା, ବ୍ଲକ୍ ବିଜେଡି ସଭାପତି କାଶୀନାଥ ଗୋଲରିଙ୍କ ସମେତ ଅଞ୍ଚଳର ଶତାଧିକ ଲୋକ ହିକିମପୁଟ ଗ୍ରାମରେ ପହଞ୍ଚି ସ୍ୱର୍ଗତ ଡମ୍ବୁରୁଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ହିକିମ ପୁଟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ମାଓ ସ୍ମାରକୀ ଭାଙ୍ଗିଲେ ଯବାନ


ମାଲକାନଗିରି, ୨୮ ।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲାର ଫର୍ସେଗଡ଼ ଥାନା ଅଞ୍ଚଳର ପିଲୁର ଗ୍ରାମ ଜଙ୍ଗଲରେ ମାଓବାଦୀମାନଙ୍କ ଦ୍ୱାରା ନିର୍ମିତ ୨୦ ଫୁଟ ଉଚ୍ଚ ମାଓ ସ୍ମାରକୀକୁ ସୁରକ୍ଷା ବାହିନୀ ଭାଙ୍ଗି ଦେଇଛନ୍ତି। ଏହି ଅପରେସନରେ ସିଆରପିଏଫର ୨୧୪ ବାଟାଲିଆନ, ଡିଆରଜିର ଯବାନ ମାନେ ଏବଂ କୋବ୍ରା ୨୦୬ର ଯବାନଙ୍କ ମିଳିତ ଦଳ ଦ୍ୱାରା କରାଯାଇଥିଲା। ଏହି ଅପରେସନ୍ ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓବାଦୀଙ୍କ ବିରୁଦ୍ଧରେ ଚାଲିଥିବା ଅପରେସନ୍ ର ଏକ ଅଂଶ ଥିଲା। ସୁରକ୍ଷା ବାହିନୀ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ମାଓ ସ୍ମାରକୀ ବିଷୟରେ ସୂଚନା ପାଇଥିଲେ ଏବଂ ପରବର୍ତ୍ତୀ ସମୟରେ ଘଟଣାସ୍ଥଳରେ ପହଞ୍ଚି ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରି ଦେଇଥିଲେ। ପୋଲିସ ଅଧିକାରୀଙ୍କ ଅନୁଯାୟୀ, ମାଓବାଦୀଙ୍କ ବିରୁଦ୍ଧରେ ଚାଲିଥିବା ପ୍ରଭାବଶାଳୀ ଅଭିଯାନ ନିରନ୍ତର ସେମାନଙ୍କ ମନୋବଳକୁ ପ୍ରଭାବିତ କରୁଛି।

# ବାତ୍ୟା ପାଇଁ ଟ୍ରେନ୍ ବାତିଲ; ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ଭିଡ଼




ରାୟଗଡ଼ା,୨୮ ।୧୦(ସମିସ): "ମୋନ୍ଥା'ର ପ୍ରଭାବରେ ପୂର୍ବତଟ ରେଳବାଇ ପକ୍ଷରୁ ଅନେକ ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଥିବା ବେଳେ କିଛି ଟ୍ରେନର ଗତି ପରିବର୍ତ୍ତନ ଏବଂ ପୁନଃନିର୍ଦ୍ଧାରିତ ହୋଇଛି। ଏହି ଟ୍ରେନ ବାତିଲ ଘୋଷଣା ପରେ ରାୟଗଡ଼ା ରେଳ ଷ୍ଟେସନରେ ଯାତ୍ରୀ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ବସ ଯାତ୍ରା ଉପରେ ଅଧିକ ଯାତ୍ରୀ ନିର୍ଭର କରିଥିବା ବେଳେ ଆଜି ସକାଳୁ ରାୟଗଡ଼ା ବିଜୁ ପଟ୍ଟନାୟକ ବସ ଟର୍ମିନାଲ ଠାରେ ଅନେକ ଯାତ୍ରୀମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଫଳରେ ବସ୍‌ଗୁଡିକରେ ଯାତ୍ରୀମାନେ ଲମ୍ବା ଧାଡିରେ ଠିଆ ହୋଇ ବସ୍ ଭିତରକୁ ଯାଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଭୁବନେଶ୍ୱର ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଆଜି ଜଗଦଲପୁର ପରିବର୍ତ୍ତେ ରାୟଗଡ଼ା ରେଳ ଷ୍ଟେସନ ଠାରେ ରହିଯାଇଥିବା ଯୋଗୁଁ କୋରାପୁଟ, ଜୟପୁର, ଜଗଦଲପୁର ଆଦି ଗନ୍ତବ୍ୟସ୍ଥଳକୁ ଯାଉଥିବା ଯାତ୍ରୀମାନେ ରାୟଗଡ଼ାରେ ଓହ୍ଲାଇ ପଡି ବସ ଯୋଗେ ଯାତ୍ରା କରିବା ପାଇଁ ବସଷ୍ଟାଣ୍ଡକୁ ଯାଇଥିବା ବେଳେ ସେଠାରେ ଉକ୍ତ ରୁଟରେ ଯାଉଥିବା ବସଗୁଡିକ ରହିଥିବା ବେଳେ ବହୁ ସଂଖ୍ୟକ ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଫଳରେ ଅନେକ ଯାତ୍ରୀ ବହୁ ସମୟ ଅପେକ୍ଷା କରି ପରବର୍ତି ବସଗୁଡିକରେ ଯାଇଥିବା ଜଣାପଡିଛି। ସେହିପରି ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନଟି ଆଜି ରାତ୍ର ରାୟଗଡ଼ାରୁ ଭୁବନେଶ୍ୱରକୁ ଯାତ୍ରା କରିବ ବୋଲି ରେଳବାଇ ପକ୍ଷରୁ ବାର୍ତା ଦିଆଯାଇଥିବା ବେଳେ ହାଓଡା-ଜଗଦଲପୁର ଏକ୍ସପ୍ରେସ, ଜଗଦଲପୁର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଆଦି ଆଜି ଠାରୁ ଆସନ୍ତାକାଲି ପର୍ଯ୍ୟନ୍ତ ବନ୍ଦ ଥିବା ବେଳେ ଏହା ରାୟଗଡ଼ାରୁ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ଯାତ୍ରୀ ସୁରକ୍ଷା ଦୃଷ୍ଟିରୁ ପୂର୍ବତଟ ରେଳବାଇ ପକ୍ଷରୁ ୱାଲଟିୟର ଡିଭିଜନ ଓ ରାୟଗଡ଼ା ରେଳ ଡିଭିଜନ ଅଞ୍ଚଳରେ ଟ୍ରେନ ସେବାକୁ ତୁରନ୍ତ ପୁନଃସ୍ଥାପନା କରିବା ପାଇଁ ଦୁର୍ଘଟଣା ରିଲିଫ ଟ୍ରେନ,ସାମଗ୍ରୀ ବହନ ରିଲିଫ ଟ୍ରେନ, ଏକ୍ସକାଭେଟର ଏବଂ ବୁଲଡୋଜରଗୁଡିକୁ କୋତାବାଲସା-କିରାଣ୍ଡୁଲ,କୋରପୁଟ-ରାୟଗଡ଼ା କେଆର ଲାଇନ, ରାୟଗଡ଼ା-ବିଜୟନଗରମ୍ ଏବଂ ଦୁୱାଡା-ବିଶାଖାପାଟଣମ-ପାଲାସା ସେକ୍ସନରେ ବିଭିନ୍ନ ପ୍ରମୁଖ ସ୍ଥାନରେ ରଣନୀତିକ ଭାବରେ ସ୍ଥାନିତ କରାଯାଇଛି।

# ସମ୍ପାଦକୀୟ



ପ୍ରତ୍ୟେକ ଶିଶୁ ଏହି ସ୍ୱର୍ଗୀୟ ବାର୍ତ୍ତା ଆଣି ଆସିଥାଏ ଯେ ଈଶ୍ୱର ଏବେବି ମଣିଷ ଜାତି ଉପରୁ ଆସ୍ଥା ହରାଇ ନାହାନ୍ତି !
-ରବୀନ୍ଦ୍ରନାଥ ଠାକୁର

ସକାଳ THE SAKALA

## ଖାଉଟି ବିପର୍ଯ୍ୟୟ

ବାତ୍ୟା ଆସିନାହିଁ କି ଆସିବାର ନାହିଁ। ଅଥଚ ଦୁଇଦିନ ଆଗରୁ ପନିପରିବା ଓ ଆଳୁର ବଜାର ଦର ଅହେତୁକ ଭାବେ ବଢ଼ିଗଲା। ଏହା ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱରର ସ୍ଥିତି, ଯେଉଁଠି ସରକାରଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଓ ଦୃଷ୍ଟି ରହିଛି। ଆଭ୍ୟନ୍ତରୀଣ ଓ ବାତ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି କ'ଣ ହୋଇଥିବ ଏଥିରୁ ଅନୁମେୟ। ଅହେତୁକ ଦର ବୃଦ୍ଧିରେ ଖାଉଟି ଖର୍ଚ୍ଚାନ୍ତ ଓ ବେପାରୀ ମାଲେମାଲ୍ ହୋଇସାରିବା ପରେ ଏବେ ସରକାର ସ୍ୱଭାବସୁଲଭ ଢଙ୍ଗରେ କହୁଛନ୍ତି କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ପାଖରେ ବଜାର ଖବର ପହଞ୍ଚିବାରେ ବିଳମ୍ବ ହେଉଛି ନା ଜ୍ଞାତସାରରେ ଏଭଳି ବାବୁ-ବେପାରୀ ମଧୁଚନ୍ଦ୍ରିକାକୁ ଅଣଦେଖା କରାଯାଉଛି ତାହା ସାଧାରଣ ଲୋକ ଜାଣିବା କଷ୍ଟକର।

ନିୟମିତ ଧାରାରେ ସାମାନ୍ୟ ଓଲମବିଲମ ହେଲେ ତାହାର ତତ୍କାଳ ପ୍ରଭାବ ପଡୁଛି ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଆଳୁ ବଜାର ଉପରେ। ପଶ୍ଚିମବଙ୍ଗରେ କାଳୀପୂଜା ପାଇଁ ମଣ୍ଡି ବନ୍ଦ ଥିବାରୁ ତାହାର ପ୍ରଭାବ ଓଡ଼ିଶାର ଆଳୁ ବଜାର ଉପରେ ପଡ଼ିଥିବା କୁହାଯାଉଛି। ତା'ସହିତ ବାତ୍ୟା ଭୟ ଯୋଗୁଁ ଆଳୁ ଚାହିଦା ହଠାତ୍ ବଢ଼ିଯିବାରୁ ଆଳୁ ଦାମ ଉଚ୍ଚା ହୋଇଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଓଡ଼ିଶାର ଆଳୁ ପେଣ୍ଠ କୁବେରପୁରୀରେ ମହଜୁଦ ସ୍ତର ଏତେ ସଙ୍କଟଜନକ ନୁହେଁ ଯେ ଦୁଇ/ତିନିଦିନ ଯୋଗାଣ ବ୍ୟାହତ ହେଲେ ଖୁଚୁରା ବଜାରରେ ଆଳୁ କିଲୋ ପିଛା ୧୦ ଟଙ୍କାରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଯିବ। ତେଣୁ ମହଜୁଦକାରୀ, ପାଇକାରୀ ଓ ଖୁଚୁରା ଦୋକାନୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହିଁ ଏହି ବର୍ଦ୍ଧିତ ମୂଲ୍ୟ ପାଇଁ ଦାୟୀ। ଏବେ ପ୍ରଶ୍ନ ଉଠୁଛି ଦୁଇଦିନ ଆଗରୁ ଭୁବନେଶ୍ୱର ବଜାରରେ ଆଳୁ ଦାମ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିଯାଇଥିବା ହୁରି ପଡ଼ିଥିଲେ ମଧ୍ୟ ସରକାରଙ୍କ କାନକୁ ଏ ଖବର ଯାଇନାହିଁ କେମିତି? ଏହା ପରିଚାଳନାଗତ ଅପରାଗତା ନା କଳାବଜାରୀକୁ ପରୋକ୍ଷ ପ୍ରୋତ୍ସାହନ ବୋଲି ଲୋକମୁଖରେ ପ୍ରଶ୍ନ ହେଉଛି।

ସାମଗ୍ରିକ ଘଟଣାକ୍ରମରେ ସରକାରଙ୍କ ଉଦାସୀନତାଠାରୁ ଅଧିକ ଦାୟୀ ଖାଉଟିମାନଙ୍କ ମାନସିକତା। ଯେଉଁ ହାତଗଣତି ଅତିସିଆଣିଆ ଖାଉଟି ମାତ୍ରାଧିକ ଚାଲାକିପଣିଆ ଓ ଦୂରଦର୍ଶିତା ଦେଖାଇ କିଲେ ଜାଗାରେ ଦଶକିଲୋ ବୋହି ନେଲେ ତାହାର ଦେଖାଶିଖା ପ୍ରଭାବ ପୂରା ଖାଉଟି ବଜାର ଉପରେ ପଡ଼ିଲା। ଏଥିରେ ସାମଗ୍ରିକ ଭାବେ ଖାଉଟି ବର୍ଗ ପ୍ରଭାବିତ ହେଲା ଏବଂ ବିକ୍ରେତାମାନେ ମାସକର ଲାଭ ଗୋଟିଏ ଦିନରେ ଉଠେଇ ନେଲେ। ଗରାଖ ଓ ସ୍ଥିତି ଦେଖି ବେପାରୀଙ୍କ ପାଟିରୁ ଯାହା ବାହାରିଲା ତାହା ହିଁ ବଜାର ଦର ପାଲଟିଲା।

ଏବେ ସମୟ ଆସିଛି ବିପର୍ଯ୍ୟୟ ପ୍ରଶମନ ତାଲିକାରେ ଖାଉଟି ବଜାରକୁ ମଧ୍ୟ ସାମିଲ କରିବାକୁ ପଡ଼ିବ। ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଯେଭଳି ପ୍ରାକ୍‌ପ୍ରସ୍ତୁତି, ସ୍ଥାନାନ୍ତରଣ, ଉଦ୍ଧାର ପ୍ରସ୍ତୁତି ଆଦି କରାଯାଉଛି ସେଭଳି ଖାଉଟି ବଜାରକୁ ମଧ୍ୟ ଯଥେଷ୍ଟ ପୂର୍ବରୁ ସରକାର ନିୟନ୍ତ୍ରଣକୁ ନେବା କିମ୍ବା ସତର୍କ ଦୃଷ୍ଟି ରଖିବା ଆବଶ୍ୟକ। କାରଣ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତି ତୁଳନାରେ କଳାବଜାରୀର ପ୍ରଭାବ ଜନସାଧାରଣଙ୍କୁ ବଳି ଯାଉଛି। ତେଣୁ କଳାବଜାରୀକୁ ବିପର୍ଯ୍ୟୟ ପ୍ରଶମନ ଯୋଜନାରେ ସାମିଲ୍ କରିବା ପାଇଁ ସମୟର ନୂଆ ଆହ୍ୱାନକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଉଚିତ ହେବ।

## ଶସ୍ୟ ବୋଝ

ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ଯୋଗୁଁ ଭଲ ଫସଲ ହୋଇଛି ଏବଂ ଚାଷୀ ମଧ୍ୟ ଖୁସି ଅଛନ୍ତି। ଅପରପକ୍ଷରେ ସେଥିପାଇଁ ଏବେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ବିଶେଷକରି ଧାନ ଓ ଗହମର ବିପଣନ, ବିତରଣ ଓ ଭଣ୍ଡାରଣ ଅଧିକ ସମସ୍ୟା ସୃଷ୍ଟି କରିଛି। ଧାନ ଓ ଗହମ କିଣା ଏକପ୍ରକାର ସରକାରୀ ବାଧ୍ୟବାଧକତା। ଚଳିତ ଖରିଫ୍ ଋତୁରେ ଧାନ ଓ ଗହମ ଚାଷ ପୂର୍ବ ସବୁବର୍ଷର ରେକର୍ଡ ଭାଙ୍ଗିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଗଣାରେ ବ୍ୟକ୍ତି ପିଛା ମାସିକ ୫ କିଲୋ ଲେଖାଏଁ ଚାଉଳ/ଗହମ ବଣ୍ଟନ ପରେ ମଧ୍ୟ ଆହୁରି ବଳକା ରହୁଛି। ଚଳିତ ବର୍ଷ ସରକାରୀ ଭଣ୍ଡାରଘରେ ଅକ୍ଟୋବର ଶେଷ ସୁଦ୍ଧା ଗହମର ମହଜୁଦ ପରିମାଣ ବଫର ଷ୍ଟକ୍(ଜରୁରିକାଳୀନ ଆବଶ୍ୟକତା ପୂରଣ ପାଇଁ ସର୍ବୋଚ୍ଚ ମହଜୁଦ ସ୍ତର)ର ଆବଶ୍ୟକତାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ହୋଇସାରି ଥିବା ବେଳେ ଚାଉଳ ମହଜୁଦ୍ ନିର୍ଦ୍ଧାରିତ ସ୍ତରଠାରୁ ସାଢ଼େ ଚାରିଗୁଣ ଅଧିକ ହୋଇଗଲାଣି। ଖରିଫ୍ ଅମଳ ଓ ସଂଗ୍ରହ ଆଉ କିଛିଦିନ ପରେ ଆରମ୍ଭ ହେବ। ତେଣୁ ସରକାର ସେସବୁ ଶସ୍ୟକୁ କିପରି ପରିଚାଳନା କରିବେ ତାହା ସମସ୍ୟା ସୃଷ୍ଟି କରିଛି।

ଏତଦ୍‌ବ୍ୟତୀତ ମକାର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨, ୪୦୦ ଟଙ୍କା ଥିବା ବେଳେ ଅଧିକ ଉତ୍ପାଦନ ଓ ଯୋଗାଣ ଯୋଗୁଁ ଘରୋଇ ବଜାର ଦର ହାରାହାରି ୨୦୦୦ ଟଙ୍କାକୁ ଖସି ଆସିଲାଣି। ଆମେରିକା, ବ୍ରାଜିଲ୍, ଆର୍ଜେଣ୍ଟିନାର ଅଧିକ ଉତ୍ପାଦନ ଯୋଗୁଁ ଆନ୍ତର୍ଜାତିକ ବଜାରରେ ସୋୟାବିନ୍ ଦର କମିବାରେ ଲାଗିଛି। ତେଣୁ ଭାରତର ସୋୟାବିନ ରପ୍ତାନୀ ଦର ଗତ ବର୍ଷର ଟନ୍ ପିଛା ୪୯୦ ଡଲାର ତୁଳନାରେ ଚଳିତ ବର୍ଷ ୩୯୮ ଡଲାରକୁ ହ୍ରାସ ପାଇଛି। ଅପରପକ୍ଷରେ ସୋୟାବିନ୍‌ର ଘରୋଇ ଚାହିଦା ମଧ୍ୟ କମିବାରେ ଲାଗିଛି। ତେଣୁ ସରକାରଙ୍କୁ ବାଧ୍ୟ ହୋଇ ମକା ଓ ସୋୟାବିନ୍ ବୋଝ ମଧ୍ୟ ମୁଣ୍ଡାଇବାକୁ ପଡ଼ିବ।

ଜଳବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ ଭଳି ସ୍ଥିତିରେ ଏବେ କେନ୍ଦ୍ର ସରକାର ପଡ଼ିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଧାନ ଓ ଗହମ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟକୁ ସରକାର କାଣ୍ଟଛାଣ୍ଟ କରିପାରିବାର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ ଧାନ ଓ ଗହମ ଚାଷ ବଦଳରେ ମକା, ସୋୟାବିନ୍, କପା ଆଦି ଅର୍ଥକରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ସରକାର ଏମ୍‌ଏସ୍‌ପି ଜରିଆରେ ଚାଷୀମାନଙ୍କୁ ଉତ୍ସାହିତ କରୁଛନ୍ତି। ଚାଷୀମାନେ ଏସବୁ ଉତ୍ପାଦନ ବଢ଼ାଇବା ପରେ ଏବେ ତାହା ସରକାରଙ୍କ ପାଇଁ ବୋଝ ପାଲଟିଛି। ଚାଷୀମାନଙ୍କୁ ସୁରକ୍ଷା ଦେବାକୁ ହେଲେ ଭାରତ ସରକାର ଆମଦାନୀ ଶୁଳ୍କରେ ବୃଦ୍ଧି କରିବା ଛଡ଼ା ଅନ୍ୟ ବାଟ ନାହିଁ। କିନ୍ତୁ ସାମ୍ପ୍ରତିକ ଶୁଳ୍କ ଯୁଦ୍ଧରେ ସେ ବାଟଟି ମଧ୍ୟ ଏତେ ସରଳ ଓ ସୁଗମ ନୁହେଁ। ମକା ଓ ସୋୟାବିନ୍‌ର ବଳକା ପରିମାଣକୁ ଇଥାନଲ୍ ଉତ୍ପାଦନ ମୁହାଁ କରିବାର ସୁଯୋଗ ମଧ୍ୟ ସଂକୁଚିତ। ଏ ସଙ୍କଟରୁ ସରକାର କେମିତି ନିଜେ ମୁକୁଳିବା ସହିତ ଚାଷୀମାନଙ୍କୁ ସନ୍ତୁଷ୍ଟ କରିପାରିବେ ତାହାର ପ୍ରଭାବ ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ପ୍ରତିଫଳିତ ହେବ।

# ବିହାର ରାଜନୀତିରେ ଜାତିବାଦ

ସୌଭାଗ୍ୟ ସୁନ୍ଦରରାୟ

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନ ଥିବା ରାଜ୍ୟ ବିହାରରେ ଆଗାମୀ ମାସରେ ନୂଆ ସରକାର ଗଠନ ହେବ। ଦେଶର ପୂର୍ବାଞ୍ଚଳରେ ଅବସ୍ଥିତ ଏହି ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୪୩। ଚଳିତ ନିର୍ବାଚନରେ କେଉଁ ମେଣ୍ଟ ଯାଦୁ ସଂଖ୍ୟା ୧୨୨ ଆସନ ହାସଲ କରିବାରେ ସମର୍ଥ ହେବ ତାହା ଉପରେ ଦେଶବାସୀଙ୍କ ନଜର ରହିଛି। କାରଣ ଆସନ୍ତାବର୍ଷ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ବିହାରରେ କ୍ଷମତାସୀନ ଏନଡିଏ ଶାସନ ବଜାୟ ରଖିବ ନା ରାଜ୍ୟରେ ପରିବର୍ତ୍ତନ ଘଟିବ ସେଥିନେଇ ରାଜନୈତିକ ମହଲରେ ଉତ୍ସୁକତା ମଧ୍ୟ ରହିଛି।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ଏବଂ ସର୍ବାଧିକ ୭୫ଟି ଆସନ ପାଇଥିଲା। ଏହା ପରକୁ ବିଜେପି ୨୦.୫୨% ଭୋଟ ପାଇ ୭୪ଟି ଆସନରେ ଏବଂ ଜେଡି(ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୨୦% ରହିଲା। ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଜେଡି(ୟୁ)ର ନେତା ନୀତୀଶ କୁମାର ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନଡିଏ ସରକାର। ଏହି ନିର୍ବାଚନରେ ଚିରାଗ ପାଶୱାନଙ୍କ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି କାରଣରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା।

ଚଳିତ ନିର୍ବାଚନରେ ଜେଡି(ୟୁ)-ବିଜେପି ମେଣ୍ଟ ପୂର୍ବପରି ରହିଥିବା ବେଳେ ଏଥିରେ ଉପେନ୍ଦ୍ର ଖୁସୱାଙ୍କ 'ରାଷ୍ଟ୍ରୀୟ ଲୋକମୋର୍ଚ୍ଚା (ଆରଏଲଏମ)', ଚିରାଗ ପାଶୱାନଙ୍କ 'ଏଲ୍‌ଜେପି', ଜୀତନ ରାମ ମାନ୍‌ଝୀଙ୍କ 'ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା (ଏଚଏଏମ)' ସାମିଲ ହୋଇଛି। ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ 'ବିକାଶଶୀଳ ଇନ୍‌ସାନ ପାର୍ଟି', 'ସିପିଆଇ', 'ସିପିଆଇ(ଏମ)', 'ସିପିଆଇ(ଏମଏଲ)', ରାମବିଳାଶ ପାଶୱାନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ 'ଏଲଜେପି' ଓ 'ଜେଏମଏମ' ସାମିଲ ହୋଇଛନ୍ତି।

ବିହାରର ଦୀର୍ଘ ୭୬ ବର୍ଷର ନିର୍ବାଚନର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ରାଜ୍ୟର ରାଜନୀତି ବହୁ ଭାବେ ଜାତିଆଣ ଆଧାରରେ ପ୍ରଭାବିତ ହୋଇଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ମୁସଲିମ ଜନସଂଖ୍ୟା ୧୭.୭%। ସଂଖ୍ୟାଲଘୁ ସଂପ୍ରଦାୟର ଏହି ଜନସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ରହିଛନ୍ତି। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ସଂଖ୍ୟାଲଘୁ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ତେବେ କୁର୍ମୀଙ୍କ ସଂଖ୍ୟା (୨.୮%) ଖୁସୱା (୪.୨)ଙ୍କ ଠାରୁ କମ୍। ଖୁସୱା ସଂପ୍ରଦାୟର ନେତା ଉପେନ୍ଦ୍ର ଖୁସୱାଙ୍କ ଦଳ ଆରଏଲଏମ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଚଳିତ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପି ନେତା ସମ୍ରାଟ ଚୌଧୁରୀ ମଧ୍ୟ ଖୁସୱା ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଏନଡିଏ ସପକ୍ଷରେ ଯିବା ଆଶା କରାଯାଏ।

ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ଏହି ଉଚ୍ଚବର୍ଗ ସଂପ୍ରଦାୟ ବିହାର ରାଜନୀତିକୁ ଦୀର୍ଘଦିନ ଧରି ପ୍ରଭାବିତ କରି ରଖିଥିଲେ। ରାଜ୍ୟର ୭୬ ବର୍ଷର ନିର୍ବାଚନୀ ଇତିହାସରେ ଉଚ୍ଚବର୍ଗ ପ୍ରାୟ ୩୭ ବର୍ଷ ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରିଛନ୍ତି ଏବଂ ସଂପ୍ରଦାୟରୁ ୧୨ ଜଣ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଶ୍ରୀ କ୍ରିଷ୍ଣା ସିଂହ ପ୍ରାୟ ୧୭ ବର୍ଷ ମୁଖ୍ୟମନ୍ତ୍ରୀ ରହିଥିଲେ। ଏଥିସହ ଜଗନ୍ନାଥ ମିଶ୍ର, କ୍ରିଷ୍ଣା ବଲ୍ଲଭ ସହାୟ, ବିନ୍ଧେଶ୍ୱରୀ ଦୁବେ, ଚନ୍ଦ୍ର ଶେଖର ସିଂହ, ବିନୋଦାନନ୍ଦ ଝା, ଭଗବତ ଝା ଆଜାଦ, ମହାମାୟା ପ୍ରସାଦ ସିଂହ, କେଦାର ପାଣ୍ଡେ, ସତ୍ୟେନ୍ଦ୍ର ନାରାୟଣ ସିଂହ ପ୍ରମୁଖ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ।

୧୯୬୮ ମସିହାରେ ବିହାରରେ ରାଜନୀତିରେ ନୂତନ ଅଧ୍ୟାୟର ସୂତ୍ରପାତ ହେଲା। ପ୍ରଥମ ଥର ପାଇଁ ପଛୁଆ ବର୍ଗରୁ ସତୀଶ ପ୍ରସାଦ ସିଂହ ହେଲେ ମୁଖ୍ୟମନ୍ତ୍ରୀ ଏବଂ ଏହାଥିଲା ପ୍ରଥମ ଅଣ-କଂଗ୍ରେସ ସରକାର। 'ସଂଯୁକ୍ତ ସୋସାଲିଷ୍ଟ ଦଳ'ରୁ ସେ ନିର୍ବାଚିତ ହୋଇ 'ଶୋଷିତ ସମାଜ ଦଳ' ସହ ଏକ ମିଳିତ ସରକାରର ନେତୃତ୍ୱ ନେଇଥିଲେ। ତେବେ ମାତ୍ର ୫ ଦିନ ମୁଖ୍ୟମନ୍ତ୍ରୀ ରହିବା ପରେ ସତୀଶ ପ୍ରସାଦ ସିଂହ ଇସ୍ତଫା ଦେଇ ଅନ୍ୟ ଜଣେ ପଛୁଆ ବର୍ଗ ରାଜନୀତିଜ୍ଞ ବି.ପି.ମଣ୍ଡଳ ଶାସନ ଭାର ନେବା ପାଇଁ ପଥ ପରିଷ୍କାର କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଲୁ ପ୍ରସାଦ ଯାଦବ, ରାବଡ଼ୀ ଦେବୀ, ନୀତୀଶ କୁମାର, ଜୀତନ ରାମ ମାନ୍‌ଝୀ ପଛୁଆ ବର୍ଗ ନେତାଙ୍କ ହାତରେ ବିହାରର ଶାସନ ଡୋରୀ ଦୀର୍ଘ ୩୫ ବର୍ଷ ହେଲା ରହିଲାଣି। ଜୀତନ ରାମ ମାନ୍‌ଝୀ ମୁସାହାର ସଂପ୍ରଦାୟର। ତାଙ୍କ ଦଳ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଅନୁସୂଚିତ ଜାତି ବର୍ଗର ଏହି ସଂପ୍ରଦାୟ ଅତି ପଛୁଆ। ଏମାନଙ୍କ ସଂଖ୍ୟା ପ୍ରାୟ ୩.୧%। ରାଜ୍ୟରେ ଅନୁସୂଚିତ ଓ ସଂଖ୍ୟାଲଘୁ ବର୍ଗର ମୁଖ୍ୟମନ୍ତ୍ରୀ ହୋଇଛନ୍ତି, କିନ୍ତୁ ସେମାନଙ୍କ ସରକାର ବେଶୀ ସମୟ ତିଷ୍ଠି ପାରିନାହିଁ। ଅତ୍ୟଧିକ ପଛୁଆ ବର୍ଗରୁ କର୍ପୁରୀ ଠାକୁର ମଧ୍ୟ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ବିହାର ରାଜନୀତିରେ ଉଚ୍ଚବର୍ଗ ଓ ପଛୁଆ ବର୍ଗର ପ୍ରାଧାନ୍ୟ ରହୁଥିବାରୁ ସମସ୍ତେ ନିଜ ବର୍ଗର ମୁଖ୍ୟମନ୍ତ୍ରୀ ପାଇଁ ସ୍ୱପ୍ନ ଦେଖିଥା'ନ୍ତି। ସେହି ଅନୁଯାୟୀ ବିହାର ରାଜନୈତିକ କ୍ଷମତା ପରିଚାଳିତ ହୋଇଥାଏ। ଅନ୍ୟାନ୍ୟ ବର୍ଗର ସଂଖ୍ୟା ସୀମିତ ଯୋଗୁଁ ସେହି ବର୍ଗର ମୁଖ୍ୟମନ୍ତ୍ରୀ ବେଶି ଦିନ କ୍ଷମତା ଉପଭୋଗ କରିପାରି ନାହାନ୍ତି। ବିହାର ରାଜନୀତିରେ ପଛୁଆ ବର୍ଗର ଉତ୍ଥାନ ସହ ଉଚ୍ଚ ବର୍ଗର ପ୍ରାଧାନ୍ୟ ହ୍ରାସ ପାଇଲା। ଉଚ୍ଚବର୍ଗ ସର୍ବଦା କଂଗ୍ରେସ ସପକ୍ଷରେ ରହିଆସିଥିଲେ। ଏହି ବର୍ଗଟି ଆରଜେଡି ପରି ପଛୁଆ ବର୍ଗ ବିରୋଧୀ। ଯେତେବେଳେ ରାଜ୍ୟରେ କଂଗ୍ରେସର ଅଧୋଗତି ଦେଖାଦେଲା ସେହି ସମୟରେ ଏହି ବର୍ଗର କିଛି ଭୋଟ ବିଜେପି ନିକଟକୁ ଗଲା। ତେବେ ସଂଖ୍ୟାଗରିଷ୍ଠ ଭୋଟ ଝୁଲା ଅବସ୍ଥାରେ ରହିଆସିଛି। ଚଳିତ ଥର ଏହି ବର୍ଗରୁ ପ୍ରଶାନ୍ତ କିଶୋରଙ୍କ 'ଜନ ସୁରାଜ ଦଳ' ପ୍ରଥମ ଥର ପାଇଁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଛି। ପ୍ରଶାନ୍ତ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ। ନିର୍ବାଚନ କଳାକୌଶଳ ସଂପର୍କରେ ସେ ଅବଗତ। ସେ ବ୍ରାହ୍ମଣ ସଂପ୍ରଦାୟର। ଏଣୁ ଏଥର ଉଚ୍ଚବର୍ଗ ଭୋଟ 'ଜନ ସୁରାଜ ଦଳ' ସପକ୍ଷରେ କିଭଳି ଭାବେ ଯାଉଛି ତାହା ଦେଖିବାର କଥା।

ପଛୁଆ ବର୍ଗ, ଉଚ୍ଚବର୍ଗଙ୍କ ପରେ ବିହାରରେ ରାଜନୀତିରେ ଶକ୍ତିଶାଳୀ ଜନଜାତି ବର୍ଗଟି ହେଉଛି ପାଶୱାନ ସଂପ୍ରଦାୟ। ଏହି ସଂପ୍ରଦାୟ ରାମବିଳାଶ ପାଶୱାନ ଏବଂ ତାଙ୍କ ଦଳ 'ଲୋକ ଜନଶକ୍ତି ପାର୍ଟି'ର ଦୃଢ଼ ସମର୍ଥକ। ଏବେ ଏହି ଦଳର ନେତୃତ୍ୱ ନେଉଛନ୍ତି ରାମବିଳାଶଙ୍କ ପୁତ୍ର ଚିରାଗ ପାଶୱାନ। ବିହାରର ନିର୍ବାଚନ ଗଣିତ ଗୋଳମାଳ କରିବାରେ ଏହି ଦଳର ଯଥେଷ୍ଟ ଶକ୍ତି ରହିଛି। ଗତ ନିର୍ବାଚନରେ ରାଜ୍ୟରେ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନ ଲଢ଼ିବାରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୭୫ଟି ଆସନରେ ଏଲଜେପି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଗୋଟିଏ ବି ଆସନ ପାଇପାରି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନରେ ଏଲଜେପି ୫ଟି ଆସନରେ ଲଢ଼ି ସମସ୍ତ ଆସନରେ ବିଜୟୀ ହୋଇଥିଲା। ଏହି କାରଣରୁ ଚଳିତ ବିହାର ବିଧାନସଭା ନିର୍ବାଚନରେ ଏଲଜେପିକୁ ୨୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି। ତେବେ ଲୋକସଭାର ମତଦାନ ଧାରା ବିଧାନସଭା ନିର୍ବାଚନରେ ଯେ ପ୍ରତିଫଳିତ ହେବ ତାହା କୁହାଯାଇନପାରେ। ଲୋକସଭା ନିର୍ବାଚନରେ ଜାତୀୟ ପ୍ରସଙ୍ଗ ଉତ୍ଥାପିତ ହେଉଥିବା ବେଳେ ବିଧାନସଭା ନିର୍ବାଚନରେ ରାଜ୍ୟ ପ୍ରସଙ୍ଗ ଉଠିଥାଏ।


ବିହାର ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଯେଉଁ ଆସନ ଭାଗବଣ୍ଟା କରିଛନ୍ତି ସେଥିରେ ଜାତି ପ୍ରମୁଖ୍ୟ ଆଧାର ହୋଇଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ସଂପ୍ରଦାୟର ଭୋଟରଙ୍କୁ ମେଣ୍ଟ ସପକ୍ଷରେ ଆକୃଷ୍ଟ କରି କ୍ଷମତା ଦଖଲ କରିବା ନିମନ୍ତେ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି। ତେବେ ସରକାର ଗଠନରେ କେଉଁ ସଂପ୍ରଦାୟ ନେତା ପ୍ରମୁଖ ଭୂମିକା ଗ୍ରହଣ କରିବ ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ହିଁ ଜଣାପଡ଼ିବ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ସମ୍ପାଦକୀୟର ଗୁରୁତ୍ୱ

ଅଧ୍ୟାପକ ରାଜେଶ୍ ରାୟ



'ସମ୍ପାଦକୀୟ'ର ଗୁରୁତ୍ୱ କେତେ? ଖବରକାଗଜର ଜଣେ ନିୟମିତ ପାଠକ ଭାବେ ମତେ ଏହି ପ୍ରଶ୍ନ ବେଳେବେଳେ ଦ୍ୱନ୍ଦ୍ୱରେ ପକାଏ। ପ୍ରତିଦିନ ସକାଳୁ ଛୁଟି ଆସୁଥିବା ରଙ୍ଗବେରଙ୍ଗର ଖବରକାଗଜରେ ବିଭିନ୍ନ ଖବର ସହ ବିଜ୍ଞାପନ, ଜରୁରୀ ସୂଚନା ଓ ତଥ୍ୟ ସାଙ୍ଗ ହୋଇ ଆସନ୍ତି। କିନ୍ତୁ ସବୁଠୁ ସ୍ୱତନ୍ତ୍ର ପରିଚୟ ବହନ କରେ 'ସମ୍ପାଦକୀୟ'।

ପ୍ରାୟତଃ ଅଧିକାଂଶ ଖବରକାଗଜର ମଝି ଭାଗରେ 'ସମ୍ପାଦକୀୟ' ଶୋଭାପାଏ। ଏହାକୁ ଖବରକାଗଜର ମେରୁଦଣ୍ଡ ବା ମୁଖ୍ୟ ଅଙ୍ଗ ବୋଲି ବିଚାର କଲେ କିଛି ଭୁଲ ହେବନି। ଆଉ କିଛି ବୁଦ୍ଧିଜୀବୀ 'ସମ୍ପାଦକୀୟ'କୁ ଖବରକାଗଜର ଦର୍ପଣ ଭାବେ ତୁଳନା କରିଥା'ନ୍ତି। କାରଣ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ, ସାମଗ୍ରିକ ଘଟଣାବଳୀ, ଦେଶର ଚିତ୍ର ଓ ଚରିତ୍ର ସମ୍ପର୍କରେ ଖବରକାଗଜ ପ୍ରକାଶନ କରୁଥିବା ସଂସ୍ଥାର ମତ ଓ ଦୃଷ୍ଟିକୋଣ 'ସମ୍ପାଦକୀୟ'ରେ ପ୍ରତିଫଳିତ ହୋଇଥାଏ। ବସ୍ତୁତଃ 'ସମ୍ପାଦକୀୟ' ଜରିଆରେ ଖବରକାଗଜ, ପତ୍ରପତ୍ରିକାର ସମ୍ପାଦକ ତାଙ୍କର ସନ୍ଦେଶ, ମତ ଓ ବିଚାର ଜନସାଧାରଣଙ୍କୁ ଦେଇଥା'ନ୍ତି। ତେଣୁ ଅନେକ ସମୟରେ 'ସମ୍ପାଦକୀୟ' ଗତାନୁଗତିକ ଧାରା ପରିବର୍ତ୍ତନ କରିପାରେ।

ଏହାଛଡ଼ା 'ସମ୍ପାଦକୀୟ' ପୃଷ୍ଠାର କୋଳରେ ପ୍ରତିଦିନ ବିଭିନ୍ନ ପ୍ରସଙ୍ଗକୁ ନେଇ ଗଢ଼ି ଉଠିଥିବା ପ୍ରବନ୍ଧମାନ ପ୍ରକାଶ ପାଏ, ଯେଉଁଥିରେ ଆଞ୍ଚଳିକ ପ୍ରସଙ୍ଗରୁ ଆରମ୍ଭ କରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଘଟୁଥିବା ସାଂପ୍ରତିକ ଘଟଣାବଳୀ, ବିଶେଷ ଦିବସ, ଧାରା ଓ ସୂଚନାଧର୍ମୀ ବିଷୟ କୋଳମଣ୍ଡନ କରେ। ମୋ ମତରେ 'ସମ୍ପାଦକୀୟ' ହେଉଛି ଜ୍ଞାନର ଏକ ଅସରନ୍ତି ଭଣ୍ଡାର। ଯେଉଁ ଲେଖକମାନେ 'ସମ୍ପାଦକୀୟ' ପୃଷ୍ଠାରେ ଲେଖା ଦିଅନ୍ତି ସେମାନେ ବିଭିନ୍ନ ଗବେଷଣା, ପରୀକ୍ଷା ନିରୀକ୍ଷା ଏବଂ ନିଷ୍ଠାର ସହ ସାଧନା କରି ନିଜର ମତକୁ ଉପସ୍ଥାପନ କରନ୍ତି। କୁହାଯାଏ ଗୋଟିଏ ସପ୍ତାହର ଖବରର ସାରାଂଶ 'ସମ୍ପାଦକୀୟ' ପୃଷ୍ଠା ପଢ଼ିଲେ ଜାଣି ହୁଏ।

ବର୍ତ୍ତମାନ ପରିସ୍ଥିତିରେ ଯଦି ପ୍ରଶ୍ନ କରାଯାଏ 'ସମ୍ପାଦକୀୟର ଗୁରୁତ୍ୱ କେତେ?', ଯେଉଁ ଉଦ୍ଦେଶ୍ୟରେ ଏହା ଜନ୍ମ ନେଇଛି ତାହା କେତେଦୂର ପୂରଣ ହେଉଛି?' ଇତ୍ୟାଦି, ତେବେ ଏହାର ଉତ୍ତର ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ବନ୍ଦୀ ହୋଇଯିବ। ଆଜିକାଲି କେତେଜଣ ପାଠକ ନିୟମିତ ମନଧ୍ୟାନ ଦେଇ ଖବରକାଗଜର 'ସମ୍ପାଦକୀୟ'କୁ ପଢୁଛନ୍ତି? ଦେଶର କର୍ଣ୍ଣଧାର କୁହାଯାଉଥିବା ଯୁବପିଢ଼ି ଏଥିପ୍ରତି କେତେ ଆକୃଷ୍ଟ? ଏହି ପ୍ରଶ୍ନ କେବେ ଆପଣ ଭାବିଛନ୍ତି କି? ବାସ୍ତବତା ହେଉଛି ବର୍ତ୍ତମାନ ଖବରକାଗଜର ଛାପା ସଂଖ୍ୟା ପୂର୍ବ ଅପେକ୍ଷା ଢେର୍ କମି ଯାଇଛି। କାରଣ ଏହି ଡିଜିଟାଲ ଯୁଗରେ ଆମେ ମୋବାଇଲ୍ ଫୋନରେ ଅତି ସହଜରେ ଖବରକାଗଜଗୁଡ଼ିକ ପାଇପାରୁଛୁ। ପଢ଼ିବାକୁ ମଧ୍ୟ ଆମ ପାଖେ ସେତିକି ଧୈର୍ଯ୍ୟ ନାହିଁ। ଖାଲି ମୁଖ୍ୟଖବରର ଶୀର୍ଷକ ଉପରେ ନଜର ପକାଇଦେଲେ ହେଇଗଲା।

ଏହି ପରିପ୍ରେକ୍ଷୀରେ 'ସମ୍ପାଦକୀୟ'ର କଥା ବିଚାରକୁ ନେଲେ ଆମେ ଦେଖିପାରିବା ଯେ କିଛି ହାତଗଣତି ପାଠକଙ୍କ ଗହଣରେ ଏହା ନିଜର ପରିଚୟକୁ ତଥାପି ଅକ୍ଷୁର୍ଣ୍ଣ ରଖିପାରିଛି। ଆନ୍ତରିକ ଧନ୍ୟବାଦ ଦେବି ସେହି ଲେଖକମାନଙ୍କୁ, ଯେଉଁମାନେ ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱକୁ ନିର୍ବାହ କରି ଚାଲିଛନ୍ତି। 'ସମ୍ପାଦକୀୟ' ପୃଷ୍ଠାକୁ ସଜାଉଥିବା ଖବରକାଗଜର ସମ୍ପାଦନା ମଣ୍ଡଳୀଙ୍କ ଉଦ୍ୟମ ବଳରେ ଆଜି ତାହା ବଞ୍ଚି ରହିଛି। କିନ୍ତୁ ବର୍ତ୍ତମାନର ଯୁବପିଢ଼ିଙ୍କୁ ଏହାର ଗୁରୁତ୍ୱକୁ ବୁଝାଇବା ଅବଶ୍ୟ ଜରୁରୀ। ବିଦ୍ୟାର୍ଥୀମାନେ ଯଦି ଏଥିପ୍ରତି ମନ ବଳାନ୍ତେ ତେବେ ସମାଜରେ ଏକ ବିଶାଳ ପରିବର୍ତ୍ତନ ଅବଶ୍ୟ ହୋଇପାରନ୍ତା। ଜାତୀୟସ୍ତରୀୟ ପରୀକ୍ଷା ଯଥା ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ପ୍ରସ୍ତୁତି କରୁଥିବା ପିଲାମାନେ 'ସମ୍ପାଦକୀୟ'ରୁ ଅନେକାଂଶରେ ଲାଭାନ୍ୱିତ ହେଉଛନ୍ତି।

କିଛିଦିନ ପୂର୍ବେ ମୁଁ ଶ୍ରେଣୀରେ ପାଠ ପଢ଼ାଉଥିବା ପିଲାମାନଙ୍କୁ ଖବରକାଗଜ ଓ 'ସମ୍ପାଦକୀୟ' ପଢ଼ିବା ବିଷୟରେ ପଚାରିଲି। କିନ୍ତୁ ଅନେକ ପିଲା ମତେ ପଚାରିଲେ ଯେ 'ସମ୍ପାଦକୀୟ' କ'ଣ? ସେଥିରେ କ'ଣ ବାହାରେ? ଏଥିରୁ ଆପଣ ବୁଝି ପାରୁଥିବେ ଯେ ବର୍ତ୍ତମାନର ପିଲା ଏ ବିଷୟରେ କେତେ ସଚେତନ! ତେଣୁ ସମୟ ଆସିଛି ଖବରକାଗଜରେ 'ସମ୍ପାଦକୀୟ'ର ସ୍ଥାନକୁ ଆହୁରି ମଜବୁତ୍ କରିବା ପାଇଁ ଏବଂ ଖବରକାଗଜର ପାଠକଙ୍କ ସଂଖ୍ୟାକୁ ବୃଦ୍ଧି କରି ଏକ ନୂଆ ବିପ୍ଳବ ଆଣିବାର ପଥକୁ ଉନ୍ମୁକ୍ତ କରିବା ପାଇଁ। ଖବରକାଗଜର ନିର୍ମାତାମାନଙ୍କୁ ବିଶେଷ ଅନୁରୋଧ ସେମାନେ ଏହି ପ୍ରସଙ୍ଗଟି ଉପରେ ଧ୍ୟାନ ଦିଅନ୍ତୁ ଏବଂ 'ସମ୍ପାଦକୀୟ'ର ଲୋକପ୍ରିୟତାକୁ ବିସ୍ତାର କରନ୍ତୁ।

(ବିଦ୍ୱାନ୍ ମହାବିଦ୍ୟାଳୟ)

ଜୟପୁର, ମୋ: ୬୩୭୧୫୫୫୯୪୦

# ହରିଦାସ ସମାଧି ମଠ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ପ୍ରେମାବତାର ଶ୍ରୀଚୈତନ୍ୟ ଦେବ ନଦିଆ ନବଦ୍ୱୀପରୁ ଆସି ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବା ସମୟରେ ତାଙ୍କ ସାଙ୍ଗରେ ଆସିଥିବା ଶିଷ୍ୟଶ୍ରେଷ୍ଠ ହରିଦାସଙ୍କୁ ରଖିବା ପାଇଁ ପୁରୀର କୌଣସି ଘର ମାଲିକ ରାଜି ନ ହେବାରୁ ସେ କିଭଳି ଖରା ବର୍ଷା ଶୀତ କାକରରେ ଦିନରାତି ଖୋଲା ଆକାଶ ତଳେ ନୀଳଚକ୍ରକୁ ଚାହିଁ ଚାହିଁ ଦୈନିକ ତିନି ଲକ୍ଷ ଜଗନ୍ନାଥ ନାମ କୀର୍ତ୍ତନ କରି ଜୀବନ ଅତିବାହିତ କରିବାକୁ ଲାଗିଲେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମାରୁ କିଭଳି ଚୈତନ୍ୟ ମହାପ୍ରଭୁ ସେଦିନ ରୋପଣ କରିଥିବା ମହାପ୍ରଭୁଙ୍କର ଦନ୍ତମଞ୍ଜନରେ ବ୍ୟବହୃତ ବଉଳ ଦାନ୍ତକାଠିଟି ତତ୍‌କ୍ଷଣାତ ମହାଦ୍ରୁମରେ ପରିଣତ ହୋଇ ହରିଦାସଙ୍କୁ ଆଶ୍ରୟ ଦେଲା ଏବଂ କାଳକ୍ରମେ ସେଠାରେ କିଭଳି ସେହି ମହାଦ୍ରୁମ ନାମରେ ସିଦ୍ଧବକୁଳ ମଠ ଗଢ଼ି ଉଠିଲା ତାହା ଆମେ ପୂର୍ବରୁ ଏହି ସ୍ତମ୍ଭରେ ଆଲୋଚନା କରିଛେ।

ଦିନେ ହରିଦାସ ତାଙ୍କର ଅନ୍ତର୍ମନରେ ଜାଣିବାକୁ ପାଇଲେ ଯେ ଗୁରୁ ଶ୍ରୀଚୈତନ୍ୟ ଦେବ ଇହଲୀଳା ସମ୍ବରଣ କରିବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଗୁରୁଙ୍କ ଅବର୍ତ୍ତମାନରେ ବଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ଗୁରୁଙ୍କ ପୂର୍ବରୁ ଦେହ ତ୍ୟାଗ କରିବା ପାଇଁ ସେ ସଙ୍କଳ୍ପ ନେଲେ। ସେଦିନ ହରିଦାସ ସ୍ୱାଭାବିକ ଭାବେ ଶିଷ୍ୟମାନଙ୍କ ସହ ନାମ କୀର୍ତ୍ତନ କରୁଥିଲେ। ହଠାତ୍ ହରିଦାସଙ୍କ କଣ୍ଠ ଧୀର ହୋଇ ନୀରବୀ ଗଲା। ତାଙ୍କ ଶରୀରରୁ ଏକ ଆଲୋକବର୍ତ୍ତିକା ନିର୍ଗତ ହୋଇ ମହାଶୂନ୍ୟରେ ମିଶିଗଲା। ତା'ପରେ ତାଙ୍କର ପ୍ରାଣହୀନ ଶରୀର ଢଳି ପଡ଼ିଲା। ଶ୍ରୀଚୈତନ୍ୟ ହରିଦାସଙ୍କ ମର ଶରୀରକୁ କାନ୍ଧରେ ଧରି ଉଦ୍ଦଣ୍ଡ କୀର୍ତ୍ତନ କରିବାକୁ ଲାଗିଲେ। ଶିଷ୍ୟମାନେ ମଧ୍ୟ ଉଦ୍ଦଣ୍ଡ କୀର୍ତ୍ତନ କଲେ। ସମସ୍ତେ ନାଚି ନାଚି ଯାଇ ସମୁଦ୍ର କୂଳରେ ପହଞ୍ଚିଲେ। ଚୈତନ୍ୟ ହରିଦାସଙ୍କ ମରଶରୀରକୁ ସମୁଦ୍ରରେ ସ୍ନାନ କରାଇ ସମାଧି ଯାଗାକୁ କୀର୍ତ୍ତନ କରି କରି ପହଞ୍ଚିଲେ। ସେଠାରେ ନିଜେ ହରିଦାସଙ୍କୁ ସମାଧି ଦେଲେ। ଏ ସମସ୍ତ କାମ ଚାଲି ଥିବାବେଳେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରି ଚାଲିଥିଲେ।

କେତେକ ଶିଷ୍ୟ ହରିଦାସଙ୍କୁ ଏତେ ଭକ୍ତି କରୁଥିଲେ ଯେ ସେମାନଙ୍କ ଭିତରୁ କେତେକ ସମାଧି ପୀଠରେ ରହିବାକୁ ଲାଗିଲେ। କ୍ରମଶଃ ସେଠାରେ ଏକ ମଠ ଗଢ଼ି ଉଠିଲା ଏବଂ ସେ ମଠର ନାମ 'ହରିଦାସ ସମାଧି ମଠ' ରଖାଗଲା। କିଛିବର୍ଷ ପରେ ସେ ମଠର ମହନ୍ତ ଦିନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ କଳାମୁଗୁନି ପଥରରେ ନିର୍ମିତ ଏକ ଦିବ୍ୟ ଗରୁଡ଼ ବିଗ୍ରହ ପାଇଲେ। ସେ ବିଗ୍ରହକୁ ଆଣି ମଠରେ ସ୍ଥାପନା କରି ପୂଜାର୍ଚ୍ଚନା ଆରମ୍ଭ କଲେ। ପନ୍ଦର ଦିନ ପରେ ମହନ୍ତ ଓ ଶିଷ୍ୟମାନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ ପାଟକନାରେ ବନ୍ଧା ହୋଇଥିବା ଏକ ପୁଟୁଳି ତାଙ୍କ ଆଡ଼କୁ ଭାସି ଆସିଲା। ସେ ପୁଟୁଳି ଭିତରେ ଥିଲେ ତିନୋଟି ସୁନ୍ଦର ଦାରୁ ବିଗ୍ରହ- ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ। ମହନ୍ତ ମହାରାଜ ମୂର୍ତ୍ତିମାନଙ୍କୁ ମଠରେ ସ୍ଥାପନା କରି ଆରାଧନା କରିବା ପାଇଁ ନିଷ୍ପତ୍ତି ନେଲେ। କିନ୍ତୁ ମାଆ ସୁଭଦ୍ରା ନ ଥିବାରୁ ଚତୁର୍ଦ୍ଧା ବିଗ୍ରହ ଅସଂପୂର୍ଣ୍ଣ ଥିଲେ। ତେଣୁ ମହନ୍ତ ମହାରାଜ ମାଆ ସୁଭଦ୍ରାଙ୍କୁ ମଠରେ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତା' ପର ଦିନ ସେ ସମୁଦ୍ରରେ ସ୍ନାନ ପରେ ଅର୍ଘ୍ୟ ଦେବା ପାଇଁ ଆଞ୍ଜୁଳାଏ ପାଣି ଉଠେଇ ଆଣିବା ବେଳକୁ ତାଙ୍କ ହାତରେ ମାଆ ସୁଭଦ୍ରାଙ୍କର ଏକ ଦିବ୍ୟ ସୁନ୍ଦର ବିଗ୍ରହ ଆବିର୍ଭାବ ହେଲେ। ସେ ମହାଆନନ୍ଦରେ ତାଙ୍କୁ ମଠକୁ ନେଇ ମହା ସମାରୋହରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କଲେ।

କଥାଟା ଶ୍ରୀଜଗନ୍ନାଥଙ୍କ ଭକ୍ତ ମହଲରେ ପ୍ରଚାରିତ ହେଲା ଯେ ମହାପ୍ରଭୁମାନେ ସ୍ୱୟଂ ଇଚ୍ଛା କରି ହରିଦାସ ସମାଧି ମଠରେ ବିରାଜମାନ କରିଛନ୍ତି। ତା' ପରେ ସେ ମଠର ପ୍ରତିଷ୍ଠା ଅନେକ ଗୁଣରେ ବଢ଼ିଗଲା। ତେଣୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନେ, ନିର୍ଦ୍ଦିଷ୍ଟ ଭାବରେ ବଙ୍ଗପ୍ରଦେଶର ଭକ୍ତମାନେ, ଏହି ମଠ ପରିଦର୍ଶନ କରି ମହାନ ସନ୍ଥ ହରିଦାସଙ୍କ ସମାଧିରେ ଭକ୍ତି ନିବେଦନ କରୁଛନ୍ତି। ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏହି ମଠରେ ଅଖଣ୍ଡ ନାମ କୀର୍ତ୍ତନ ଏବଂ ଦିନରେ ଦୁଇଥର ହରିଦାସଙ୍କ ସମାଧି ନିକଟରେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରିବାର ପରମ୍ପରା ଜାରି ରହିଛି। ଦିନକୁ ଦୁଇଥର ଦରିଦ୍ର ନାରାୟଣଙ୍କୁ ଅନ୍ନ ଦାନ ଦିଆଯାଉଛି। ସାରା ଭାରତରେ ହରିଦାସ ସମାଧି ମଠ ଏକ ମାତ୍ର ଅନୁଷ୍ଠାନ, ଯେଉଁଠାରେ ଏକ ଯବନର ସମାଧିକୁ ବୈଷ୍ଣବମାନେ ହିନ୍ଦୁ ପରମ୍ପରାରେ ପୂଜାର୍ଚ୍ଚନା କରୁଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାକିନାଡ଼ାରେ 'ମୋନ୍ଥା'...

ମୁଲୁଗୁ, କୋଠାଗୁଡେମ ଏବଂ ମହାବୁବାବାଦ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଆସନ୍ତାକାଲି କୋମୁରାମ୍ଭୀମ, ମଞ୍ଚିରିଆଲ, ପେଡ୍ଡାପାଲି, ଖମ୍ମମ ଏବଂ ୱାରାଙ୍ଗଲ ଜିଲ୍ଲାରେ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। କାକିନାଡା ଜିଲ୍ଲାରେ ଘୂର୍ଣ୍ଣିବାତ୍ୟା ମୋନ୍ଥାର ପ୍ରଭାବ ଅଧିକ ରହିଛି ଏବଂ ଏଥିପାଇଁ ସ୍କୁଲକୁ ୫ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଅନୁରୂପ ଭାବରେ କୃଷ୍ଣା, ବାପତଲା, ପୂର୍ବ ଗୋଦାବରୀ, ଏଲୁରୁ, ପାଲନାଡୁ, ଅନ୍ନମାୟା ଏବଂ କଡପା ଜିଲ୍ଲା ଭଳି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଗୋଟିଏରୁ ତିନି ଦିନ ପାଇଁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ମତ୍ସ୍ୟଜୀବୀଙ୍କୁ ମାଛ ଧରିବାକୁ ନଯିବାକୁ ସତର୍କ କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆନ୍ତଃ ପ୍ରଦେଶରେ ବନ୍ୟା ହେବାର ସମ୍ଭାବନା ଅଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଉତ୍ତର ଆନ୍ଧ୍ରର ବିଜୟନଗରମ୍, ବିଶାଖାପାଟନମ୍ ଏବଂ ଅନକାପାଲି ଜିଲ୍ଲା ସହିତ ପ୍ରକାଶମ୍, ନେଲୋର ଏବଂ ରାୟଲସୀମା ଜିଲ୍ଲା ଯେପରିକି ତିରୁପତି, ଚିତ୍ତୁର, ରାୟଚୋଟି, କଡପା, କୁର୍ଣ୍ଣୁଲ୍, ନନ୍ଦୟାଲ୍ ଏବଂ ଅନନ୍ତପୁର ପାଇଁ ମଧ୍ୟ ବନ୍ୟା ସତର୍କତା ଜାରି କରାଯାଇଛି।

ବାତ୍ୟା ଧୀରେ ଧୀରେ ଆଗକୁ ବଢ଼ିବା ସହ ମାଲକାନଗିରି ମୁହାଁ ହୋଇଛି। ତେଣୁ ରାଜ୍ୟରେ ଆଗକୁ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ବଢ଼ିବା ନେଇ ଆକଳନ କରାଯାଇଛି। ଅନ୍ୟପଟେ ବାତ୍ୟା ପ୍ରଭାବରେ ସୋମବାର ଅପରାହ୍ଣରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ଅନୁଭୂତ ହୋଇଛି। ସନ୍ଧ୍ୟା ସାଢ଼େ ୫ ଟା ସୁଦ୍ଧା ଚାନ୍ଦବାଲିରେ ୫୧.୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୫୧ ମିମି, ଯାଜପୁରରେ ୪୨, ଭଦ୍ରକ ୩୭, କୋରାପୁଟ ୩୬, ପରାଳାଖେମୁଣ୍ଡି ୩୪.୪, ନୟାଗଡ଼ ୨୧, ସମ୍ବଲପୁର ୨୦, ପାରାଦୀପ ୨୦, ଭୁବନେଶ୍ୱର ୧୭, ବାରିପଦା ୧୬, ଖୋର୍ଦ୍ଧା ୧୫, କଟକ ୧୩ ଓ କେନ୍ଦୁଝରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି।

ଆସନ୍ତାକାଲି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ କେନ୍ଦ୍ର ରେଡ୍ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ରହିବାର ଆଶଙ୍କା ରହିଛି। ସେହିପରି ନୂଆପଡା, ବଲାଙ୍ଗିର, କନ୍ଧମାଳ, ଗଜପତି ଜିଲ୍ଲାର ପ୍ରବଳରୁ ଅତିପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ୫୦-୬୦ ଓ ଝଟକା ପବନ ୭୦ କିମି ଆଶଙ୍କା କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବୌଦ୍ଧ, ସମ୍ବଲପୁର, ସୋନପୁର ଓ ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବାତ୍ୟା 'ମୋନ୍ଥା' ଓଡ଼ିଶାର ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲା ଦେଇ ଆଗକୁ ଯିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିମି ରହିବ। ଏହାର ପ୍ରଭାବରେ ମଙ୍ଗଳବାର ରାତି ଏବଂ ବୁଧବାର ସକାଳେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଏବଂ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଅନୁରୂପ ଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ କେନ୍ଦ୍ର କହିଛି। ଅନ୍ୟପଟେ ବାତ୍ୟା ଯୋଗୁଁ ବର୍ତ୍ତମାନ ସମୁଦ୍ର ଅଶାନ୍ତ ରହିଛି। ତେଣୁ ମତ୍ସ୍ୟଜୀବୀମାନଙ୍କ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ, କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ବାତ୍ୟା ଦୃଷ୍ଟିରୁ ଗୋପାଳପୁର ବନ୍ଦର ପାଇଁ ୩ ନଂ ବିପଦ ସଙ୍କେତ ଜାରି କରାଯାଇଥିବା ବେଳେ ପାରାଦୀପ, ଧାମରା, ପୁରୀ, ଛତ୍ରପୁର ଏବଂ ଚାନ୍ଦବାଲି ବନ୍ଦର ପାଇଁ ୨ ନଂ ବିପଦ ସଙ୍କେତ ଜାରି କରାଯାଇଛି। ବୁଧବାର ବାତ୍ୟା ଦୁର୍ବଳ ହୋଇ ଅପବାତ ଓ ବିଳମ୍ବିତ ରାତି ସୁଦ୍ଧା ଏକ ସଦୃଶ ଲଘୁଚାପରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଶୂନ୍ୟ ଜୀବନହାନି...

ବାତ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ହେଉଛି ଆମର ଏକ ପ୍ରମୁଖ ରଣନୀତି। ତେଣୁ ଏହି ଦିଗ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବାତ୍ୟାପରେ ଯେପରି ବିଭିନ୍ନ ଜରୁରୀ ବ୍ୟବସ୍ଥା ତୁରନ୍ତ ପୁନଃକ୍ଷମ କରାଯାଇ ପାରିବ ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ଇଞ୍ଜିନିୟରିଂ ବିଭାଗ ଗୁଡିକରୁ ନିର୍ଦ୍ଦେଶ ଦେଇଛନ୍ତି। ଭାଙ୍ଗିଯାଇଥିବା ଗଛ ଗୁଡିକ ଯୋଗୁ ରାସ୍ତା ଅବରୋଧ ନହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ଫସଲ ଅମଳର ସମୟ। ତେଣୁ, ବାତ୍ୟା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀ ଭାଇମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଯିବା ଉଚିତ। ଆଲୋଚନାରୁ ଜଣାଯାଇଛି ଯେ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୦୪୮ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୮ଟି ଜିଲ୍ଲାରେ ୧୧,୩୯୬ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଆବଶ୍ୟକ ହେଲେ ଆହୁରି ୩୦,୫୫୪ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ୧୮୭୧ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଆହୁରି ୮୨୨ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ସମୁଦାୟ ୨୬୯୩ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ। ବାତ୍ୟାର ମୁକାବିଲା ପାଇଁ ୩୦ଟି ଓଡ୍ରାଫ, ୫ଟି ଏନ୍‌ଡିଆର୍‌ଏଫ ଏବଂ ୧୨୩ଟି ଅଗ୍ନିଶମ ଦଳକୁ ମୁତୟନ କରାଯାଇଛି। ଆହୁରି ଅଧିକ ଟିମ୍ ଆଲର୍ଟରେ ଅଛନ୍ତି। ଆବଶ୍ୟକ ପଡିଲେ ଏମାନଙ୍କୁ ନିୟୋଜିତ କରାଯିବ। ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଆବଶ୍ୟକ ହେଲେ ଛୁଟିର ସମୟସୀମା ବଢାଯିବ।

ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଓ ପାନୀୟ ଜଳ ଯୋଗାଣ ପାଇଁ ଇଞ୍ଜିନିୟରିଂ ବିଭାଗ ଗୁଡିକ ପ୍ରସ୍ତୁତ ହୋଇଅଛନ୍ତି। ବିକଳ୍ପ ଭାବେ ସମସ୍ତ ଜରୁରୀ ସେବା ସଂସ୍ଥା ଗୁଡିକରେ ଡିଜି ସେଟ୍ ମହଜୁଦ ରଖାଯାଇଛି। ସମସ୍ତ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ସାପକାମୁଡା ଇଞ୍ଜେକ୍‌ସନ୍, ଔଷଧ ଓ ଚିକିତ୍ସା କିଟ୍ ମହଜୁଦ୍ ରଖାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ପାହାଡିଆ ଅଞ୍ଚଳରେ ଭ୍ରମଣ ପାଇଁ ପର୍ଯ୍ୟଟକ ମାନଙ୍କୁ ନିଷେଧ କରାଯାଇଛି। ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରାଯାଇଛି।

ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇଥିଲେ। ଜିଲ୍ଲାପାଳ ମାନେ ମଧ୍ୟ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ଭୟ କରନ୍ତୁ ନାହିଁ...

ଓ ଲୋକମାନଙ୍କୁ ସହାୟତା କରିବା ପାଇଁ ବିଜେଡିର କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ନବୀନ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏକାଧିକ ବାତ୍ୟାର ସଫଳ ମୁକାବିଲା କରିଥିଲା ଓଡ଼ିଶା। କେବଳ ସଫଳ ମୁକାବିଲା କରିନଥିଲା, ବରଂ ବିପର୍ଯ୍ୟୟ ପରିଚାଳନାରେ ସମଗ୍ର ଦେଶପାଇଁ ଓଡ଼ିଶା ରୋଲ ମଡେଲ ସାଜିଥିଲା। ଏପରିକି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଓଡ଼ିଶାକୁ ପ୍ରଶଂସା କରିବା ସହ ସମ୍ମାନ ଦେଇଥିଲେ। ଯାହା ଫଳରେ ୧୯୯୯ ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଓଡ଼ିଶା ୨୦୨୪ ମସିହା ବେଳକୁ ବିପର୍ଯ୍ୟୟ ମୁକାବିଲାରେ ପ୍ରବୀଣ ହୋଇ ପାରିଛି। ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ପଦ୍ଧତି ଦେଶର ଅନ୍ୟ ରାଜ୍ୟପାଇଁ ଅନୁକରଣୀୟ ହୋଇଛି।

## ୬୧ ଟ୍ରେନ୍...

କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମୋନ୍ଥା ପାଇଁ ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ସୋମବାର ୩୨ଟି ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଥିଲା।

ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଆଜି ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି। ବିଶେଷ କରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଡିଭିଜନ ସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ଲାଗି କହିଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ବିଶାଖାପାଟଣା ଏବଂ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟାରେ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ଲାଗି ରେଳ ଚଳାଚଳ ଉପରେ ନଜର ରଖିବା ଏବଂ ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଜରୁରୀକାଳୀନ ପରିସ୍ଥିତି ଏବଂ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ପୂର୍ବତଟ, ଦକ୍ଷିଣ ତଟ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳ ଜୋନ ଅଧିକାରୀମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଡ଼ ପାଇଁ ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି।

## ରଞ୍ଜନା ଦେଶାଇ...

ଫେବୃଆରୀରେ ଗଠନ କରାଯାଇଥିଲା। ଏହାର ରିପୋର୍ଟ ୨୦୧୫ ନଭେମ୍ବରରେ ଦାଖଲ ହୋଇଥିବାବେଳେ ସରକାର ଏହାକୁ ୨୦୧୬ ଜୁନ୍‌ରେ ଅନୁମୋଦନ ଦେଇଥିଲେ। ଆୟୋଗଙ୍କ ସୁପାରିଶଗୁଡ଼ିକ ୨୦୧୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହୋଇଥିଲା।

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେସାଇଙ୍କୁ ଅଷ୍ଟମ ବେତନ ଆୟୋଗର ଅଧ୍ୟକ୍ଷା ଭାବରେ ନିଯୁକ୍ତ କରାଯାଇଛି। ଆଇଆଇଏମ ବେଙ୍ଗାଲୁରୁର ପ୍ରଫେସର ପୁଲକ ଘୋଷ ଓ ପେଟ୍ରୋଲିୟମ୍ ଗ୍ୟାସ୍ ସଚିବ ପଙ୍କଜ ଜୈନ ସଦସ୍ୟ ରହିବେ। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୮ମ ବେତନଙ୍କ ସୁପାରିଶ ପ୍ରତିରକ୍ଷା ସେବା କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୯ ଲକ୍ଷ ପେନସନଭୋଗୀଙ୍କୁ ସାମିଲ କରିବ। 'ଟିଓଆର୍' ମୂଳତଃ ଏକ ବେତନ ଆୟୋଗର କାର୍ଯ୍ୟକାରିତାକୁ ରୂପରେଖା ଦିଏ। ଏହା ମୂଳ ଦରମା ଗଠନ, ଭତ୍ତା ଏବଂ ପେନସନ ସଂଶୋଧନଠାରୁ ଆରମ୍ଭ କରି ଅବସର ଲାଭ ଏବଂ ସେବା ସର୍ତ୍ତାବଳୀ ପର୍ଯ୍ୟନ୍ତ ଆୟୋଗଙ୍କ ସୁପାରିଶ କରିବା ଆଶା କରାଯାଉଥିବା ପରିସର ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକୁ ବର୍ଣ୍ଣନା କରେ। ଏକ ଟିଓଆର ବିନା ଆୟୋଗ କାର୍ଯ୍ୟ କରିବା ପାଇଁ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶ କିମ୍ବା ଆଇନଗତ ଆଦେଶ ନାହିଁ। 'ଟିଓଆର୍' ଯେକୌଣସି ବେତନ କମିଶନର ମୂଳଦୁଆ ଦଲିଲ୍ ଭାବରେ କାର୍ଯ୍ୟ କରେ। ଏହା କେବଳ କାର୍ଯ୍ୟସୂଚୀ ସ୍ଥିର କରେ ନାହିଁ ବରଂ ସମୟସୀମା ଏବଂ ଆଶା ମଧ୍ୟ ସ୍ଥାପନ କରେ। ଟିଓଆର ଅନୁପସ୍ଥିତିରେ ଆୟୋଗ ତଥ୍ୟ ସଂଗ୍ରହ କରିପାରିବନାହିଁ, ଅଂଶୀଦାରମାନଙ୍କ ସହିତ ଜଡିତ ହୋଇପାରିବ ନାହିଁ କିମ୍ବା ଆର୍ଥିକ ମାନଦଣ୍ଡର ବିଶ୍ଳେଷଣ କରିପାରିବନାହିଁ। ଏହି ବିଳମ୍ବ କେବଳ ଆଭ୍ୟନ୍ତରୀଣ ପ୍ରଶାସନିକ ଯୋଜନାକୁ ବାଧା ଦେଉନାହିଁ ବରଂ ସଂଶୋଧିତ ଦରମା ଢାଞ୍ଚାର ସମୟୋଚିତ କାର୍ଯ୍ୟକାରିତା ପାଇଁ ଅପେକ୍ଷା କରିଥିବା କର୍ମଚାରୀଙ୍କ ଆଶାକୁ ମଧ୍ୟ ଧୂଳିସାତ୍ କରୁଛି।

## ଭାରତୀୟ ଜିତିଲେ...

ଏହା ତାଙ୍କ ମାଆଙ୍କ ଜନ୍ମ ତାରିଖର ସଂଖ୍ୟା ଥିଲା। ଲଟେରି ଜିତିଥିବା ଖବର ଶୁଣିବା ପରେ ଅନିଲ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ସୋଫାରେ ସେମିତି ବସି ରହିଥିଲେ। ଜିତେଇଥିବାରୁ ମାଆଙ୍କୁ ଧନ୍ୟବାଦ ଦେଇଥିଲେ। ସେ ଏହି ଲଟେରି ଅର୍ଥକୁ ଦାୟିତ୍ୱର ସହ ଖର୍ଚ୍ଚ କରିବେ ବୋଲି କହିଛନ୍ତି। ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏଥିରୁ ଏକ ସୁପରକାର୍, ରେସ୍ତୋରାଁ ଏବଂ ସପ୍ତ ତାରକା ହୋଟେଲ କିଣିବେ। ବାକି ଅର୍ଥକୁ ସଠିକ ମାର୍ଗରେ ନିବେଶ କରିବେ। ପରିବାରକୁ ୟୁଏଇକୁ ନେଇଯିବେ। ତାଙ୍କ ସହ ସାରା ଜୀବନ ବିତାଇବେ। ଏହି ଅର୍ଥରୁ ଆଉ କିଛି ଭାଗକୁ ସେ ଦାନ କରିବେ ବୋଲି କହିଛନ୍ତି।

## ପୀଡ଼ିତାଙ୍କ ପୁରୁଷ ବନ୍ଧୁ...

କାଣ୍ଡ ବେଳେ ପୁରୁଷ ବନ୍ଧୁ ସେଠାରୁ ଫେରାର ହୋଇଯାଇଥିଲା। ଖବର ପାଇ ପୁଲିସ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଇଥିଲେ। ଏହାକୁ ନେଇ ଓଡ଼ିଶା ଓ ପଶ୍ଚିମ ବଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଦୁର୍ଗାପୁର ମାମଲାରେ ଜାତୀୟ ମହିଳା କମିସନ ଏବଂ ଓଡ଼ିଶା ମହିଳା କମିସନ ମଧ୍ୟ ଉଦବେଗ ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଯାତ୍ରା ମଞ୍ଚସ୍ଥ ନ ହେବାରୁ ୨ କଳାକାରଙ୍କୁ ଅପହରଣ

ବାରିପଦା, ୨୮।୧୦ (ସମିସ): ଯାତ୍ରା ମଞ୍ଚସ୍ଥ ନହେବାରୁ ଯାତ୍ରାପାର୍ଟିର ୨ କଳାକାରଙ୍କୁ ଅପହରଣ କରିନେଲେ କମିଟି ସଦସ୍ୟ। ଅପହୃତ ଦୁଇ କଳାକାର ହେଲେ, ବାରିପଦାର ସାଉନା ହେମ୍ବ୍ରମ ଓ ଲକ୍ଷ୍ମଣ ମାଝୀ। ଏନେଇ ତକତପୁର ଅଞ୍ଚଳର ଫାଗୁନ କଏଲ ଅପେରା ମାଲିକ ରାକ୍ଷୀମଣି ମାର୍ଣ୍ଡି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଅଞ୍ଚଳର ଧବାଡିରେ ଯାତ୍ରା କରିବା ପାଇଁ ସେଠାକାର କମିଟି ସଦସ୍ୟ ବାରିପଦାର ଯାତ୍ରାପାଟି ଫାଗୁନ୍ କଏଲ ଅପେରାକୁ ବୁକିଂ କରିଥିଲେ। ଏଥିପାଇଁ କମିଟି ପକ୍ଷରୁ ଅଗ୍ରିମ ଟଙ୍କା ମଧ୍ୟ ଦିଆଯାଇଥିଲା। କିନ୍ତୁ କୌଣସି ସମସ୍ୟା ପାଇଁ ଯାତ୍ରାପାର୍ଟି ଯାତ୍ରା କରିବାକୁ ଯାଇପାରି ନଥିଲେ। ଏହାକୁ ନେଇ କମିଟି ସଦସ୍ୟମାନେ କ୍ଷୁବ୍ଧ ହୋଇଯାଇଥିଲେ। ଏପରିକି, କମିଟିର କିଛି ବାରିପଦାକୁ ଆସି ଯାତ୍ରା କଳାକାର ସାଉନା ଓ ଲକ୍ଷ୍ମଣଙ୍କୁ ଅପହରଣ କରିନେଇଥିଲେ। ତାଙ୍କ ଅଞ୍ଚଳରେ ଯାତ୍ରା ପରିବେଷଣ ନ ହେଲେ ସେମାନେ ଦୁଇଜଣଙ୍କୁ ଛାଡ଼ିବେ ନାହିଁ ବୋଲି ଚେତାବଦୀ ଦେଇଛନ୍ତି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

Office of the Principal
**KALANDI CHARAN SANSKRIT COLLEGE**
At/Po- Padhuan, Dist.- Bhadrak - 756046

**ଅତିଥି ଅଧ୍ୟାପକ ଓ କିରାଣି ଆବଶ୍ୟକ**

ଏତଦ୍ୱାରା ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା - ୫୭୧୯୮, ତା.୨୩.୧୦.୨୦୨୫ରିଖ ନିର୍ଦ୍ଦେଶ ଅନୁସାରେ କାଳନ୍ଦି ଚରଣ ସଂସ୍କୃତ ମହାବିଦ୍ୟାଳୟ, ପଦୁଆଁ, ବାସୁଦେବପୁର ଭଦ୍ରକ ରେ ଖାଲିଥିବା ନିମ୍ନ ବିଷୟମାନଙ୍କରେ ଅତିଥି ଅଧ୍ୟାପକ ଓ କିରାଣି ନିଯୁକ୍ତି କରାଯିବ।
୧)ରାଜନୀତି ବିଜ୍ଞାନ-୧, ଓଡ଼ିଆ-୧, କିରାଣି-୧
୨)ଯୋଗ୍ୟତା: ଅବସର ପ୍ରାପ୍ତ ଅଧ୍ୟାପକ ଓ କିରାଣୀ (୪୮୮,୬୬୨) ଏବଂ ସଂସ୍କୃତ ବର୍ଗର
୩)ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ
୪)ଆବେଦନ : ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମରେ ବିଜ୍ଞାପନର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।

Sd/- Principal-cum-Secretary
Kalandi Charan Sanskrit College
Padhuan, Bhadrak

OFFICE OF THE PRINCIPAL-CUM-SECRETARY
**GHANTESWAR DEGREE COLLEGE**
DIST-BHADRAK, PIN-756129, ODISHA
Accredited by NAAC Grade 'B', www.ghanteswarcollege.org.in,
Email: ghanteswardegree2016@gmail.com

**WANTED**

Guest Non-teaching member PET is wanted for immediate appointment. The retired Non-teaching members apply through HIMS Portal on or before 31/10/2025. Norms, conditions and salary will be as per the notification of DHE, Odisha vide letter No-57203, Dt.-23/10/2025.

Sd/- Principal-cum-Secretary
Ghanteswar Degree College, Ghanteswar

**DHAMNAGAR COLLEGE**
Estd: 1977
Dhamnagar, Bhadrak, Odisha-756117
Website: dhamnagarcollege.org.in

**WANTED**

Guest Lecturers in Chemistry, Logic & Philosophy, and Urdu including Three Demonstrators in Physics, Chemistry, Biology and PET are wanted for immediate appointment.The retired faculties and Non-Teaching Members below the age of 69 years with requisite Qualification may apply through provided links in HIMS portal.The Salary for the above cited posts will be as per the Notification of DHE, Odisha vide letter No. 57198 and 57203 on 23.10.2025.

Sd/- Principal-cum-Secretary
Dhamnagar College, Dhamnagar

**ନୋଟିସ୍**

(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**

**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. 9/9091**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)

... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଲନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୨୧।
ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.- ୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩

...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି। ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ। ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୂତ୍ରେ ବିଚାର କରାଯିବ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋର ଯୁକ୍ତେ ଦିଆଗଲା।

ସ୍ୱା/- ବିଚାରପତି

Office of the Principal
**Shyamsundar Sanskrit College**
**Bhograi, Balasore**
No.64 / E-mail - sscollegebhograi@gmail.com, Date - 27.10.2025

**WANTED**

Guest faculties in Dharmashastra (1) & Sahitya (1) including 2 nos. of Jr. Clerks are required on contractual basis. Only retired academicians and Jr. Clerks below the age of 69 years may apply through HIMS Portal on or before 31.10.2025. Remuneration will be paid as per the notification of DHE, Odisha vide letter no. 57198 and 57203 on dt. 23.10.2025.

Sd/- Principal-cum-Secretary
Shyamsundar Sanskrit College,
Bhograi, Balasore-756038

**AFFIDAVIT**

By virtue of an Affidavit Sworn before the Executive Magistrate, Angul, I, **Bashumati Maharana,** W/o: Late Saroj Maharana, Permanent resident of At: Madhupur, P.O.: Nandapur, P.S.: Bantala, Dist.: Angul (Odisha)-759132 have changed my minor daughter name from Sohaeni Maharana to Sohini Maharana. Sohaeni Maharana & Sohini Maharana is one & same person. Henceforth she shall be known as **Sohini Maharana** for all future purposes.

**AFFIDAVIT**

I, Kumari Pradhan W/o Biswanath Pradhan, Resident of At- Mayfair Nagar, Jaydev Vihar, Salia Sahi, PO-RRL, PS-Maitri Vihar, Bhubaneswar, Dist-Khordha PIN-751013, Odisha declared by this affidavit No.1669/94 dtd 27.10.2025 that now onwards I shall be known as **JYSIMA PRADHAN** for all future purposes.

**AFFIDAVIT**

I, Md Shahud Parbej S/o Md Mehboob, Resident of Latumia Lane, Panposh Town, Panposh, Rourkela, PS-Raghunathpali, Dist-Sundargarh PIN-769004, Odisha declared by this affidavit No.A/02 dtd 28.10.2025 that now onwards I shall be known as **MD SHAHUD PERVEZ** for all future purposes.

**AFFIDAVIT**

I, **Miss. Shruti Agarwal,** aged 23 years, D/O: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 9245, Dt. 25.10.2025 declare that, my name be called as **Shruti Agarwalla** from here on for all future purposes.

**AFFIDAVIT**

I, **Smt. Madhavi Agarwal,** aged 49 years, W/o: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3426, Dt. 08.05.2025 declare that, my name be called as **Madhavi Agarwalla** from hereon for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Ganjam, Affidavit No- 5629 on dated 24-10-2025 I, **S P DURA BASULU SWAMY,** permanent resident of Vill. At./Po- Boxipalli, PS-Gopalpur, Dist- Ganjam, State- Odisha, Pin- 761002, declare that I have changed my name from **Spdura Basulu Swamy** (Old name) to **S P DURA BASULU SWAMY** (New name), Henceforth, I shall be known as **S P DURA BASULU SWAMY** for all future purposes.
Sd-(**S P DURA BASULU SWAMY**)

**AFFIDAVIT**

I, **Sri Shivam Agarwal,** aged 20 years, S/o.: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3428, Dt. 08.05.2025 declare that, my name be called as **Shivam Agarwalla** from hereon for all future purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, dated 20th September 2025, I Tirumal Kotnii, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha-751009, declare that I have change my name from Tirumal Kumar to Tirumal Kotnii. Henceforth, I shall be known as **Tirumal Kotnii** for all purposes.
Tirumal Kotnii

**AFFIDAVIT**

I, **Dharmananda Sahu,** S/o: Late Duryodhana Sahoo, resident of Bhitaradigapatana, Nayak Sahi, Bhuban NAC, Ward No-8, Bhuban, Po/Ps: Bhuban, Dist.: Dhenkanal, PIN-759017, Odisha declare by this affidavit No-11179. dtd-23.10.25 that now onwards I shall be known as **Dharmananda Sahoo.** For all future purposes.

**AFFIDAVIT**

I Bhagyalata Patra wife of Sri Satya Narayan Mohapatra resident of ward No. 35, Plot No. C/ 2, Labour Colony, Unit-3, Po-Gpo, Ps- Kharvel Nagar, Bhubaneswar, Dist- Khordha, Odisha, PIN- 751001 declare by this affidavit No. 77 dated 27.10.2025 that now onwards I shall be known as **BHAGYALATA PATRO** for all future purposes.

**AFFIDAVIT**

I, **Sri Sajan Kumar Agarwal,** aged 51 years, S/o: Late Ramavatar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3427, Dt. 08.05.2025 declare that, my name be called as **Sajan Kumar Agarwalla** from hereon for all future purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2672, dated 22/10/2025, I, **JAMUNARANI MANDAL,** W/o Ranjit Mandal resident of At: Gobardhanpur Colony Po: Bhusandpur, Ps - Tangi, Dist- Khordha, State- Odisha, Pin-752021 declare that I have changed my name from **JAMUNA MANDAL** (Old Name) to **JAMUNARANI MANDAL** (New Name). Henceforth, I shall be known as **JAMUNARANI MANDAL** for all future purposes.
(Sd- **JAMUNARANI MANDAL**)

**AFFIDAVIT**

I, Sunreeta Subhadarshini Nayak, aged about 41 years, W/o- Bhakta Ranjan Biswal, resident of At- Plot No- 315, Jayadev Vihar, Ps-Maitri Vihar, Bhubaneswar, Dist- Khurda, Pin- 751013, Odisha declare by this affidavit No. 2211, dtd. 27/10/2025, that now onwards I shall be known as **SUNRITA SUBHADARSHINI NAYAK** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-HIRING-VEHICLE-509, ତା.21.10.2025ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ସିଗ୍ନାଲ/ତାଳଚେର (TLHR) ଏବଂ ସିନିୟର ସେକ୍ସନ ଇଂଜିନିୟର/ସିଗ୍ନାଲ/ଢେଙ୍କାନାଳ (DNKL) ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock) ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଭଳି ଦୁଇ ଗୋଟି ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ(₹) :** 35,40,000.00, EMD (₹) : 70,800.00, ଟେଣ୍ଡର ନଥିପତ୍ର ମୂଲ୍ୟ (₹) : 3,540.00।

ବିଡ୍ ଆରମ୍ଭ ହେବା ତାରିଖ : ତା.29.10.2025ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-728/Q/25-26

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛିକି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛିକି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୯.୧୧.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ତା.୨୦.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ସହିଦ ନଗର ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସୁନା ଅଳଙ୍କାର/ କଏନ୍ ଗୁଡିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୨୩.୦୯.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ସହିଦ ନଗର ଶାଖା, ଏ/୧୨୩, ସହିଦ ନଗର, ପୋ: ସହିଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭, ମୋ.: ୮୯୮୧୦୮୧୩୭୩ | | | | | |
| ୧. | ୫୫୫୧୭୭୬୧୦୦୦୦୯୫୯ | ପ୍ରକାଶ ଭୋଳ, ପିତା: ଭାଗ୍ୟଧର ଭୋଳ, ଏ ବ୍ଲକ୍ ମାର୍କେଟ, ସେକ୍ଟର-୮, ରାଉରକେଲା, ଓଡ଼ିଶା, ପିନ୍-୭୬୯୦୦୯ | ୪୬.୦୭୦ | ୪୧.୫୦୦ | ଟ.୨,୨୮,୮୨୯.୬୪ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୧୦.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## 'ମୋନ୍ଥା' ପାଇଁ ପ୍ରଶାସନର ତତ୍ପରତା

# ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର ହେଲେଣି ୧୩୨୦ ଜଣ



ରାୟଗଡ଼ା,୨୮।୧୦(ସମିସ): ସାମୁଦ୍ରିକ ଘୂର୍ଣ୍ଣିଝଡ "ମୋନ୍ଥା' ମଙ୍ଗଳବାର ରାତ୍ରରେ ଭୀଷଣ ଭୟଙ୍କର ବାତ୍ୟା ରୂପ ନେଇ ସ୍ଥଳଭାଗକୁ ମାଡି ଆସୁଥିବା ବେଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ରେଡ୍ ଆଲର୍ଟରେ ଥିବା ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାରେ ଥିବା ୩ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀସହ ପ୍ରସ୍ତୁତ ହୋଇଥିବା ୧୬୮ଟି ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳକୁ ସଂପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ପ୍ରସ୍ତୁତ କରି ରଖାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ରାୟଗଡ଼ା ଜିଲ୍ଲା ରେଡ୍ ଆଲର୍ଟରେ ରହିଥିବାରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ବ୍ଲକର ନଦୀ ତଳିଆ ୧୩୨୦ଜଣ ଅଞ୍ଚଳବାସୀଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଚିହ୍ନଟ ହୋଇଥିବା ଅନ୍ୟ ୬୫୭୦ଜଣଙ୍କୁ ମଧ୍ୟ ଆବଶ୍ୟକ ସ୍ଥଳେ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ ନାୟକ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗତକାଲି ଓ ଆଜି ଭିତରେ ପ୍ରସବ ପାଇଁ ୧୪୫ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ଆମ୍ବୁଲାନ୍ସ ଯୋଗେ ସୁରକ୍ଷିତ ଭାବେ ସ୍ଥାନୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ମା' ଗୃହ ଗୁଡ଼ିକରେ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ଏବଂ ଆଉ ଚିହ୍ନଟ ହୋଇଥିବା ୨୫ଜଣ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତର କରାଯିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ଲକ୍ଷ୍ମୀଧର ମହାପାତ୍ର ପ୍ରକାଶ କରିଛନ୍ତି।

# ବାତ୍ୟା ପାଇଁ ମକା ଚାଷୀଙ୍କ ଚିନ୍ତା

ପାପଡାହାଣ୍ଡି, ୨୮।୧୦(ସମିସ):



ବାତ୍ୟା ପାଇଁ ନବରଙ୍ଗପୁର ଜିଲ୍ଲା ରେଡ ଜୋନରେ ରହିଥିବା ଭାରତୀୟ ପାଣିପାଗ ବିଭାଗ ସୂଚନା ଦେବାପରେ ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଜିରୋ କ୍ଷୟକ୍ଷତି ପାଇଁ ତତ୍ପରତା ପ୍ରକାଶ ପାଇଛି। କିନ୍ତୁ ଚାଷୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ମକା, ଧାନ ଫସଲ ଚାଷ ହୋଇଛି । ବର୍ତ୍ତମାନ ଫସଲ ଅମଳ ସମୟରେ ସାମୁଦ୍ରିକ ଝଡ଼ ବାତ୍ୟା ଆସୁଥିବାରୁ ଚାଷୀଙ୍କ ଚିନ୍ତା ଦୁଇଗୁଣ ବଢିଯାଇଛି। ଚାଷୀ ଫସଲ ଜମିରେ ଛାଡି ପାରୁଛି, ନା କୌଣସି ସୁରକ୍ଷିତ ସ୍ଥାନରେ ରଖି ପାରୁଛି। ଫସଲକୁ ସୁରକ୍ଷିତ ରଖିବାକୁ ନା ସ୍ଥାନ ରହିଛି ନା ଘୋଡେଇବାକୁ ପାଖରେ ତାରପାଲ, ଜରି ରହିଛି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ପାପଡାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରେ। ଚାଷୀ ଧାର କରଜ କରି ଦିନରାତି ଏକ କରି ଉପାର୍ଜିତ ସୁନାର ଫସଲ ଦେଖି ଖୁସରେ ବିଭିନ୍ନ ସ୍ୱପ୍ନ ଦେଖୁଥିବାବେଳେ ବର୍ତ୍ତମାନ କିନ୍ତୁ ଚିନ୍ତା ଦୁଇଗୁଣ ହୋଇଯାଇଛି। ଅଞ୍ଚଳର ଚାଷୀ ମୁଖ୍ୟତଃ ଗରିବ ଶ୍ରେଣୀର ହୋଇଥିବାରୁ ସମ୍ବଳ ଅଭାବ କାରଣରୁ ଧାରକରଜ କରି ସୁନାର ଫସଲ ଫଳାଇ ଋଣ ଶୁଝିବା ପରେ ବଳକା ଟଙ୍କାରେ ବର୍ଷ ତମାମ ପରିବାର ଭରଣପୋଷଣ କରିଥାନ୍ତି। ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀ ମକା ଗୁଡିକ ଜମିରୁ ଆଣି ସ୍ଥାନ ଅଭାବରୁ ଗ୍ରାମ୍ୟ ରାସ୍ତା ଉପରେ, ମୁଖ୍ୟ ରାସ୍ତାରେ ଏବଂ ଉଚ୍ଚ ସ୍ଥାନ ମାନଙ୍କରେ ରଖୁଥିବା ବେଳେ ଭଗବାନଙ୍କ ଭରସାରେ ରହିଛି। ସରକାର ଚାଷୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

# ବାତ୍ୟା ପ୍ରସ୍ତୁତି ତଦାରଖ କଲେ ପଟ୍ଟାଙ୍ଗି ବିଧାୟକ

ପଟ୍ଟାଙ୍ଗି,୨୮।୧୦(ସମିସ): ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ସ୍ଥାନକୁ ଗସ୍ତ କରି ବାତ୍ୟାର ମୁକାବିଲା ପାଇଁ କିଭଳି ପଦକ୍ଷେପ ନିଆଯାଇଛି, ତାହାର ତଦାରଖ କରିଥିଲେ। କୋରାପୁଟ ଜିଲ୍ଲା ସୀମାନ୍ତ ବ୍ଲକ ପଟ୍ଟାଙ୍ଗି ଆନ୍ଧ୍ର ସୀମାନ୍ତରେ ବାତ୍ୟା ମୋନ୍ଥାର ପ୍ରଭାବ ବହୁଳ ମାତ୍ରାରେ ଦେଖିବାକୁ ମିଳିଛି।ଉ କ୍ତ ବ୍ଲକ ରେ ମୋଟ ୧୪ ଗୋଟି ପଞ୍ଚାୟତ ରହିଛି। ବାତ୍ୟାର ପ୍ରଭାବରେ ପ୍ରବଳ ମାତ୍ରାରେ ପବନ ସହ ବର୍ଷା ଲାଗି ରହିଥିବ ଦେଖିବାକୁ ମିଳିଛି।ଯାହା ଫଳରେ ସମସ୍ତ ସ୍ଥାନ ରେ ଦୋକାନ ବଜାର ବନ୍ଦ ରହିଥିବା ସହ ଲୋକେ ନିଜ ନିଜ ଘରେ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ପଟ୍ଟାଙ୍ଗିରେ ବର୍ଷା ସହ ପ୍ରବଳ ମାତ୍ରାରେ ପବନ ବହୁଥିଲା। ଯେହେତୁ ବିଳମ୍ବିତ ରାତ୍ରିରେ ଆନ୍ଧ୍ର କାକିନାଡ଼ା ଠାରେ ସ୍ଥଳଭାଗକୁ ଛୁଇଁବ, ଏହାପରେ ପଟ୍ଟାଙ୍ଗି ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ଦିନ ତମାମ ପଟ୍ଟାଙ୍ଗି ମୁଖ୍ୟ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନକୁ ଗସ୍ତ କରି ବାତ୍ୟା ପରିଚାଳନା ବ୍ୟବସ୍ଥା ତଦାରଖ କରୁଥିବା ନଜରକୁ ଆସିଥିଲା। ବ୍ଲକ ପ୍ରଶାସନ ସୂଚନା ଅନୁଯାୟୀ, ଉକ୍ତ ବାତ୍ୟାର ମୁକାବିଲା କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ବ୍ଲକ୍‌ର ସମସ୍ତ ସରପଞ୍ଚ ଏବଂ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଗ୍ରାମରେ ରହିଥିବା ବିଦ୍ୟାଳୟ ଗୃହରେ ସଜାଗ ରହିଥିବ, ପ୍ରସ୍ତୁତ ହୋଇଥିବା ୮ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକ ମାନଙ୍କୁ ସ୍ଥାନାନ୍ତରିତ କରିବାର



ବ୍ୟବସ୍ଥା ହୋଇଛି। ବ୍ଲକର ସୀମାନ୍ତ ପଞ୍ଚାୟତ ତଥା ତଳଗୋଲୁର, ଅମ୍ବାବାଲି, ସୁଙ୍କି, ନୂଆଗାଁ, କୋଟିଆ, ସମ୍ବାଇ ପ୍ରମୁଖ ଅତି ସମ୍ବେଦନଶୀଳ ହୋଇଥିବାରୁ ଉକ୍ତ ପଞ୍ଚାୟତମାନଙ୍କୁ କଡାକଡି ଦୃଷ୍ଟି ରଖିଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା। ଧାନ ଚାଷ ପାଚି ଯାଇଥିବା ବେଳେ ଉକ୍ତ ବର୍ଷା ହେବା ଯୋଗୁଁ ଚାଷୀ ଚିନ୍ତାରେ ଅଛନ୍ତି।

# 'ମୋନ୍ଥା'ର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଡାବୁଗାଁ, ୨୮।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବାତ୍ୟା 'ମୋନ୍ଥା'ର ମୁକାବିଲା ନିମନ୍ତେ ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାତ୍ୟାର କିପରି ମୁକାବିଲା କରାଯିବ ସେନେଇ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛ। ଏଥିରେ ଆବଶ୍ୟକ ସ୍ଥଳେ ବ୍ଲକ ଅଧୀନ ନଦୀ ପାଶ୍ୱର୍ ଗ୍ରାମର ଲୋକମାନଙ୍କୁ ସ୍ଥାନାନ୍ତର କରାଯିବ। ଏନେଇ ବୋରିଗାଁ ପଞ୍ଚାୟତରେ ୨ଟି, କୋଇଲାରି ଗୋଟିଏ, ଜୁନାପାଣି ଗୋଟିଏ, ଟି, ଜବାଗୁଡା ଗୋଟିଏ, ବଡଓଲମା ଗୋଟିଏ, ଡାବୁଗାଁ ଗୋଟିଏ, ଅଞ୍ଚଳା ଗୋଟିଏ, ମେଦନା ଗୋଟିଏ ଓ ଘୋଡାଖୁଣ୍ଟାରେ ଗୋଟିଏ ଆଶ୍ରୟ ସ୍ଥଳ



ପ୍ରସ୍ତୁତ ରଖାଯାଇଛି । ସେଠାରେ ପର୍ଯ୍ୟାପ୍ତ ପାନୀୟଜଳ, ଶୁଖିଲା ଖାଦ୍ୟ ଓ ଆବଶ୍ୟକ ହେଲେ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ପ୍ରସ୍ତୁତ ରଖାଯାଇଛି। ଏହାସହ ଔଷଧ ଓ ଡାକ୍ତରୀ ଦଳ ସଜାଗ ରଖାଯାଇଛି । ବାତ୍ୟା ସମୟରେ ଗଛ ଭାଙ୍ଗି ପଡିଲେ ଗଛ କାଟି ସାଫା କରିବା ପାଇଁ ଅଗ୍ନିଶମ ଓ ଜଙ୍ଗଲ ବିଭାଗ ସଜାଗ ରହିଛି । ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଲେ ଶୀଘ୍ର ମରାମତି ପାଇଁ ବିଦ୍ୟୁତ ବିଭାଗ ଓ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଜଳ ଓ ପରିମଳ ବିଭାଗକୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା। ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଡାବୁଗାଁ ବ୍ଲକ ପ୍ରଶାସନ ସଜାଗ ରହିଛି । ଏଥିରେ ସିଡିପିଓ ମିନତୀ ଦାସ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନିଗୋ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ପ୍ରାଣୀ ଚିକିତ୍ସକ ଏଲ. ଲୋକନାଥ ରେଡ୍ଡୀ, ଭାରପ୍ରାପ୍ତ ଅଗ୍ନିସମ କେନ୍ଦ୍ର ଅଧିକାରୀ ଲକ୍ଷ୍ମୀଧର ଜାନୀ, ବନପାଳ ଉମାକାନ୍ତ ପଟ୍ଟନାୟକ, କୃଷି ଅଧିଦର୍ଶକ ସୁଶାନ୍ତ କୁମାର ରାଉତ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ବିଦ୍ୟୁତ ବିଭାଗ ସହକରି ନିର୍ବାହୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କୁମାର କିଶାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଦିବ୍ୟଶଙ୍କର ପୂଜାରୀ, ଅର୍ଜୁନ ଭତ୍ରା, ନରେଶ ଚନ୍ଦ୍ର ଜାଲ, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ପୋଡ଼ାଗଡ଼,୨୮।୧୦(ସମିସ): ବାତ୍ୟା ମନ୍ଥାକୁ ନେଇ କୋରାପୁଟରେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ। ଆଜି ସକାଳ ୧୦ ଘଣ୍ଟା ସମୟରେ କୋରାପୁଟ ଗାନ୍ଧୀ ନଗର ଆଶ୍ରୟସ୍ଥଳୀ, ବଙ୍ଗଳା ଗୁଡ଼ା ଅସ୍ଥାୟୀ ପୋଲ ବୁଲିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାତ୍ୟା ମନ୍ଥାକୁ ନେଇ ଜିରୋ କାଜୁଆଲିଟି ଲକ୍ଷ୍ୟ ରଖାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି ବର୍ଷା ଅଧିକ ହୁଏ, ତାହେଲେ ୩୨୬ନ ଜାତୀୟ ରାଜପଥ ସିଲ୍ କରିବା ପାଇଁ ପ୍ରଶାସନ ନିଷ୍ପତି ନଥିବା କୋରାପୁଟ ଜିଲ୍ଲାପାଳ କହିଛନ୍ତି। ରାତି ବଢ଼ିଲେ ପବନର ବେଗ ବଢିବାର ସମ୍ଭାବନା ଥିବାରୁ ପୋଡ଼ାଗଡ ଅଞ୍ଚଳରେ କୋକୁଆ ଭୟ ଦେଖା ଦେଇଛି। ସେହିପରି ଦଶମନ୍ତପୁର ବ୍ଲକ ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଥିବା ଦେଖା ଦେଇଛି।

## ଛଟ୍ ପୂଜାକୁ ଆସିଥିବା ବ୍ୟକ୍ତିଙ୍କୁ ଆକ୍ରମଣ

ଜୟପୁର,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଗତକାଲି ସଂଧ୍ୟାରୁ ଉତ୍ତର ଭାରତୀୟ ଭାଷାଭାଷୀ ଲୋକମାନେ ସ୍ଥାନୀୟ ବ୍ରହ୍ମା ସାହି ଖଜୁରୀବନ୍ଧ ନିକଟରେ ପାରମ୍ପରିକ ଛଟ୍ ପୂଜା ପାଳନ କରିଥିଲେ। ଏହିପରା ସାରା ରାତି ଉଜାଗରା ରହିବା ସହିତ ରାତିରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପୂଜା କମିଟିର ସଦସ୍ୟ ରାମ ପ୍ରତାପ ସିଂ ଯାଦବ ଏବଂ ତାଙ୍କ ବନ୍ଧୁ ବାଘଭଣ୍ଡାର ସାହି ନିଜ ବନ୍ଧୁଙ୍କ ଘରୁ ଗତକାଲି ମଧ୍ୟରାତ୍ରରେ ପ୍ରସ୍ତୁତ ଚା ନେଇ ପୂଜାସ୍ଥଳକୁ ଫେରିବା ବେଳେ ୩ରୁ ୪ଜଣ ଯୁବକ ତାଙ୍କୁ ରାସ୍ତା ଉପରେ ବାଇକ୍ ଅଟକାଇ ଅବରୋଧ କରିଥିଲେ। ରାସ୍ତାରୁ ବାଇକ ବାହାର କରିବାକୁ କହିଥିଲେ। କିନ୍ତୁ ଯୁବକ ମାନେ କୌଣସି କଥା ଶୁଣିନଥିଲେ। ନିଜେ ଅଭିଯୋଗକାରୀ ଗୋଟିଏ ବାଇକ୍‌କୁ ପାଶ୍ୱର୍କୁ ନେବା ବେଳେ ହଠାତ୍ ଉକ୍ତ ଯୁବକ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ। ଧର୍ମ ଏବଂ ସମ୍ପ୍ରଦାୟକୁ ଆକ୍ଷେପ କରି ମାରିଥିଲେ। ସେଥିମଧ୍ୟରୁ ଜଣେ ଯୁବକ ଏକ ଲୁହା ପଞ୍ଚରେ ଶ୍ରୀ ଯାଦବଙ୍କ ମୁଣ୍ଡକୁ ଆଘାତ କରିବାର ତାଙ୍କର ମୁଣ୍ଡ ଫାଟି ଯାଇଥିଲା। ଏହି ଦୁଇ ଯୁବକ ସ୍ଥାନୀୟ ହାଇଦ୍ରାବାଦ ଲାଇନ୍ ପଠାଣ ସାହିର ସବିର ଏବଂ ଉସମାନ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଏଥିନେଇ ଛଟ୍ ପୂଜା ଆୟୋଜନ କମିଟିର ସଦସ୍ୟ ମାନେ ଆଜି ମିଳିତ ଭାବେ ଟାଉନଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଏଥିନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ପଟ୍ଟାଙ୍ଗି,୨୮।୧୦(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମିନି ଷ୍ଟାଡିୟମ ପଟ୍ଟାଙ୍ଗି ଠାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା।ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନବ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡ. ସ୍ମୃତିରେଖା ପତି ଏବଂ ଡ. ବୃନ୍ଦାବତୀ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ଅନ୍ୟତମ





ଅତିଥି ଭାବେ ସାଂସଦ ପ୍ରତିନିଧି ସୁକ୍ରା ଖରା, ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ଉପଖଣ୍ଡ ପ୍ରାଣୀ ଅଧିକାରୀ କୋରାପୁଟ ସୁଦର୍ଶନ ସାହୁ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ସାଗର କୁମାର ରାମ, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଜୟପୁର ଡ ବିଶ୍ୱଜିତ ରୟ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ପରୀକ୍ଷିତ କୁଣ୍ଡୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ,ତହସିଲଦାର ଦେବେନ୍ଦ୍ର ଧାରୁଆ,ପଟ୍ଟାଙ୍ଗି ସରପଞ୍ଚ ଆଲ୍ଲେ ଫୁଲ, ନୂଆଗାଁ ସରପଞ୍ଚ ସୁବାଷ ଖରା ପ୍ରମୁଖ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ବ୍ଲକ ଠାରେ ପ୍ରଥମ ଥର ପାଇଁ ବ୍ଲକସ୍ତରୀୟ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସରକାରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ଗୁଡିକ କିଭଳି ପ୍ରତ୍ୟେକ ଜନତା ନିକଟରେ ପହଞ୍ଚାଯାଇ ତାଙ୍କର ଆୟକୁ କିଭଳି ତ୍ରିଗୁଣିତ କରାଯାଇପାରିବ ଉକ୍ତ ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟବସ୍ତୁ ନେଇ ଷ୍ଟଲ୍ ଗୁଡିକରେ ପ୍ରଦର୍ଶନ ମେଳାର ଆୟୋଜନ କରାଯାଇ ଚାଷୀଙ୍କୁ ସଚେତନ କରାଯାଇଛି। ଅନିଲ ଚୌଧୁରୀ, ଧନେଶ୍ୱର ବୁରୁଡ଼ି, ମୁନା ସାହୁ, ଶମ୍ଭୁନାଥ ଫୁଲ, ଗୀତା ମହାନ୍ତି, ଜସ୍ମିନ ଡୁମ୍‌ଡୁମ୍, ସୋନାଲି ସାହୁ, ସୁନିଲ ଚୌଧୁରୀ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଜେଡି ନେତାଙ୍କ ପରଲୋକ



ନନ୍ଦପୁର,୨୮।୧୦(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅଞ୍ଚଳର ବରିଷ୍ଠ ବିଜେଡି ନେତା ସୀମାଞ୍ଚଳ ବେହେରାଙ୍କ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ସିଏଲପି ନେତା ତଥା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଗଭୀର ଶୋକ ପ୍ରକାଶ କରିଛନ୍ତି। ପାଡୁଆ ସ୍ଥିତ ସ୍ୱର୍ଗତ ବେହେରାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଅନ୍ୟପଟେ ଦଳୀୟ କର୍ମୀ ସହ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପୀତମ ପାଢ଼ି, ବରିଷ୍ଠ ନେତା ଶଶୀ ଭୂଷଣ ପାତ୍ର, ଜଗନ୍ନାଥ ପାଙ୍ଗି,ସେକ୍ ଗଫୁର, ଜୟରାମ ଭୋଇ, ସାମାଜିକ କର୍ମୀ ମୁନା ଦଳପତି, ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ବିଧାୟକ ପ୍ରତିନିଧି କାମେସ କାମୁଡି, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲୁ କାମୁଡି, ଯୁବନେତା ଶଶୀ ପଟ୍ଟନାୟକ, ସାମାଜିକ କର୍ମୀ ମୁନା ପଣ୍ଡା, ପୂର୍ବତନ ସରପଞ୍ଚ ଧନପତି ସୀସା, ରାମକୃଷ୍ଣ ପଡାଲ,ବାବୁରାଓ ଖରା, ବିବିନ ମହାନ୍ତି, ଶଶୀ ନାଏର, ସୀମାଞ୍ଚଳ ନାୟକଙ୍କ ସମେତ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇ ତାଙ୍କର ଶେଷ ଦର୍ଶନ କରିଥିଲେ। ପାତାଳୀ ନଦୀ ତୁଟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ସୁନାବେଡ଼ାରେ ଛଟ୍ ପୂଜା ସମ୍ପନ୍ନ



ସୁନାବେଡ଼ା,୨୮।୧୦ (ସମିସ): ସୁନାବେଡାରେ ଏବେ ଛଟ୍ ପୂଜା ଧୁମ୍‌ଧାମରେ ପାଳନ ହେଉଛି। ଘରେ ଘରେ ଭକ୍ତି ଓ ଆସ୍ଥାର ପରିବେଶ। ଘାଟ ଓ ପୋଖରୀ ଗୁଡିକୁ ଆଲୋକ ଓ ପୁଷ୍ପରେ ସଜ୍ଜା ଯାଇଛି। ଏହି ପବିତ୍ର ପର୍ବଟି ବିହାର ଓ ଝାଡଖଣ୍ଡରେ ବିଶେଷ ଉତ୍ସାହ ସହ ପାଳିତ ହୁଏ। ଏବେ ଓଡ଼ିଶାର ଅନେକ ଅଞ୍ଚଳରେ ମଧ୍ୟ ଏହାର ଭକ୍ତିମୟ ପରିବେଶ ଦେଖିବାକୁ ମିଳୁଛି। ଛଟ୍ ପୂଜା ଚାରି ଦିନ ଧରି ଚାଲିଥାଏ। ଯେଉଁଥିରେ ଭକ୍ତମାନେ ୩୬ ଘଣ୍ଟା ଧରି ନିର୍ଜଳ ଉପବାସ ରଖନ୍ତି। ଦୀପାବଳି ପରେ ଷଷ୍ଠୀ ତିଥିରେ ଏହି ପୂଜା ଆରମ୍ଭ ହୁଏ। ଷଷ୍ଠୀ ଦିନ ଭକ୍ତମାନେ ଅସ୍ତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତି ଓ ସପ୍ତମୀ ଦିନ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଏହି ପୂଜାର ସମାପନ ହୁଏ। ସେମିଲିଗୁଡା ଓ ସୁନାବେଡା ଅଞ୍ଚଳର ଘାଟଗୁଡିକ ଗୋପୀନାଥ ଘାଟ, ଗୁପ୍ତେଶ୍ୱର ଘାଟ ଓ ସୁନାବେଡା ଡ୍ୟାମ ଘାଟ ଭକ୍ତମାନଙ୍କ ଭିଡ଼ରେ ଭରିଯାଇଛି। ମହିଳାମାନେ ନଦୀ ଓ ପୋଖରୀ କୂଳରେ ଦୀପ ଜଳାଇ ଅର୍ଘ୍ୟ ଦେଇଛନ୍ତି। ଚନ୍ଦନ ପ୍ରସାଦ ଅଞ୍ଚଳର ଯୁବ ସଂଘ ଓ ମହିଳା ମଣ୍ଡଳୀଙ୍କ ସଙ୍ଗେ ମିଶି ସଫା ସୁତୁରା, ସୁରକ୍ଷା ଓ ବିଦ୍ୟୁତ ବ୍ୟବସ୍ଥାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି।

# ଉଲ୍ଲାସ ପରୀକ୍ଷା ଦେଲେ ୩୦୬୩୦ ଜଣ

ନବରଙ୍ଗପୁର,୨୮।୧୦(ସମିସ): ନବରଙ୍ଗପୁର ଜିଲ୍ଲାରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ର ପ୍ରଥମ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ଜିଲ୍ଲା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୩୦୬୩୦ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୨୦୭୪ ଜଣ ପୁରୁଷ , ୧୮୨୫୩ ଜଣ ମହିଳା ଓ ୩ ଜଣ ତୃତୀୟ ଲିଙ୍ଗ ପରୀକ୍ଷା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ହୋଇଥିଲା। ବୟସର ଅପରାହ୍ନରେ ଶିକ୍ଷା ଗ୍ରହଣର ସୁଯୋଗ ଆସିଥିବାରୁ ଶିକ୍ଷାର୍ଥୀ ମାନେ ଖୁସି ପ୍ରକଟ କରିଥିଲେ। ଜିଲ୍ଲାର ଝରିଗାଁ



ବ୍ଲକ୍‌ରେ ସର୍ବାଧିକ ୪୯୭୮ ଜଣ ପରୀକ୍ଷା ଦେଇଥିଲେ। ପୁରୁଷଙ୍କ ଅପେକ୍ଷା ମହିଳା ପରୀକ୍ଷାର୍ଥୀ ଅଧିକ ଥିବା ଜଣାପଡିଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ନୋଡାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ମହାଲିକ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସି ପରୀକ୍ଷା ତଦାରଖ କରିଥିଲେ। ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ଓ ସହାୟକ ଆଶୁତୋଷ ବେହେରା ସହାୟତା କରିଥିଲେ।

## ପାପଡାହାଣ୍ଡି ବ୍ଲକ ପ୍ରଶାସନ ସଜାଗ

ପାପଡାହାଣ୍ଡି,୨୮।୧୦(ସମିସ): ବାତ୍ୟା ପାଇଁ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପ୍ରଶାସନ ସଜାଗ ରହିଥିବା ବିଡିଓ କପିଳଦେବ ସାହୁ ସୂଚନା ଦେଇଛନ୍ତି । ପାପଡାହାଣ୍ଡି ବ୍ଲକ ପ୍ରଶାସନ ଦ୍ୱାରା ୫ଟି ହେଲ୍ପ ନମ୍ବର ଜାରି କରାଯାଇଛି। ଯଦି କୌଣସି ଅଘଟଣ ଘଟେ ତେବେ ୯୩୪୮୫୦୧୦୨୫, ୯୪୩୮୧୬୩୯୮୯ ଏବଂ ୯୪୩୯୦୪୩୫୫୧ ନମ୍ବରରେ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟା ଚାଲୁରହିବ। ସେହିପରି ଏନଡିଆରଏଫର ଏକ ୟୁନିଟ୍ ମକିଆ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଅଛନ୍ତି। ଓଡ୍ରାଫ ଟିମ ସଜାଗ ଅଛନ୍ତି। ଯଦି କୌଣସି ଅଘଟଣ ହେଲେ ତୁରନ୍ତ ତାହାର ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି। ପାପଡାହାଣ୍ଡି ବ୍ଲକର ୧୦ଟି ସ୍ଥାନରେ ଅସ୍ଥାୟୀ ସେଣ୍ଟର କରାଯାଇଛି। ଦରକାର ପଡିଲେ ଲୋକଙ୍କୁ ସେଠାରେ ରଖାଯିବ ଏବଂ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ବ୍ଲକର ଜନବସତି ଅଞ୍ଚଳରେ ପାଣି ରହୁଥିବା ଜାଗାରୁ ମୋଟର ସାହାର୍ଯ୍ୟରେ ପାଣି ନିଷ୍କାସନ କରିବାକୁ ଅଗ୍ନିଶମ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ସେହିଭଳି ଭାବେ ଉପାନ୍ତ ଅଞ୍ଚଳରୁ ଗର୍ଭବତୀ ମହିଳାଙ୍କୁ ସେମଲା ସ୍ଥିତ ମାଆ ଘରେ ରଖାଯାଇଛି। ଆଜି ସଂଧ୍ୟାର ବିଡ଼ିଓ , ତହସିଲଦାର, ଥାନାଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମନ୍ଥାକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି।

# ସାମ୍ବାଦିକ ଓ ଆଇନଜୀବୀ ସମ୍ମାନିତ

ସୁନାବେଡ଼ା ,୨୮।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସ୍ଥିତ ମଙ୍ଗଳ ଭବନ ନୂଆପଡା ଠାରେ ରବିବାର କୋଶଳ ଟାଇମ୍ସ ନ୍ୟୁଜର ରାଜ୍ୟ ସ୍ତରୀୟ ପ୍ରଥମ ବାର୍ଷିକ



ଉତ୍ସବରେ କୋରାପୁଟ ଜିଲ୍ଲା ସୁନାବେଡ଼ାର ସାମ୍ବାଦିକ ମନୋଜ କୁମାର ମୁଦୁଲି ଏବଂ ଆଇନଜୀବୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ସ୍ତରୀୟ ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କୋଶଳ ଟାଇମ୍ସ ନ୍ୟୁଜ୍‌ର ମୁଖ୍ୟ ପ୍ରତିଷ୍ଠାତା ଦେବ ବୋର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଓ କୋଶଳ ଟାଇମ୍ସ ନ୍ୟୁଜ ଚିଫ୍ ଏଡିଟର ସନ୍ତୋଷ ପଟେଲଙ୍କ ସହଯୋଗରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ଆଇନଜୀବୀ ଲବ ସୁନା, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ତୁରେଇ କେଲା ଥାନା ଅଧିକାରୀ ରାକେଶ ବେହେରା, ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ସମାଜସେବୀ ବିନୋଦ କାଳସାଏ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ସଚେତନତା

ସୁନାବେଡା,୨୮।୧୦(ସମିସ): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡ଼ା ପୋଲିସ ଥାନା ଆଇଆଇସି, ସୁଷମା କଅଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କାରାଇ ଦୁର୍ନୀତି କିପରି ହୋଇଥାଏ ଏବଂ ଏହାକୁ ବନ୍ଦ କରିବା ବର୍ତ୍ତମାନ ଯୁବପିଢିର ଉତ୍ତର ଦାୟିତ୍ୱ ବୋଲି କହିଥିଲେ। ଅଧ୍ୟକ୍ଷା ଉଷାରାଣୀ ଦାସ ଯୋଗ ଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦୁର୍ନିତୀ ନିବାରଣ ଉପରେ ସଚେତନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଇବର ସେଫ୍ଟି





ସଚେତନତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ସୁଷମା କଅଁର, ବିଭିନ୍ନ ପ୍ରକାରର ସାଇବର କ୍ରାଇମ୍ ଏବଂ ଏହାର ଫଳାଫଳ ଉପରେ ଆଲେଚନା କରିଥିଲେ। ଅଧ୍ୟକ୍ଷା ଉଷାରାଣୀ ଦାସ ସାଇବର କ୍ରାଇମ୍‌କୁ ନିୟନ୍ତ୍ରଣ କରିବା ଏବଂ ସଚେତନତାର ବିଭିନ୍ନ ଉପାୟ ବିଷୟରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ଏବଂ ୱାଇଆରସି ଆମ କଲେଜ ଆମ ଗୌରବର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ସରିତା ପରିଡ଼ା ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସମସ୍ତ ଛାତ୍ରୀ, କର୍ମଚାରୀ, ଅଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପକ ମିଶି ସାଧୁତାର ଶପଥ ପାଠ କରିଥିଲେ।

# ଆଇଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି, ୨୮ ।୧୦ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲାରେ ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିବାରେ ସଫଳ ହୋଇଛନ୍ତି ସୁରକ୍ଷା କର୍ମୀ । ଫୁଲବାଗଡି ବଡେଶେଟ୍ଟି ଜଙ୍ଗଲ ରାସ୍ତାରେ ପ୍ରାୟ ୪୦ କିଲୋଗ୍ରାମ ଓଜନର ଏକ ଆଇଇଡି ବୋମାକୁ ଠାବ କରିଥିଲେ ଯବାନ । ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ମାଓବାଦୀ ମାନେ ରାସ୍ତାରେ ଏହି ଲ୍ୟାଣ୍ଡମାଇନ ଖଞ୍ଜି ଥିଲେ । ଡିଆରଜି ଓ ସିଆରପିଏଫ ମିଳିତ ଭାବେ ପାଟ୍ରୋଲିଂ ଯାଉଥିବା ସମୟରେ ଏହି ବିସ୍ଫୋରକ ଠାବ କରିଥିଲେ । ପରେ ବୋମା ନିଷ୍କ୍ରିୟକାରୀ ଦଳ ସୁରକ୍ଷିତ ଭାବେ ଆଇଇଡିକୁ ନିଷ୍କ୍ରିୟ କରିଥିଲେ । ଯବାନ କିମ୍ବା ସାଧାରଣ ଲୋକଙ୍କ ନିକଟରେ ଏହା ବିସ୍ଫୋରଣ ହୋଇଥିଲେ ଭାରି କ୍ଷତି ହୋଇଥାନ୍ତା । ତେବେ ଏହାପରେ ଅଞ୍ଚଳରେ ତଲାସୀ ଅଭିଯାନକୁ ବଢାଇ ଦିଆଯାଇଛି ।

# ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ



ପଦ୍ମପୁର,୨୮ ।୧୦(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସ୍ଥିତ କାଳୀପୂଜା ମଣ୍ଡପ ପଡ଼ିଆରେ ମା'ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଗତକାଲି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇ ଗତ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପୂଜାରେ ଗଂଜାମ ଜିଲ୍ଲାର ଟିକରପଡାର ରାମାୟଣ, ଗଜପତି ଜିଲ୍ଲାର ଭାରତଲୀଳା, ଭଜନ ସମାରୋହ ସହ ସମ୍ବଲପୁରର ଦୁଲ୍‌ଦୁଲି ବାଜା, ଆଇଟମ୍ ମେଲୋଡି ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା । ତେବେ ଜଗମଣ୍ଡା ପୁଷ୍କରିଣୀରେ ମା'ଙ୍କ ମୃଣ୍ମୟ ମୂର୍ତ୍ତୀ ଭସାଣି କରାଯାଇଥିବା ବେଳେ ଏହି ସମୟରେ ପୂଜା କମିଟି ସଭାପତି ଗୋଦାବରୀ ରାଉତ, ଚିତ୍ତ ରଣା, ଜୁର ସାହୁ, ପ୍ରକାଶ କଣ୍ଡାଗୀରି, ଟୁକୁନା ପଣ୍ଡା, ପ୍ରଶାନ୍ତ କର, ବିଷ୍ଣୁ ରଥ, ରମେଶ ଚନ୍ଦ୍ର ସାହୁ, ବିଦ୍ୟାଧର ଗୈଡ, ବ୍ରଜ ସୁନ୍ଦର ପାଣିଗ୍ରାହୀ, କରୁଣା ଶବର, ବାଲାଜୀ ପାଢ଼ୀଙ୍କ ସହ ବହୁ ବ୍ୟକ୍ତି ସହଯୋଗ କରିଥିଲେ । ପଦ୍ମପୁର ପୁଲିସ ଶାନ୍ତି ଶୃଙ୍ଖଳା ରଖିବାକୁ ସହଯୋଗ କରିଥିଲେ ।

■ ଶୁଣିଲାଣି ପ୍ରଶାସନ

# ନିଜ ଖର୍ଚ୍ଚରେ ରାସ୍ତା ସଫା କଲେ ଉତ୍କଳ ସାମ୍ବାଦିକ ସଂଘ



କୋରୁକୋଣ୍ଡା,୨୮ ।୧୦(ସମିସ): ଅଞ୍ଚଳକୁ ସଫା ସୁତୁରା ରଖିବା ନିମନ୍ତେ ସରକାରଙ୍କ ତରଫରୁ ବହୁ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୫୦ମିଟର ଦୂରର ରାସ୍ତା କଡରେ ବହୁଦିନ ଧରି ଗଦାହୋଇ ରହିଥିଲା ଅଳିଆ ଆବର୍ଜନା । ଏହାକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ପଞ୍ଚାୟତ ପ୍ରଶାସନ ସହିତ ବ୍ଲକ ଅଧିକାରୀଙ୍କୁ ଅବଗତ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ଆଜି ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟ ମାନେ ନିଜ ଖର୍ଚ୍ଚରେ ଠେଲା ଗାଡି ସାହାଯ୍ୟରେ ପଡି ରହିଥିବା ଆଲିଆକୁ ସଫା କରିଥିଲେ । ସୂଚନା ଥାଉକି ଉକ୍ତ ରାସ୍ତାଟି ବ୍ଲକ ସଦର ମୁଖ୍ୟ ରାସ୍ତା ହନୁମାନ ମନ୍ଦିର ଠାରୁ ବ୍ଲକ ଅଧୀନ କ୍ଲଷ୍ଟର ବିଲ୍‌ଡିଂକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତା । ଉକ୍ତ କ୍ଲଷ୍ଟର ବିଲ୍‌ଡିଂରେ ପ୍ରାୟ ୧୦ରୁ ଅଧିକ ବ୍ଲକସ୍ତରୀୟ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀ ନିଜ ପରିବାର ସହିତ ରହିଥିବା ବେଳେ ପ୍ରତେକ ଦିନ କର୍ମଚାରୀ ମାନେ ନିଜ ନିଜ କାର୍ଯ୍ୟାଳୟକୁ ଯିବା ଆସିବା କରିବ ସହିତ ସେମାନଙ୍କର ଛୋଟ ଛୋଟ ପୁଅ ଝିଅ ସେହି ଅଳିଆ ଆବର୍ଜନା ରାସ୍ତା ଦେଇ ସ୍କୁଲକୁ ମଧ୍ୟ ନେବା ଆଣିବା କରିଥାନ୍ତି । ହେଲେ ମଧ୍ୟ ସେହି ରାସ୍ତାରେ ପଡିଥିବା ଆବର୍ଜନାକୁ କାହା ନଜରରେ ପଡୁନଥିଲା । ଏଣୁ ଆଜି ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟ ମାନେ ନିଜ ଖର୍ଚ୍ଚରେ ଗାଡି ଲଗାଇ ସଫା କରିଥିଲେ ।

## 'ମନ୍ଥା'ମୁକାବିଲା ପାଇଁ ଲକ୍ଷ୍ମୀପୁର, ପଟ୍ଟାଙ୍ଗି ଓ କୋଟପାଡରେ ଓଡ୍ରାଫ୍ ଟିମ୍

# ପ୍ରଶାସନ ପ୍ରସ୍ତୁତ, ଆଶ୍ରୟସ୍ଥଳୀରେ ୧୭୯ ଜଣ

କୋରାପୁଟ,୨୮ ।୧୦(ସମିସ): ବାତ୍ୟା ମୋନ୍ଥା ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ସକ୍ରିୟ ଥିବା ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୌରଞ୍ଜୀତା ମାଝୀ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ନିୟମିତ ବ୍ୟବଧାନରେ ବୈଠକ କରିବା ସହ ସମ୍ଭାବ୍ୟ ବନ୍ୟା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା ସୁଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ, ଏସପି ରୋହିତ ବର୍ମା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ନେଇ କୋରାପୁଟ ପୌର ପରିଷଦର ବିଭିନ୍ନ ଆଶ୍ରୟ ସ୍ଥଳୀ, କୋରାପୁଟ ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ବଙ୍ଗଳାଗୁଡ଼ା ଅସ୍ଥାୟୀ ପୋଲ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି । ଗଣ ମାଧ୍ୟମକୁ ସୂଚନା ଦେଇ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟାର ସୂପରିଚନା ଓ ଶୂନ୍ୟ ମୃତ୍ୟୁ ହାର ପାଇଁ ଜିଲ୍ଲା ପ୍ରଶାସନ ସବୁ ପଦକ୍ଷେପ ଗ୍ରହଣ କରି ପ୍ରତି ବ୍ଲକରେ ଜଣେ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରା ଯାଇଥିବା ସୂଚନା ଦେଇଛନ୍ତି । କୋରାପୁଟ ପୌର ପରିଷଦ, ବ୍ଲକ ଓ ଦଶମନ୍ତପୁର ବ୍ଲକ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ,ଜୟପୁର, ବୈପାରିଗୁଡ଼ା, କୁନ୍ଦୁରା ପାଇଁ ଜୟପୁର ଉପଜିଲ୍ଲାପାଳ ଏ,ସସ୍ୟା ରେଡ଼୍ଡୀ,କୋଟପାଡ,ବୋରିଗୁମ୍ମା ପାଇଁ ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁଧର ଶବର, ନନ୍ଦପୁର, ସେମିଳିଗୁଡା, ପଟ୍ଟାଙ୍ଗି ଓ ଲମତାପୁଟ ପାଇଁ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଲକ୍ଷ୍ମୀପୁର, ନାରାୟଣପାଟଣା



ଏବଂ ବନ୍ଧୁଗାଁ ବ୍ଲକ ପାଇଁ କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲଙ୍କୁ ଦାୟିତ୍ୱ ଦିଆ ଯାଇଛି । ସୋମବାର ରାତି ସୁଦ୍ଧା କୋଟପାଡ, ଲକ୍ଷ୍ମୀପୁର ଏବଂ ପଟ୍ଟାଙ୍ଗିରେ ୩ ଟି ଓଡ଼ରାଫ୍ ଟିମ୍ ପହଞ୍ଚି ଥିବାବେଳେ ମଙ୍ଗଳବାର ଅପରାହ୍ନରେ ଆଉ ଏକ ଓଡ୍ରାଫ ଟିମ୍ କୋଟପାଡ ଗସ୍ତ କରିବ ବୋଲି ଜଣାପଡ଼ିଛି । ଜିଲ୍ଲାପାଳ ନିଜେ ସମସ୍ତ ତଳିଆ ଅଞ୍ଚଳ ଏବଂ ବିଭିନ୍ନ ଆଶ୍ରୟ ସ୍ଥଳୀ ବୁଲି ଦେଖି ସମୀକ୍ଷା କରିଛନ୍ତି । ଏହା ବ୍ୟତୀତ ବାତ୍ୟା ସମୟରେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ବାରଣ କରା ଯିବା ସହ ଆବଶ୍ୟକ ସ୍ଥଳେ ପ୍ରଶାସନର ସହାୟତା ପାଇବା ପାଇଁ ବ୍ଲକ ୱାରୀ ନିଶୁଳ୍କ ହେଲ୍ପ ଲାଇନ୍ ନମ୍ବର ଜାରି କରା ଯାଇଥିବା ଜଣାପଡ଼ିଛି । ମଙ୍ଗଳବାର ସକାଳ ୫ ଟା ଠାରୁ ସନ୍ଧ୍ୟା ୫ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ମୋଟ ୧୨୦.୬ ମିମି ବର୍ଷା ହୋଇଥିବାବେଳେ ଓଡ଼ିଶା ଆନ୍ଧ୍ର ସୀମା ପଟ୍ଟାଙ୍ଗି ବ୍ଲକରେ ସର୍ବାଧିକ ୪୪.୧ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ବର୍ଷା ପରିମାଣ ବୁଧବାର ଠାରୁ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଓ ଲୋକଙ୍କ ଧନ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସନ୍ଧ୍ୟା ସୁଦ୍ଧା କୋରାପୁଟ ପୌର ପରିଷଦ ୭୦ ଜଣଙ୍କ ସମେତ ମୋଟ ୧୭୯ ଜଣଙ୍କୁ ଆଶ୍ରୟ ସ୍ଥଳୀରେ ସ୍ଥାନାନ୍ତର କରିଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ତାଲା ଭାଙ୍ଗି ଲୁଟିନେଲେ ସୁନା

ତେନ୍ତୁଳିଖୁଣ୍ଟି,୨୮।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀର ଏକ କ୍ୱାର୍ଟର୍ସ ଘର ତାଲା ଭାଙ୍ଗି ସୁନା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀର ଶୁଭେନ୍ଦୁ ସାହୁ (୩୨) ଗତ ୨୫ ତାରିଖରେ ଘରେ ତାଲା ପକାଇ ନବରଙ୍ଗପୁରରେ ରହୁଥିବା ନିଜ ଝିଅ ଘରକୁ ଯାଇଥିଲେ । ସୋମବାର ସନ୍ଧ୍ୟାରେ ଘରକୁ ଫେରି ଦେଖିବା ବେଳେ ଘର ତାଲା ଭଙ୍ଗାଯିବା ସହ ଘରେ ଥିବା ଦୁଇଟି ମଙ୍ଗଳସୂତ୍ର ଏବଂ ଗୋଟିଏ ଛୋଟ ଚେନ୍ ହୋଇଥିଲା । ଏନେଇ ଶୁଭେନ୍ଦୁ ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଖାତିଗୁଡା ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କ ତତ୍ତ୍ୱାବଧାନରେ ଥାନା ଏଏସଆଇ ମହେଶ୍ୱର ବୁଡୁବାଡେ ତଦନ୍ତ ଆରମ୍ଭ କରିଛନ୍ତି । ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ କାବୁ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଗୋଲାରୀ ପ୍ରକାଶ କରିଛନ୍ତି ।

# ୪ ଘଣ୍ଟାରେ ଧରାପୃଷ୍ଠକୁ ଆସିଲେ ୮୪ ନବଜାତକ

କୋରାପୁଟ ୨୮।୧୦(ସମିସ): ବାତ୍ୟା ମୋନ୍ଥା କୋରାପୁଟ ମାଟି ଛୁଇଁବା ପୂର୍ବରୁ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୮୪ ଜଣ ଜନ୍ମ ନେଇଛନ୍ତି । ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ନୀଳ ମାଧବ ଶତପଥୀଙ୍କ ଠାରୁ ହସ୍ତଗତ ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ୭ଟା ମଧ୍ୟରେ ଜିଲ୍ଲାରେ ୩୫ ଜଣ ଶିଶୁପୁତ୍ର ଓ ୩୯ ଜଣ ଶିଶୁ କନ୍ୟା ଜନ୍ମ ହୋଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟି ଦେଇ ସୁରକ୍ଷିତ ପ୍ରସବ ପାଇଁ ୧୧୭ ଜଣ ଗର୍ଭବତୀଙ୍କୁ ବିଭିନ୍ନ ଡାକ୍ତରଖାନାରେ ଏବଂ ୧୫୧ ଜଣ ଗର୍ଭବତୀଙ୍କୁ ମା ଘରକୁ ମୋଟ ୨୬୭ ଜଣଙ୍କୁ ସ୍ଥାନାନ୍ତର କରା ଯାଇଥିଲା । ସେମାନଙ୍କ ମଧ୍ୟରୁ ୮୩ ଜଣ ୮୪ ଶିଶୁଙ୍କୁ ଜନ୍ମ ଦେଇଛନ୍ତି । ସମସ୍ତ ପ୍ରସୁତି ଓ ନବଜାତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣା ପଡ଼ିଛି । ଜୟପୁରରେ ଯୋଡୁଆ ସନ୍ତାନ ଜନ୍ମ ନେଇଥିବା ଜଣାପଡ଼ିଛି ।

# ବାତ୍ୟା ପାଇଁ ପ୍ରଶାସନର ପ୍ରସ୍ତୁତି

ଜୟପୁର,୨୮ ।୧୦(ସମିସ): ବାତ୍ୟା ମୋନ୍ଥାର ପ୍ରଭାବ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନର ସମସ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଜୋରଦାର ଚାଲିଛି । ଜୟପୁର ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ଚାଉଳ ଏବଂ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ରାଜସ୍ୱ ବିଭାଗ ପକ୍ଷରୁ ପୋଲିଥିନ ଏବଂ ବର୍ଷା ଏବଂ ଘର ଭାଙ୍ଗିଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ନେଇ ବ୍ୟବସ୍ଥା । ସେହିପରି ଜୟପୁର ତହସିଲ ଅଧିନରେ ରହିଥିବା ବାଲିଆ ଗ୍ରାମ ପ୍ରାକୃତିକ ବିପର୍ଯ୍ୟସ୍ତ ଆଶ୍ରୟ ସ୍ଥଳକୁ ପ୍ରସ୍ତୁତ କରାଯାଇଛି । ଏହିପରି ତଳିଆ ନଦୀ ପାଶ୍ୱର୍ ଅଞ୍ଚଳର ଲୋକମାନଙ୍କୁ ଆଶ୍ରୟ ସ୍ଥଳକୁ ରଖିବା ସହ ମାଗଣା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥା ସୁରକ୍ଷିତ ସ୍ଥାନ ଭାବେ ବିପର୍ଯ୍ୟସ୍ତ କେନ୍ଦ୍ର କରାଯାଇଛି । ସେହିପରି ଅଗ୍ନିସମ ବିଭାଗକୁ ସତର୍କ ରଖାଯାଇଛି, ଏହିପରି ରାସ୍ତାରେ ଗଛପଡିବା ମାତ୍ରେ ଅଗ୍ନିଶମ ବିଭାଗ ପହଞ୍ଚି ସଫେଇ କାର୍ଯ୍ୟ କରିବା ସହ ଗମନାଗମନ ବ୍ୟବସ୍ଥା ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାପରେ ଜୟପୁର ତହସିଲଦାର ଶ୍ରୀ ଜେନା ବାଲିଆ ଠାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳକୁ ତହସିଲଦାର ଅନୁଧ୍ୟାନ କରିଛନ୍ତି ।



ଆୟୋଜିତ ବୈଠକରେ ତହସିଲଦାର ଶ୍ରୀ ଜେନା ଗତକାଲି ଜୟପୁର ତହସିଲର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସେହିପରି ବାତ୍ୟା ଆଶ୍ରୟ ସ୍ଥଳରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କରାଯାଇଥିଲା । ଏହପରି ପରିଦର୍ଶନ ସମୟରେ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ସୁପରଭାଇଜର ହରିହର ଶତପଥୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ବାତ୍ୟା ପାଇଁ ସ୍ୱାସ୍ଥ୍ୟ ବିଭାଗର ସତର୍କତା



ବୈପାରୀଗୁଡ଼ା,୨୮ ।୧୦(ସମିସ):ବାତ୍ୟା ମୁକାବିଲା ପାଇଁ ବୈପାରିଗୁଡାର ସମସ୍ତ ସରକାରୀ କର୍ମଚାରୀ ସଜାଗ ରହିଥିବା ବେଳେ ଆଶା କର୍ମୀ ମାନେ କଉଠି ଘଣ୍ଟା ମାରି ଗାଁ ଲୋକଙ୍କୁ ସତର୍କ କରିଛନ୍ତି ଆଉ କଉଠି ଡାକବାଜି ଯନ୍ତ୍ର ମାଧମରେ ସଚେତନ କରୁଛନ୍ତି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର, କାଠପୋଡ଼ା, ଟିକିରାପୋଡା, ଭାଲିଆପଦର, କୋଟ୍ରାଗୁଡା, ତେନ୍ତୁଳିଗୁମ୍ମା, ଅଟଳଗୁଡା, ଗୁପ୍ତେଶ୍ୱର, କେଚେଲା ଭଳି ସମସ୍ତ ଅଞ୍ଚଳରେ ସଚେତନ କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟର ବାତ୍ୟାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଆଶାକର୍ମୀ ମାନେ ଘର ଘର ବୁଲି ଘଣ୍ଟ ମାରି ଲୋକଙ୍କୁ ସତର୍କ ରହିବାକୁ ସଚେତନ କରୁଛନ୍ତି । ଗ୍ରାମବାସୀଙ୍କୁ ଆଜି କାଲି ଦୁଇଦିନ ଘରୁ ବାହାରକୁ ନ ବାହାରିବା ପାଇଁ ସଚେତନ କରୁଛନ୍ତି । ସଚେତନ ବାର୍ତ୍ତା ସମୟରେ ସ୍ଥାନୀୟ ଅଙ୍ଗନବାଡି, ଏଏନଏମ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଗର୍ଭବତୀ ମହିଳାଙ୍କୁ ଆଗୁଆ ମାଁ ଗୃହକୁ ସ୍ଥାନାନ୍ତର କୋରାଇଛନ୍ତି । ଆଜି ବୈପାରୀଗୁଡା ମାଆ ଗୃହରେ ମୋଟ ୧୩ ଜଣ ଗର୍ଭବତୀ ପହଞ୍ଚିଛନ୍ତି । ଗର୍ଭବତୀ ମାଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପ୍ରତି ମାଆ ଗୃହ ଷ୍ଟାପ ସୁନିତା ପାଙ୍ଗି,ମିନା ହନ୍ତାଳ, ରାଧା ହନ୍ତାଳ, ରଶ୍ମି ହନ୍ତାଳ ପ୍ରମୁଖ ନଜର ରଖିଛନ୍ତି କ୍ଷ କୌଣସି ଜରୁରୀ କାଳୀନ ପରିସ୍ଥିତି ରେ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନିଆଯିବ ବୋଲି କହିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି ବୋଲି ଜଣାପଡ଼ିଛି ।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ, ଜଣେ ଆହତ

କୋରାପୁଟ,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର କେନାଲ ରାସ୍ତାରେ ପୋଲରେ ବିଦ୍ୟୁତ ତାର ସଂଯୋଗ କରୁଥିବା ଜଣେ କାର୍ଯ୍ୟରତ ଶ୍ରମିକର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି । ମୃତକ କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ହାଟସୁକୁ ଗ୍ରାମର ବିରେନ ଖେମୁଣ୍ଡୁ (୨୨) । ସୂଚନା ଅନୁଯାୟୀ, ହାଟସୁକୁ ଗ୍ରାମର ଶ୍ରମିକ ମୃତ ବୀରେନ ଠିକାଦାରଙ୍କ ସହିତ ଅନ୍ୟ ଦୁଇ ଜଣ ଶ୍ରମିକ ମୋଟ ତିନି ଜଣଙ୍କୁ କାମ କରିବା ପାଇଁ ଗାନ୍ଧି ଛକ କେନାଲ ପାଶ୍ୱର୍ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ କାମ କରିବାକୁ ଡାକି ନେଇଥିଲେ । କାମ କରୁଥିବା ସମୟରେ ଦୁଇ ଜଣ ଶ୍ରମିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ଘଟଣାସ୍ଥଳରେ ଶ୍ରମିକ ବିରେନ ଚେତାଶୂନ୍ୟ ହୋଇଥିଲେ ଏବଂ ଅନ୍ୟ ଜଣେ ଶ୍ରମିକ ବୈପାରୀଗୁଡା ଅଞ୍ଚଳର ରାମ ପାଙ୍ଗୀ ଗୁରୁତର ଆହତ ହୋଇଥିଲେ । ତୁରନ୍ତ ଚିକିତ୍ସାଳୟକୁ ସୂଚନା ଦେବା ପରେ ଆମ୍ବୁଲେନ୍ସ ଯୋଗେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ବୀରେନକୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ଆହତ ଅବସ୍ଥା ସଙ୍କଟାପନ୍ନ ରହିଥିବା ଯୋଗୁଁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାରେ ପରିବାର ବର୍ଗ ଏବଂ ଜୟପୁର ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ପ୍ରବୀର ମହାନ୍ତି ଓ ଶ୍ରମିକ ନେତା ଉଦୟ ମିଶ୍ରାଙ୍କ ଉପସ୍ଥିତିରେ ମୃତ୍ୟୁ ବ୍ୟକ୍ତିଙ୍କ କ୍ଷତି ପୂରଣ ଦେବା ପାଇଁ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ତଦନ୍ତ କରିବା ସହ ମୃତ ଓ ଆହାତଙ୍କ ପରିବାରକୁ ବୁଝାସୁଝା କରିଛନ୍ତି । ଘଟଣାରେ ପରିବାର ବର୍ଗ ଭରଣ ପୋଷଣ ପାଇଁ ଠିକାଦାରଙ୍କୁ ଆର୍ଥିକ ସହାୟତା ପାଇଁଦାବି କରାଯାଇଥିବା ବେଳେ ଶ୍ରମିକ ସଂଘର ମଧ୍ୟସ୍ଥତାରେ ଆଲୋଚନା ଜାରି ରହିଥିଲା ।

# ସଜାଗ ରହିଛି ନନ୍ଦପୁର ପ୍ରଶାସନ

ନନ୍ଦପୁର,୨୮ ।୧୦ (ସମିସ): ବାତ୍ୟାର ମୁକାବିଲା ନେଇ ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଥିବା ବେଳେ ନନ୍ଦପୁର ଉପଖଣ୍ଡରେ ଆଜି ଦିନ ତମାମ ହାଲୁକା ପବନ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି । ମିଳିଥିବା ଖବର ଅନୁସାରେ ପାଠଲୁଂ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସରଗୁଡ଼ାର ସାନିଆ



ଖିଲଙ୍କ ଘର ଉପରେ ଗଛ ପଡ଼ି ଘର ଭାଙ୍ଗିଥିବା ବେଳେ ରାଣୀଡୁଡୁମା ରାସ୍ତା ଉପରେ ଗଛ ପଡ଼ି ସରବତି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି । ତେବେ ଖବର ପାଇ ସାମାଜିକ କର୍ମୀ ମୁନା ଦଳପତି ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ପହଞ୍ଚି ଗଛ କାଟି ରାସ୍ତା ସ୍ୱାଭାବିକ କରିଛନ୍ତି । ସେପଟେ ବିଭିନ୍ନ ଆଶ୍ରୟ ସ୍ଥଳୀ ସହ କଣ୍ଟ୍ରୋଲ ରୁମ୍‌ରୁ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ଓ ତାହସିଲଦାର ଦେବବ୍ରତ ମହାରଣା ୨୩ ପଞ୍ଚାୟତ ଉପରେ ନଜର ରଖି ପ୍ରତିଟି ମୁହୂର୍ତ୍ତର ଖବର ଉପରେ ନଜର ରଖିଛନ୍ତି । ପ୍ରାପ୍ତ ଖବର ଅନୁସାରେ ନନ୍ଦପୁର ଥାନା ଅଧୀନସ୍ଥ ଗୁଣ୍ଡାପୁଟ ପଞ୍ଚାୟତ ମଞ୍ଜୁଗୁଡ଼ା ଗ୍ରାମର ବଳରାମ ଗୁଣ୍ଡାଙ୍କ ଘର ଉପରେ ଏକ ସେମିଲି ଗଛ ପଡ଼ି ତାଙ୍କ ଝିଙ୍କର ଘର ବିଶେଷ କ୍ଷତିଗ୍ରସ୍ତ ହୋଇଛି ।

## ସର୍ବୋଚ୍ଚସ୍ତରରେ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର

# କୌଣସି ସମୟରେ ଖୋଲିପାରେ ଫାଟକ

ତେନ୍ତୁଳିଖୁଣ୍ଟି,୨୮।୧୦(ସମିସ): ବିପଦ ସଂକେତ ନିକଟତର ଅର୍ଥାତ୍ ୬୪୦.୯୦ ମିଟରରେ ପହଞ୍ଚିଛି ଇନ୍ଦ୍ରାବତୀ ଜଳଭଣ୍ଡାର । ବାତ୍ୟା ପାଇଁ ରେଡ ଆଲର୍ଟ ଯୋଗୁ ଯେକୌଣସି ମୁହୂର୍ତ୍ତରେ ଜଳଭଣ୍ଡାର ଫାଟକ ଖୋଲିବାକୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକବାଜି ଯନ୍ତ୍ର ମଧ୍ୟମରେ ଘୋଷଣା କରାଯାଇଛି । ଆଜି ମଧ୍ୟ ରାତ୍ର ସୁଦ୍ଧା ଯଦି ଜଳଭଣ୍ଡାର ଜଳପତ୍ତନ ଯଦି ୬୪୧.୩୦ ମିଟର ଅତିକ୍ରମ କରିବ ତେବେ ଜଳଭଣ୍ଡାର ଫାଟକ ଖୋଲିବାକୁ ଇନ୍ଦ୍ରାବତୀ ପ୍ରକଳ୍ପ ଅତିରିକ୍ତ ମୂଖ୍ୟ ଯନ୍ତ୍ରୀ ଇଂ ନରେଶ କୁମାର ପାତ୍ର ସୂଚନା ଦେଇଛନ୍ତି । ଆଜି ସନ୍ଧ୍ୟା ୬ ଘଟିକା ସୁଧା ଜଳଭଣ୍ଡାର ଜଳପତ୍ତନ ୬୪୦.୯୦ ମିଟର ରେ ପହଞ୍ଚିଥିବା ସୂଚନା ମିଳିଛି । ୨୦୧୮ ମସିହା ଅଗଷ୍ଟ ୧୬ ତାରିଖରେ ଜଳପତ୍ତନ ୬୪୦ ମିଟର ହୋଇଥିବାବେଳେ ତତ୍କାଳୀନ ଜିଲ୍ଲାପାଳ ଡ଼ଃ ଅଜିତ କୁମାର ମିଶ୍ର ଓ ତତ୍କାଳୀନ ମୂଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସାମନ୍ତ ଶେଖର ଧଳ ସାମନ୍ତଙ୍କ ଉପସ୍ଥିତିରେ ଶେଷ ଥର ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରର ୫ ଟି ଫାଟକ ଓ ମୁରାନ ଜଳଭଣ୍ଡାରର ୨ ଟି ଫାଟକ ୧୧ ଦିନ ଧରି ଖୋଲାଯାଇଥିଲା । ତେବେ ଦୀର୍ଘ ୭ ବର୍ଷ ଧରି ଫାଟକ ଖୋଲା ଯାଇ ନଥିବାରୁ ନଦୀ ଗର୍ଭରେ ବିରାଟ ଗର୍ତ୍ତ ସୃଷ୍ଟି ହେବା ସହ ସ୍ଥିର ଜଳରାଶି ଯୋଗୁ ନଦୀ ଜଳ ବ୍ୟବହାର କରି ନଦିକୁଳ ବାସିନ୍ଦା ଚର୍ମ ରୋଗରେ ପଡୁଥିବା ଅଭିଯୋଗ ହୋଇଛି ।



ଅପର ପକ୍ଷରେ ବୃହତ ଇନ୍ଦ୍ରାବତୀ ଜଳବିଦ୍ୟୁତ କେନ୍ଦ୍ର ରେ ୪ ଟି ଟରବାଇନ ମଧ୍ୟମରେ ନିଗମ କର୍ତ୍ତୃପକ୍ଷ ୬୦୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ କରି ଦୈନିକ ପ୍ରାୟ ୩ କୋଟି ଟଙ୍କା ରାଜସ୍ୱ ଉପାର୍ଜନ କରୁଥିବାରୁ କୌଣସି ପରିସ୍ଥିତିରେ ଜଳପତ୍ତନ ୬୪୧.୫୦ ମିଟର ଅତିକ୍ରମ କଲେହିଁ ଫାଟକ ଖୋଲିବାକୁ ପୋଡ଼ାଗଡ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ନେଲସନ୍ ତାଡିଙ୍ଗ ସୂଚନା ଦେଇଛନ୍ତି । ତେବେ ଆବଶ୍ୟକ ମରାମତି ଅଭାବରୁ ଇନ୍ଦ୍ରାବତୀ ଓ ମୁରାନ ଜଳଭଣ୍ଡାର ର ସମୁଦାୟ ୧୨ ଟି ଫାଟକ ମଧ୍ୟରୁ ୫ ଟି ଫାଟକ ପାଶ୍ୱର୍ ରବର ସିଲ ଫାଙ୍କ ଦେଇ ପର୍ଯ୍ୟାପ୍ତ ଜଳ ନଦୀ ଗର୍ଭରେ ବହି ଯାଉଥିଲେ ହେଁ ପ୍ରକଳ୍ପ ପ୍ରଶାସନର ନୀରବତା ସଭିଙ୍କୁ ଚକିତ କରିଛି । ଇନ୍ଦ୍ରାବତୀ ପ୍ରକଳ୍ପ ମୂଖ୍ୟ ଯନ୍ତ୍ରୀ ଇଂ ଯୁଗଳ କିଶୋର ଖଟୁଆ ଚଳିତ ଅକ୍ଟୋବର ମାସ ୭ ତାରିଖରେ ଥରୁଟିଏ ଇନ୍ଦ୍ରାବତୀ ଗସ୍ତରେ ଆସି ଫେରିଛନ୍ତି । ଅଧିକାଂଶ ସମୟ ବାରିଣିପୁଟ ଜୟପୁରରେ ଅବସ୍ଥାନ କରୁଥିବା ବେଳେ. ବନ୍ଧ ରାକ୍ଷଣାବେକ୍ଷଣ ପାଇଁ ଆଦୌ ଦୃଷ୍ଟି ଦେଉନଥିବାରୁ ବନ୍ଧର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି । ସାମୁଦ୍ରିକ ଘୂର୍ଣ୍ଣିଝଡ଼ "ମୋନ୍ଥା" ପ୍ରଭାବରେ ସମଗ୍ର ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ ଅଂଚଳ ଭାବେ ଭାରତୀୟ ପାଣିପାଗ ବିଭାଗ ଘୋଷଣା କରିଛି । ଏହା ପ୍ରଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ସୃଷ୍ଟି ହୋଇଛି । ତେବେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳଭଣ୍ଡାର ଫାଟକ ଖୋଲିବା ନିଷ୍ପତ୍ତି ତ୍ରିଶଙ୍କୁ ଅବସ୍ଥାରେ ଥିବାରୁ ଏକ ପ୍ରକାର ବିପଦ ଆଶଙ୍କା ସୃଷ୍ଟି ହୋଇଛି । ଇନ୍ଦ୍ରାବତୀ ପ୍ରକଳ୍ପ ମୂଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନରେଶ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ଇଂ ନେଲସନ୍ ତାଡିଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସରୋଜ କାନ୍ତ ଦାସ, ଇଂ ଶ୍ରୀକାନ୍ତ କୁମାର ସାହୁ ,ଇଂ ଚିନ୍ମୟ ରାଉତରାୟ, ଇଂ ଏସ୍ ଚିଦାନନ୍ଦ, ଇଂ ଅମର କୁମାର ସେଠୀଙ୍କ ସମେତ ଅନ୍ୟମାନେ ଆଜି ରାତି ତମାମ ବୃହତ୍ ଇନ୍ଦ୍ରାବତୀ ଜଳଭଣ୍ଡାରର ସ୍ପର୍ଶକାତର ଅଞ୍ଚଳରେ ସତର୍କ ରହିବେ ବୋଲି ସୂଚନା ମିଳିଛି ।

# ହୃଦରୋଗ ପରୀକ୍ଷଣ ଶିବିର

ଜୟପୁର,୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରିୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜିଲ୍ଲା ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ପରିସରରେ ଆଜି ହୃଦରୋଗ ସମ୍ବନ୍ଧୀୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୪ଟି ବ୍ଲକରୁ




ଆସିଥିବା ୧୦୦ ଜଣ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ହୃଦ ରୋଗ ସମ୍ବନ୍ଧୀୟ ଚିକିତ୍ସା ପାଇଁ ପରୀକ୍ଷଣ କରାଯାଇଥିଲା । ଏହି ଶିବିରରେ ବିଶାଖାପାଟଣା ସ୍ଥିତ ଚୁକ୍ତିନାମା ହୋଇଥିବା ଘରୋଇ ଚିକିତ୍ସାଳୟ ମେଡିକଭର ବିଶାଖାପାଟଣା ଚିକିତ୍ସାଳୟର ଶିଶୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ରାଜୁ ଇକୋ ଯାଞ୍ଚ କରିବା ସହିତ ସମସ୍ତ ହୃଦୟ ସମ୍ବନ୍ଧୀୟ ପରୀକ୍ଷା କରିଥିଲେ । ମୋଟ ୧୦୦ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୪୪ଜଣ ଶିଶୁ ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ ମେଡିକଭର ଚିକିତ୍ସାଳୟକୁ ପଠାଯିବ ବୋଲି ରାଷ୍ଟ୍ରିୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପୀ ପ୍ରକାଶ କରିଛନ୍ତି । ଏହି ଶିବିରରେ ଜିଲ୍ଲା ଚିକିତ୍ସାଳୟର ଅଧିକ୍ଷକ ଡା.ଦିଲ୍ଲିପ କୁମାର ବିଶ୍ୱାଳ, ଶିଶୁ ବିଶେଷଜ୍ଞ ଡା. ଦୁର୍ଗା ପ୍ରସାଦ ପାତ୍ର ଏବଂ ଚିକିତ୍ସାଳୟ ମ୍ୟାନେଜର ରୁପସୀ ମଧୁମିତା ନାୟକ ଓ ତଥାଗତ ଦାସ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସହଳ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପୁଲିସ ଏଏସ୍‌ଆଇ

କୋରାପୁଟ, ୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ବି.ସିଙ୍ଗପୁର ଥାନା ଏଏସ୍‌ଆଇ ନରସିଂହ ଦୋରା ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଏକ ଘରୋଇ ଗଣ୍ଡଗୋଳ ମାମଲାକୁ କୋହଳ କରିବା ପାଇଁ ସେ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି । ତାଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର ଦୁଇଟି ସ୍ଥାନରେ ଚଢ଼ଉ କରିଛି । ଅପରପକ୍ଷେ, ଏହି ଘଟଣାରେ ମଧ୍ୟସ୍ଥି ଭୂମିକା

**ମଧ୍ୟସ୍ଥି ବି ଧରାପଡ଼ିଲା**

ନେଇ ଅନ୍ୟ ଜଣେ ଗ୍ରାମବାସୀ ମଧ୍ୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ହେଲେ, ସ୍ଥାନୀୟ ଗ୍ରାମବାସୀ ତଥା ଚା' ଦୋକାନୀ ସୁନାଧର ଅମନାତ୍ୟ । ସୂଚନାନୁଯାୟୀ, କୁମୁଲି ଗ୍ରାମର ଏକ ଘରୋଇ ଗଣ୍ଡଗୋଳକୁ ନେଇ ବି.ସିଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ତଦନ୍ତ ଅଧିକାରୀ ଥିଲେ ଏଏସ୍‌ଆଇ ନରସିଂହ ଦୋରା । ୪୦ ହଜାର ଟଙ୍କା ଲାଞ୍ଚ ନ ଦେଲେ ଏହି ମାମଲାରେ ସେ ଅଭିଯୁକ୍ତଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଥିଲେ । ଲାଞ୍ଚ ଟଙ୍କା ଦେଲେ ମାମଲାକୁ କୋହଳ କରିବେ ବୋଲି କହିଥିଲେ । ଏଥିରେ ସୁନାଧର ମଧ୍ୟସ୍ଥି ସାଜିଥିଲେ । ତାଙ୍କ ଜରିଆରେ ଉକ୍ତ ଟଙ୍କା କାରବାର ହୋଇଥା'ନ୍ତା । ତେବେ ଏ ସଂପର୍କରେ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଏଏସ୍‌ଆଇ ଶ୍ରୀ ଦୋରାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା ।

# ବଜ୍ରପାତରେ ଜଳିଗଲା ଦୁଇ ବଖରା ଘର

ଗରଦପୁର,୨୮ ।୧୦(ସମିସ): ବଜ୍ରପାତରେ ଜଳିଗଲା ଦୁଇ ବଖରା ଘର । କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ମିଶର ନରସିଂହପୁର ଗ୍ରାମରେ ଆଜି ଏହି ଅଘଟଣ ଘଟିଛି । କୁନିଲତା ସାହୁ ଓ ବାପିନା ସାହୁଙ୍କଙ୍କ ଘର ବଜ୍ରପାତରେ ପୋଡ଼ି ପାଉଁଶ ହୋଇଯାଇଛି । ଏହାସହ ଉକ୍ତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି । ଘରଲୋକଙ୍କ କହିବା ଅନୁସାରେ, ଅଚାନକ ଘରେ ଅଗ୍ନିକାଣ୍ଡ ହୋଇଥିଲା । ଅଗ୍ନିକାଣ୍ଡର ମାତ୍ରା ଏତେ ଅଧିକ ଥିଲା ଯେ ଘର ଭିତରୁ କୌଣସି ସାମଗ୍ରୀ ବାହାରକୁ ଆଣିପାରିନଥିଲୁ । ସୌଭାଗ୍ୟବଶତଃ ପରିବାରର କୌଣସି ସଦସ୍ୟଙ୍କ କିଛି କ୍ଷତି ହୋଇନାହିଁ । ଗ୍ରାମବାସୀ ବହୁ ଚେଷ୍ଟା କରି ନିଆଁ ଲିଭାଇବାରେ କିଛି ମାତ୍ରାରେ ସଫଳ ହୋଇଥିଲେ । ପରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । କିନ୍ତୁ ସେତେବେଳକୁ ବହୁ ଦରକାରୀ କାଗଜପତ୍ର ଓ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିଲା । ତହସିଲଦାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି ।

■ ପୁଅର ମୃତ୍ୟୁ ଖବର ଶୁଣି ଆଖିବୁଜିଲା ମା'

# ଏକାଠି ଜଳିଲା ମା'-ପୁଅଙ୍କ ଜୁଇ

ଦୋବଲ, ୨୮ ।୧୦(ସମିସ): ପୁଅର ମୃତ୍ୟୁ ଖବର ଶୁଣି ଜୀବନ ହାରିଲା ମା' । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତ କୋରକଦା ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି । ମୃତ ମା'-ପୁଅ ହେଲେ, ଗ୍ରାମର ଶ୍ରୀଧର ତ୍ରିପାଠୀଙ୍କ ପତ୍ନୀରା ତ୍ରିପାଠୀ ଓ ତାଙ୍କ ପୁଅ ସତ୍ୟରଞ୍ଜନ ତ୍ରିପାଠୀ (୩୫) । ସୂଚନାନୁଯାୟୀ, ସତ୍ୟରଞ୍ଜନ ଦୀର୍ଘ ଦିନ ହେଲା କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ । ଦୁଇଟିଯାକ କିଡ୍‌ନୀ ତାଙ୍କର ଫେଲ୍ ହୋଇଯାଇଥିଲା । ତେଣୁ, ମୀରା ନିଜର ଗୋଟିଏ କିଡ୍‌ନୀ ଦେଇ ପୁଅର ଜୀବନ ବଞ୍ଚାଇଥିଲେ । ଏହା ସତ୍ତ୍ୱେ ସତ୍ୟରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁନଥିଲା । ମଙ୍ଗଳବାର ସକାଳେ ସତ୍ୟରଞ୍ଜନଙ୍କ ଅବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା । ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ପରିବାରଲୋକ ଚିକିତ୍ସା ଲାଗି ତାଙ୍କୁ କଟକ ନେଉଥିଲେ । କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏପଟେ, ପୁଅର ଅବେଳାରେ ମୃତ୍ୟୁ ଖବର ମୀରାଙ୍କୁ ଏତେ ଆଘାତ ଦେଇଥିଲା ଯେ ତାଙ୍କର ବି ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା । ଯାଜପୁର ଜିଲ୍ଲା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ଉଭୟଙ୍କ ଶେଷକୃତ୍ୟ କରାଯାଇଛି । ପାଖାପାଖି ଦୁହିଁଙ୍କ ଜିଇ ଜଳିଥିଲା । ସତ୍ୟରଞ୍ଜନ ଜଣେ ମେଳାପୀ, ଶାନ୍ତଶିଷ୍ଟ, ଭଦ୍ର, ନମ୍ର ଓ ଆଖଣ୍ଡଳମଣିଙ୍କ ସେବାୟତ ଭାବେ ବେଶ୍ ପରିଚିତ ଥିଲେ । ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# ସୁଧୁରୁଛି ପଦ୍ମିନୀଙ୍କ ସ୍ୱାସ୍ଥ୍ୟାବସ୍ଥା

କୋରାପୁଟ, ୨୮ ।୧୦ (ସମିସ): ଖାଦ୍ୟ ବିଷକ୍ରିୟା ଯୋଗୁଁ ଗୁରୁତର ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ପୂର୍ବତନ ମନ୍ତ୍ରୀ ତଥା କୋଟପାଡ଼ର ପୂର୍ବତନ ବିଧାୟିକା ପଦ୍ମିନୀ ଦିଆନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି । ତାଙ୍କର ରକ୍ତଚାପ ଓ ସୁଗାର ଲେବଲ୍ ସଠିକ୍ ଥିବା ବେଳେ ସେ ସୁସ୍ଥ ଅନୁଭବ କରୁଥିବା ଜଣାପଡ଼ିଛି । ବୁଧବାର ଦିନ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇପାରେ ବୋଲି ମେଡିକାଲ ସୂତ୍ରରୁ ସୂଚନା ମିଳିଛି । ଏହାବ୍ୟତୀତ ମେଡିକାଲରେ ଚିକିତ୍ସାଧୀନ ପଦ୍ମିନୀଙ୍କ ନଣନ୍ଦ ରମାବତୀ ଦିଆନ ଏବଂ ଅନ୍ୟ ଜଣେ ପଡ଼ୋଶୀଙ୍କ ମଧ୍ୟ ଚିକିତ୍ସା ଚାଲିଛି । ସୂଚନାଯୋଗ୍ୟ, ଆମଟ ନାମକ ପାରମ୍ପରିକ ଖାଦ୍ୟ ଖାଇ ପଦ୍ମିନୀଙ୍କ ସମେତ ୪ଜଣ ସୋମବାର ଗୁରୁତର ହୋଇଥିଲେ । ପ୍ରଥମେ ସମସ୍ତଙ୍କୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଜୟପୁର ଜିଲ୍ଲା ଚିକିତ୍ସାଳୟ ଏବଂ ଗୁରୁତର ହେବାରୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । କୋରାପୁଟ ମେଡିକାଲକୁ ଆସିବା ପୂର୍ବରୁ ପଦ୍ମିନୀଙ୍କ ସମ୍ପର୍କୀୟ ଝିଆରୀଙ୍କର ମୃତ୍ୟୁ ଘଟିଥିଲା ।


■ ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ମାମଲା

# ସିଡି ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, ୨୮ ।୧୦ (ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାର କେସ ଡାଏରି(ସିଡି)କୁ କ୍ରାଇମବ୍ରାଞ୍ଚ ଆଜି ଭିଜିଲାନ୍ସ କୋର୍ଟରେ ଦାଖଲ କରିଛି । ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୫ ଜଣଙ୍କ ପାଇଁ ୪୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ପୃଥକ୍ ପୃଥକ୍ ଭାବେ ଜାମିନ ଆବେଦନ କରିଥିଲେ । ମଙ୍ଗଳବାର ଅଭିଯୁକ୍ତଙ୍କ ଜାମିନ ଶୁଣାଣି ସମ୍ପନ୍ନ ହୋଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିଥିବାରୁ ରାୟ ସଂରକ୍ଷିତ ରହିଛି । ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ମୋଟ ୧୨୩ଜଣ ଗିରଫ ହୋଇ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ବିଚାରଧୀନ କଏଦୀ ଭାବେ ରହିଛନ୍ତି । ରାୟ ପ୍ରକାଶ ପାଇବା ପରେ ଜାମିନ ମଞ୍ଜୁରୀ ହୋଇଛି କି ନାହିଁ, ତାହା ସ୍ପଷ୍ଟ ହେବ । ଜାମିନ ଆଶାରେ ଗିରଫ ଚାକିରି ଆଶାୟୀଙ୍କ ପରିବାରବର୍ଗ ଦୂରଦୂରାନ୍ତରୁ ଆସିଥିବା ଦେଖିବାକୁ ମିଳିଥିଲା ।

# ଦୁଇ ମାଓନେତାଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮ ।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ପୁଲିସ ନିକଟରେ ମାଓ ସଂଗଠନର ଦୁଇ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।



ସେମାନେ ହେଲେ, ତେଲେଙ୍ଗାନା ମାଓ ସଂଗଠନର ସେଣ୍ଟ୍ରାଲ କମିଟି ମେମ୍ବର ପୁଲୁରି ପ୍ରସାଦ ରାଓ ଓରଫ୍ ଚନ୍ଦ୍ରନ୍ନା ଏବଂ ଷ୍ଟେଟ୍ କମିଟି ମେମ୍ବର ବାଣ୍ଡି ପ୍ରକାଶ ଓରଫ ପ୍ରଭାତ । ପୁଲୁରି ଗତ ୪୫ବର୍ଷ ଧରି ମାଓ ସଂଗଠନ ସହ ଜଡ଼ିତ ଥିଲେ । ଅନେକ ବଡ଼ବଡ଼ ହିଂସାକାଣ୍ଡର ସେ ମାଷ୍ଟରମାଇଣ୍ଡ ଥିଲେ । ସେହିପରି ପ୍ରଭାତ ମଧ୍ୟ ପ୍ରାୟ ୪୦ବର୍ଷ ଧରି ମାଓ ସଙ୍ଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ । ଉଭୟଙ୍କ ମୁଣ୍ଡ ଉପରେ ଦେଢ଼କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା । ଏମାନଙ୍କ ସମର୍ପଣ ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି ।

**ପୁଣି ବିଜେପି ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ**

# ସିଇଓଙ୍କୁ ଭେଟିଲା ବିଜେଡି ପ୍ରତିନିଧିଦଳ

ଭୁବନେଶ୍ୱର,୨୮ ।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ଶାସକ ବିଜେପି ବାରମ୍ବାର ନିର୍ବାଚନ ଆଚରଣ ସଂହିତା ଉଲ୍ଲଂଘନ କରୁଛି । ଏପରିକି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସିଆରପି ଓ ମିଶନ ଶକ୍ତି କର୍ମୀ(ଜୀବିକା ମିଶନ)ଙ୍କୁ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ଆଣିଛି ବିଜେଡି । ଦଳର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏନେଇ ଅଭିଯୋଗ କରିଛି ।



■ ଦଳୀୟ ପ୍ରଚାରରେ ସିଆରପି, ମିଶନ ଶକ୍ତି କର୍ମୀଙ୍କୁ ନିୟୋଜିତ କରାଯାଉଛି
■ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି
■ ମିଶନ ଶକ୍ତି କର୍ମୀଙ୍କ ଉପରେ ନଜର ରଖନ୍ତୁ ଜିଲ୍ଲା ନିର୍ବାଚନ ଅଧିକାରୀ

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ଗତ ୨୫ ତାରିଖରେ ଏକ ସଭାରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ରାଜନୈତିକ ସଭାମଞ୍ଚରେ ପଡ଼ୋଶୀ ବଲାଙ୍ଗୀର ସଦର ବ୍ଲକର ଲକି ହୋତା ନାମକ ଜଣେ ସିଆରପିଙ୍କୁ ଦେଖିବାକୁ ମିଳିଥିଲା । କେବଳ ଏତିକି ନୁହେଁ ଏକ ଅଡିଓ କ୍ଲିପରେ ଶ୍ରୀମତି ହୋତା ଅନ୍ୟ ସିଆରପିମାନଙ୍କୁ ବିଜେପି ନିର୍ବାଚନ ପ୍ରଚାରରେ ସହଯୋଗ କରିବାକୁ କହୁଥିବା ସ୍ପଷ୍ଟ ଶୁଣାଯାଉଛି । ସିଆରପି ଏବଂ ମିଶନ ଶକ୍ତି କର୍ମୀମାନେ ସରକାରୀ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟ କରିଥାନ୍ତି । ତେଣୁ ସେମାନେ କୌଣସି ରାଜନୈତିକ କାର୍ଯ୍ୟକଳାପ କିମ୍ବା ନିର୍ବାଚନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ । ମାତ୍ର ଶ୍ରୀମତି ହୋତାଙ୍କ ଏପରି କାର୍ଯ୍ୟକଳାପ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି । ବିଶେଷକରି ସରକାରୀ କଳର ଦୁରୁପଯୋଗ ସହ ରାଜନୈତିକ କାର୍ଯ୍ୟକଳାପରେ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମୀଙ୍କ ଯୋଗଦାନ ମୁକ୍ତ ଓ ଅବାଧ ନିର୍ବାଚନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ନିରପେକ୍ଷ ଯାଞ୍ଚ କରାଯାଉ । ପୂରା ଘଟଣାରେ ସିଆରପି, ମିଶନ ଶକ୍ତି କର୍ମୀ ଏବଂ ହିତାଧିକାରୀଙ୍କର ରାଜନୈତିକ ପ୍ରଚାରରେ ସମ୍ପୃକ୍ତି ନେଇ ତଦନ୍ତ କରାଯିବା ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସିଆରପି ଲକି ହୋତା ଏବଂ ଅନ୍ୟମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି । ଏହାସହ କୌଣସି ନିର୍ବାଚନୀ କାର୍ଯ୍ୟରେ ଯେପରି ସରକାରୀ ଅନୁବନ୍ଧିତ କର୍ମଚାରୀ କିମ୍ବା ହିତାଧିକାରୀ ଭାଗ ନେଇନପାରନ୍ତି, ତାହା ସୁନିଶ୍ଚିତ କରାଯାଉ । ଜିଲ୍ଲା ନିର୍ବାଚନ ଅଧିକାରୀ ମିଶନ ଶକ୍ତି କର୍ମୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଛି । ଏହି ଅବସରରେ ଅଂଶୁ ତ୍ରିପାଠୀ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଗୀତାଞ୍ଜଳି ପ୍ରଧାନ, ଇଲା ସ୍ୱାଇଁ, ତ୍ରମ୍ବନାଥ ପଣ୍ଡା ଓ ମିହିର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିକୁ ଭରସା ଛତିଶଗଡ଼ ନେତା: କଂଗ୍ରେସ

ଭୁବନେଶ୍ୱର,୨୮ ।୧୦(ସମିସ): ବିଜେଡିରେ ଥିବା ସ୍ୱର୍ଗତ ରାଜୁ ଢୋଲକିଆଙ୍କ ପୁଅଙ୍କୁ ବିଜେପି ପ୍ରାର୍ଥୀ କରିଥିବାରୁ ବିଜେପି ଦଳରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ କର୍ମୀ ସହଯୋଗ କରୁନାହାନ୍ତି । ସେଥିପାଇଁ ନୂଆପଡ଼ାରେ ଜନସମାଗମ ନ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ସଭା ଭଣ୍ଡୁର ହୋଇଥିଲା । ସ୍ଥାନୀୟ କର୍ମୀଙ୍କ ନିରୁତ୍ସାହ ବିଜେପି ପାଇଁ ଛତିଶଗଡ ନେତାଙ୍କୁ ଆସି ପ୍ରଚାର କରିବାକୁ ପଡୁଛି ବୋଲି କଂଗ୍ରେସ କହିଛି । କଂଗ୍ରେସ ଭବନଠାରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କଂଗ୍ରେସର ପ୍ରଚାରରେ ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ରହି ପ୍ରଚାର ଦାୟିତ୍ୱ ନେଇଛନ୍ତି । ସେ ସେଠାକାର ସ୍ଥାନୀୟ ନେତା ଏବଂ ତାଙ୍କ ଅମଳରେ ନୂଆପଡା ବିକାଶର ସ୍ୱାଦ ଚାଖିଥିଲା । କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଜଣେ ଆଦିବାସୀ ଏବଂ ସର୍ବମାନ୍ୟ ନେତା । ଗତ ନିର୍ବାଚନରେ ସେ ସ୍ୱାଧୀନ ଭାବରେ ଲଢ଼ି ୫୧ ହଜାର ଭୋଟସହ ଦ୍ୱିତୀୟ ସ୍ଥାନରେ ଥିଲେ । ଜିଲ୍ଲାରେ ମୋଟ ୪୦ ପ୍ରତିଶତ ଆଦିବାସୀ ଥିବାବେଳେ କେବଳ କଂଗ୍ରେସ ଦଳ ରାହୁଲ ଗାନ୍ଧୀଙ୍କ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ବଦ୍ଧପରିକର ଓ ଏଥିପାଇଁ ଜଣେ ଆଦିବାସୀ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଟିକେଟ ଦେଇଛି ।

୩୦୦ ୟୁନିଟ ବିଜୁଳି ଛାଡ଼, ବାର୍ଦ୍ଧକ୍ୟ ଭତ୍ତା, ସୁଭଦ୍ରା ଯୋଜନା ନାମରେ ବିଜେପି ପ୍ରତାରଣା କରିଛି । ତେଣୁ ଭୋଟରଙ୍କ ପାଖକୁ କଣ ପ୍ରସଙ୍ଗ ନେଇ ଯିବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଅବିଭକ୍ତ କଳାହାଣ୍ଡି ଜିଲ୍ଲା ୧୯୬୬ ମସିହା ବେଳକୁ ଏକ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳ ଥିଲା । ସେଠାକୁ ଇନ୍ଦିରା ଗାନ୍ଧୀଙ୍କ ସମେତ ସମସ୍ତ ଦଳର ନେତା, ସମାଜସେବୀ, ବିଦେଶୀ ସାମ୍ବାଦିକ ପରିଦର୍ଶନ କରୁଥିଲେ । କଳାହାଣ୍ଡି, ବଲାଙ୍ଗିର କୋରାପୁଟକୁ କେବିକେ ଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜର ଆରମ୍ଭ, ଇନ୍ଦ୍ରାବତୀ ଓ ପତୋରା ଭଳି ବୃହତ ଜଳସେଚନ ଭିତ୍ତିକ ଡ୍ୟାମ କରାଯାଇଥିଲା । ଫଳରେ ଆଜି ମରୁଡି ଅଞ୍ଚଳ ଶସ୍ୟ ଶ୍ୟାମଳା ହୋଇଛି । ୟୁପିଏ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବିଜୁଳୀ ଓ ରାସ୍ତାଘାଟକୁ ପ୍ରାଧାନ୍ୟ ଦିଆଯାଇ ଅନେକ ବିକାଶମୂଳକ କାମ କରାଯାଇଛି । ତେଣୁ ଏଠାରେ କଂଗ୍ରେସର ବିଜୟ ହେବ । କୌଣସି ଚୋରୀ କିମ୍ବା ଅପପ୍ରଚାର କାମ ଦେବନାହିଁ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

**ମଙ୍ଗୁଳିରୁ ୩୧ ଲକ୍ଷର ବ୍ରାଉନ୍‌ସୁଗର ଜବତ**

# ଯାଜପୁରର ୨ ନିଶା ବେପାରୀ ଗିରଫ

କଟକ,୨୮ ।୭ (ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ କଟକ ମଙ୍ଗୁଳି ଛକ ନିକଟରେ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିଛି । ଏହି ଘଟଣାରେ ୨ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଦ୍ୱୟ ହେଲେ, ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ଚମ୍ପାପୁର ଅଞ୍ଚଳର ବାସୁଦେବ ଦାସ (୨୩) ଏବଂ ସରୋଜ କୁମାର ରାଉତ (୨୪) । ସେମାନଙ୍କ ନିକଟରୁ ୨ଟି ମୋବାଇଲ୍ ଫୋନ୍, ଆଧାରକାର୍ଡ ଓ ୩୧୨ ଗ୍ରାମ୍ ବ୍ରାଉନସୁଗର ଜବତ କରାଯାଇଛି । ଜବତ ବ୍ରାଉନସୁଗାରର ମୂଲ୍ୟ ୩୧ଲକ୍ଷ ଟଙ୍କା ହେବ ଅବକାରୀ ବିଭାଗ ସୂଚନା ଦେଇଛି ।



ମଙ୍ଗୁଳି ଛକ ନିକଟରେ ବ୍ରାଉନସୁଗାର ନେଇ ୨ଜଣ ଯୁବକ ଯାଜପୁର ଆଡ଼କୁ ଯାଉଥିବା ଅବକାରୀ ସ୍କ୍ୱାଡ୍‌କୁ ଖବର ମିଳିଥିଲା । ପୂର୍ବରୁ ଏକ ଅବକାରୀ ସ୍କ୍ୱାଡ୍ ମଙ୍ଗୁଳି ଛକ ନିକଟରେ ଛଦ୍ମବେଶରେ ବୁଲାବୁଲି କରୁଥିଲେ । ସରୋଜ ବ୍ୟାଗ୍‌ରେ ୧୮୦ ଗ୍ରାମ୍ ବ୍ରାଉନସୁଗର ରହିଥିଲା । ତାକୁ ମଙ୍ଗୁଳି ଛକରେ ଗିରଫ କରାଯାଇଥିଲା । ହେଲେ ସେଠାରୁ କୌଶଳକ୍ରମେ ଅଭିଯୁକ୍ତ ବାସୁଦେବ ଖସି ଯାଇଥିଲା । ତାକୁ ପିଛା କରି ଅବକାରୀ ବିଭାଗ ସ୍କ୍ୱାଡ୍ ଟାଙ୍ଗୀ ଛକ ନିକଟରେ ପହଞ୍ଚିଥିଲା । ସେଠାରେ ତାକୁ ଅଟକାଇ ଯାଞ୍ଚ କରିବାରୁ ତା'ବ୍ୟାଗରୁ ୧୩୨ଗ୍ରାମ ବ୍ରାଉନସୁଗର ମିଳିଥିଲା । ତେବେ ୨ ଅଭିଯୁକ୍ତ ଗୋଟିଏ ଗାଁର ହୋଇଥିବା ବେଳେ ସେମାନେ ସାଙ୍ଗ ହୋଇ ଆସିଥିଲେ । କିନ୍ତୁ ଫେରିବା ବେଳକୁ ଅଲଗା ହୋଇ ଫେରୁଥିଲେ । ଏ ଖବର ସ୍କ୍ୱାଡ୍ ନିକଟରେ ପହଞ୍ଚିଥିଲା ।

ସୂଚନାଯୋଗ୍ୟ ଗତକାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମର୍କତନଗର ଥାନା ଅନ୍ତର୍ଗତ ଇମାମପଡ଼ା ବସ୍ତି ରାସ୍ତାରୁ ୧୦୪ ଗ୍ରାମ ବ୍ରାଉନସୁଗର ଜବତ କରାଯାଇ ଜଣଙ୍କୁ ଗିରଫ କରାଯାଇଥିଲା । ଜବତ ଗଞ୍ଜେଇର ମୂଲ୍ୟ ୧୦ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି । ତେବେ ଗତ ୬ ମାସ ହେବ କଟକ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗର କାରବାର ବଢ଼ିଥିବା ବେଳେ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରାଯାଉଛି । ଚଢ଼ଉ ଆହୁରି ବ୍ୟାପକ କରିବାକୁ ସାଧାରଣରେ ଦାବୀ ଉଠିଛି ।



ମଞ୍ଚେଶ୍ୱରସ୍ଥିତ ନୂଆ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଛଟ୍ ପୂଜା କାର୍ଯ୍ୟକ୍ରମରେ ମୋହନ ଚରଣ ମାଝୀ

# ପଡ଼ିଲା ଗଛ, ୨୨ଟି ସ୍ଥାନରେ ରାସ୍ତା ଅବରୋଧ

ଭୁବନେଶ୍ୱର,୨୮ ।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଛ ପଡ଼ି ୨୨ଟି ସ୍ଥାନରେ ରାସ୍ତା ଅବରୋଧ ହୋଇଛି । ଗଜପତି ଜିଲ୍ଲାରେ ଗଛ ପଡିବା ସହ ମାଟି ଅତଡା ଖସିଛି । ଗଜପତି ଜିଲ୍ଲାର ଆର ଉଦୟଗିରି, ଗୁମ୍ମା,

■ ଚିକିଟି, ରମ୍ଭା, କାଶୀନଗରରେ ଧସିଲା ଅତଡ଼ା
■ ପୁରୀ ବେଳାଭୂମିରେ ୧୦୦ ହୋମଗାଡର୍ ମୁତୟନ

ମୋହନା ଅଞ୍ଚଳରେ ଗଛ ଉପୁଡ଼ିଛି ଗଞ୍ଜାମ ଜିଲ୍ଲାର ଚିକିଟି, ରମ୍ଭା, କାଶୀନଗରରେ ମାଟି ଅତଡା ଖସିଛି । ଅନ୍ୟପକ୍ଷରେ ଉପକୂଳ ଅଂଚଳରେ ପୁରୀର କିଛି ଅଞ୍ଚଳରେ ପାଣି ଜମିଛି । ଭୁବନେଶ୍ୱରର ୮ ଟି ସ୍ଥାନରେ ପାଣି ନିଷ୍କାସନ ପାଇଁ ବଡ଼ ପମ୍ପସେଟ ଲଗାଇ ଅଗ୍ନିଶନ ବିଭାଗ ପ୍ରସ୍ତୁତ ରହିଛି ବୋଲି ରାଜ୍ୟ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି । ସେ କହିଛନ୍ତି ଯେ ୨୮ ଟି ସ୍ଥାନରୁ ସହଯୋଗ ପାଇଁ କଲ୍ ଆସିଛି । ସବୁଠି କାମ ସରିଛି । ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଅଗ୍ନିଶମ ବିଭାଗକୁ ସହଯୋଗ ମାଗିଲେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ କାର୍ଯ୍ୟ କରୁଛନ୍ତି । ପୁରୀ ବେଳାଭୂମିରେ ୧୦୦ ଜଣ ହୋମଗାର୍ଡ ଲାଇଫ ଗାର୍ଡ ଭାବରେ ନିୟୋଜିତ ରହିଛନ୍ତି । ପର୍ଯ୍ୟଟକମାନଙ୍କୁ ସମୁଦ୍ର ଆଡ଼କୁ ନ ଯିବାକୁ ଅଗ୍ନିଶମ ଡିଜି ନିବେଦନ କରିଛନ୍ତି । ସବୁ ଫାୟାର ଷ୍ଟେସନରେ ଯାହା ସରଞ୍ଜାମ ଆବଶ୍ୟକ ସବୁ ରହିଛି । ଉପକୂଳ ଅଞ୍ଚଳରେ ବାତ୍ୟା ଭିନ୍ନ ଓ ପାହାଡିଆ ଅଞ୍ଚଳରେ ଭିନ୍ନ ଥାଏ । ପାହାଡ଼ ଉପରେ ଜନବସତି ଥାଏ । ଭୂସ୍ଖଳନ ଦୃଷ୍ଟିରୁ ଲୋକଙ୍କ ସୁରକ୍ଷିତ ଆଣିବା ଫୋକସ ରହିଛି । ରାସ୍ତା ପ୍ରଭାବିତ ହୋଇଛି । ବଡବଡ ପଥର ପଡ଼ିଛି । ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ସୂଚନା ନାହିଁ ବୋଲି ସେ କହିଛନ୍ତି ।

**ବ୍ରହ୍ମପୁର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା**

# ସାକ୍ଷୀଙ୍କୁ ସୁରକ୍ଷା ଯୋଗାଇବାକୁ ଏସପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୮ ।୧୦(ସମିସ): ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଧାନସଭା ଆସନରେ ବିଜୟୀ ବିଜେପି ବିଧାୟକ କେ.ଅନୀଲ କୁମାରଙ୍କ ନିର୍ବାଚନକୁ ଚାଲେଞ୍ଜ କରି ଦାୟର ନିର୍ବାଚନୀ ମକଦ୍ଦମାର ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି । ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ୍. ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ଅବଗତ କରିବା ସହ ସୁରକ୍ଷା ପାଇଁ ନିବେଦନ କରିଥିଲେ । ସାକ୍ଷୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ । ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନ୍ୟପଟରେ ନିର୍ବାଚନ ମାମଲାରେ ପ୍ରତିପକ୍ଷ ବିଧାୟକଙ୍କ ପକ୍ଷରୁ ଅନ୍ତରୀଣ ଆବେଦନ ଦାୟର କରାଯାଇଛି । ଜେରା ପ୍ରକ୍ରିୟାକୁ ବୈଦନାଥପୁର ଥାନାରୁ ମଗାଯାଇଥିବା ଦସ୍ତାବିଜ ଉପଲବ୍ଧ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଏହି ଆବେଦନରେ ପ୍ରାର୍ଥନା କରାଯାଇଛି । ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୩୧କୁ ଧାର୍ଯ୍ୟ କରିଛନ୍ତି ।

**ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ପରିଚାଳନା ପରିଷଦ ବୈଠକ**

# ୪ମାସ ହେଲା ଠିକ୍ ସମୟରେ ମିଳୁନି ଦରମା

ଭୁବନେଶ୍ୱର,୨୮ ।୧୦(ସମିସ): ଭାରତୀୟ ବିଦ୍ୟା ଭବନରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ପରିଚାଳନା ପରିଷଦ ବୈଠକ ସ୍ଥାୟୀ ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୦ ଜିଲ୍ଲାରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ । ଜାତୀୟ

**ଅନିରୁଦ୍ଧ ସଭାପତି, ଗୋପବନ୍ଧୁ ସମ୍ପାଦକ ଓ ଆଶୁତୋଷ କୋଷାଧ୍ୟକ୍ଷ ଭାବେ ପୁନଃ ମନୋନୀତ**

ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ପରିଚାଳନା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ବୈଠକରେ ଆଲୋଚନା ହେବା ସହ ଆଗାମୀ ଏକ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା ।

ବୈଠକରେ ପରିଷଦର ସଦସ୍ୟମାନେ ଆପତ୍ତି ଉଠାଇଥିଲେ ଯେ ଡବଲ ଇଂଜିନ ସରକାରକୁ ୧୬ ମାସ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇପାରିଲା ନାହିଁ । ବିଭିନ୍ନ ସମସ୍ୟାକୁ ନେଇ ଗତ ନଭେମ୍ବର ୨୦୨୪ ରୁ ବାରମ୍ବାର ମିଶନ ନିର୍ଦ୍ଦେଶିକା, ସ୍ୱାସ୍ଥ୍ୟ ସଚିବ, ବିଭାଗୀୟ ମନ୍ତ୍ରୀ, ମାନନୀୟ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବିଭିନ୍ନ ସମସ୍ୟାକୁ ନେଇ ଗତ ମାର୍ଚ୍ଚ ମାସରେ ଦୀର୍ଘ ୨୫ ଦିନ ରାଜଧାନୀର

**ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି କାର୍ଯ୍ୟାନ୍ୱୟନ ନାହିଁ**

ଗାନ୍ଧୀ ମାର୍ଗରେ ଆନ୍ଦୋଳନ ହୋଇଥିଲା । ଖୁବଶୀଘ୍ର ସଂଘର ଦାବି ପୂରଣ କରାଯିବ ବୋଲି ସରକାର ସଂଘକୁ ପ୍ରତିଶ୍ରୁତି ଦେଇଥିଲେ । ଦାବି ପୂରଣ ତ ଦୂରର କଥା; ବର୍ତ୍ତମାନ ଠିକ୍ ସମୟରେ ଦରମା ନ ମିଳିବା, ମୃତ୍ୟୁକାଳୀନ ଓ ଦୁର୍ଘଟଣାଜନିତ ସହାୟତା ରାଶି ବର୍ଷ ବର୍ଷ ଧରି ମିଳିନାହିଁ । ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରି କୌଣସି ସ୍ୱାସ୍ଥ୍ୟ ବୀମା ନ ଥିବା, ଦରମା ଅସଂଗତି ଇତ୍ୟାଦି ବିଭିନ୍ନ ସମସ୍ୟା ଘେରରେ ଏନ୍‌ଏଚ୍‌ଏମ୍ କର୍ମଚାରୀମାନେ ଛନ୍ଦି ହୋଇପଡିଛନ୍ତି ।

କେନ୍ଦ୍ର ସରକାରଙ୍କ ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁଯାୟୀ ଅଣଚିକିତ୍ସା ଜନସ୍ୱାସ୍ଥ୍ୟ ପଦବୀ ସୃଷ୍ଟି କରି ସମସ୍ତଙ୍କୁ ସ୍ଥାୟୀ କରିବା ରାଜ୍ୟ ସରକାରଙ୍କ ସଂପୂର୍ଣ୍ଣ ନିଜସ୍ୱ ବ୍ୟାପାର । ପୂର୍ବ ସରକାରଙ୍କ ସମୟରେ ଏହାକୁ ଆଗକୁ ନେବାକୁ ଯାଇ କମିଟି ଗଠନ କରାଯାଇଥିଲା । ଯାହାର ଏଯାଏ କୌଣସି କାର୍ଯ୍ୟାନ୍ୱୟନ ହୋଇପାରିଲା ନାହିଁ । ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ବାରମ୍ବାର ଭେଟିବା ପରେ ଖୁବ୍‌ଶୀଘ୍ର ସ୍ଥାୟୀ କରିବାର ପ୍ରତିଶୃତି ମିଳିଥିଲେ ମଧ୍ୟ କିଛି କାର୍ଯ୍ୟରେ ପରିଣତ ହୋଇନାହିଁ । ଯଥାଶୀଘ୍ର ଦାବି ପୂରଣ କରି ସରକାର ୯୦୦୦ ଏନ୍‌ଏଚ୍‌ଏମ୍ କର୍ମଚାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ୧ ଲକ୍ଷ ଲୋକଙ୍କ ମୁହଁରେ ହସ ଫୁଟାଇବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

ପରିଶେଷରେ ସର୍ବସମ୍ମତି କ୍ରମେ ପୁନର୍ବାର ଅନିରୁଦ୍ଧ ପଣ୍ଡାଙ୍କୁ ସଭାପତି, ଗୋପବନ୍ଧୁ କରଙ୍କୁ ସମ୍ପାଦକ, ଆଶୁତୋଷ ମିଶ୍ରଙ୍କୁ କୋଷାଧ୍ୟକ୍ଷ ଓ ଅନ୍ୟ ପଦାଧିକାରୀଙ୍କୁ ଏକ ବର୍ଷ ପାଇଁ ମନୋନୀତ କରାଯାଇଥିଲା । ଆବାହକ ସଞ୍ଜୟ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜି ବନ୍ଦ ରହିବ ନନ୍ଦନକାନନ, ଶିମିଳିପାଳ, ଭିତରକନିକା

ବାରଙ୍ଗ/ନନ୍ଦନକାନନ/ବାରିପଦା, ୨୮ ।୧୦ (ସମିସ): ବାତ୍ୟା 'ମୋନ୍ଥା' ପାଇଁ ନନ୍ଦନକାନନ ପ୍ରାଣୀଉଦ୍ୟାନ, ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ୍), ଶିମିଳିପାଳ ଓ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲି ବନ୍ଦ ରହିବ । ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି ।

ମଙ୍ଗଳବାର ରାତିରେ ବାତ୍ୟା ମୋନ୍ଥା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବର୍ଷା-ପବନଜନିତ କ୍ଷୟକ୍ଷତିରୁ ପ୍ରାଣୀଉଦ୍ୟାନ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାକୁ କର୍ତ୍ତୃପକ୍ଷ ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛନ୍ତି । ଜୀବଜନ୍ତୁଙ୍କୁ ତାଙ୍କର ଖୁଆଡ଼ର ଫିଡିଂ ଚାମ୍ବରରେ ରଖାଯାଇଛି । ବାତ୍ୟା ସମୟରେ ଗଛ ଭାଙ୍ଗିଲେ, କଟର୍ ମେସିନ ସାହାଯ୍ୟରେ ଗଛ କଟାଯାଇ ସଫା କରାଯିବ । ସେହିପରି ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଜଳହସ୍ତୀ, ହରିଣ, କୁଟୁରା, ନୀଳଗାଇ, କୃଷ୍ଣସାର ମୃଗ ଭଳି ଜନ୍ତୁଙ୍କ ଉପରେ ନଜର ରଖିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ବାକି ଅନ୍ୟଜନ୍ତୁଙ୍କୁ ପକ୍କାଘର ଫିଡିଂ ଚାମ୍ବରରେ ରଖାଯାଇଛି । ଯେଉଁଠାରେ ଘର ଓ ତାରଜାଲି ରହିଛି, ସେହି ଜନ୍ତୁ ଓ ପକ୍ଷୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । କିଛି ଖୁଆଡ଼ର ଜାଲିରେ ଜରିପାଲ ମଧ୍ୟ ଦିଆଯାଇଛି । ଜନ୍ତୁଙ୍କ ପାଇଁ ଶୁଖୁଲା, କଞ୍ଚା ଖାଦ୍ୟ ଓ ସ୍ୱଚ୍ଛପାଣି ଗଚ୍ଛିତ ରଖାଯାଇଛି । ଜୀବଜନ୍ତୁ ବାହାରକୁ ନଯିବା ପାଇଁ ନନ୍ଦନକାନନରେ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି । ସମସ୍ତ ଖୁଆଡ଼ରେ କର୍ମଚାରୀ ସଜାଗ ରହିଛନ୍ତି । ସେହିପରି ବାତ୍ୟା ପରେ ସେମାନଙ୍କର ସ୍ୱାସ୍ଥ୍ୟ ଯେପରି ଖରାପ ନହେବ, ସେଥିପାଇଁ ପ୍ରାଣୀ ଚିକିତ୍ସକ ସଜାଗ ରହିଛନ୍ତି । ସେମାନଙ୍କ ପାଇଁ ଔଷଧ ମହଜୁଦ ରଖାଯାଇଛି ।

# ମହାବାତ୍ୟାରେ ଚାଲିଚାଲି କଟକରୁ ବାଲେଶ୍ୱର

**ବାଲେଶ୍ୱର, ୨୮।୧୦ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି):** "ହଁ... ହଁ... ସେତେବେଳକୁ ମୋତେ ୨୧ବର୍ଷ। କ'ଣ ଗୋଟାଏ ବାତ୍ୟା ହବ ବୋଲି ରେଡିଓ ବାରମ୍ବାର କହୁଥିଲା। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ମୋ' ପାଇଁ ଜରୁରୀ ଥିଲା। ଗୋଟାଏ ସାହସରେ ମାଡ଼ି ଆସିଲି ଗଞ୍ଜାମରୁ...। କିନ୍ତୁ ବାଟରେ ଏମିତି ଦଶା ଭୋଗିବି ବୋଲି ସ୍ୱପ୍ନରେ ବି ଭାବି ନଥିଲି। କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧକୁ ଯେମିତି ପ୍ରତ୍ୟକ୍ଷ ଭାବେ 'ବେଲାଳସେନ' ଦେଖିଥିଲା, ମୋର ବି ମହାବାତ୍ୟାକୁ ଦେଖିବା ଅନୁଭୂତି ସେଇ ପାଖାପାଖି...। ବାତ୍ୟା ଚାଲିଥାଏ, ମୁଁ ବି ଚାଲୁଥାଏ। ଫରକ୍ ଏତିକି; ତାକୁ କାହାର ଭୟ ନଥାଏ, ଆଉ ମୁଁ ପ୍ରତି ମୂହୁର୍ତ୍ତରେ ଭୟରେ ମରୁଥାଏ।" ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ମହାବାତ୍ୟାକୁ ଅଙ୍ଗେ ନିଭାଇଥିବା ଏମିତି ଜଣେ ବ୍ୟକ୍ତି ହେଉଛନ୍ତି, ବାଲେଶ୍ୱର ସହର ଟୁଲଙ୍ଗସାହିରେ ରହୁଥିବା ସୁବୋଧ ଚନ୍ଦ୍ର ପଣ୍ଡା (୪୯)। ବାତ୍ୟାକୁ ୨୬ବର୍ଷ ପୂରିବା ଅବସରରେ 'ସକାଳ'କୁ ସେ ସେହି ଅଭିଶପ୍ତ ଦିନର ଅଭୁଲା ଓ ଅଲୋଡ଼ା ସ୍ମୃତି କହିବା ବେଳେ ତାଙ୍କ ଲୋମ ବାରମ୍ବାର ଟାଙ୍କୁରି ଉଠୁଥିଲା। ମହାବାତ୍ୟା ଦିନ ସୁବୋଧ ବାଲେଶ୍ୱର ଆସିବା ପାଇଁ ଗଞ୍ଜାମରୁ ବାହାରିଥିଲେ। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ବେଳକୁ ତାଙ୍କୁ ୩ ଦିନ ଲାଗିଗଲା। ବାଟସାରା ବାତ୍ୟାର କରାଳ ରୂପ, ତାଣ୍ଡବ ଦେଖି ତାଙ୍କ ଦେହରୁ ଅଧାରକ୍ତ ଶୁଖିଗଲା ଭଳି ତାଙ୍କୁ ଅନୁଭୂତ ହୋଇଥିଲା।


ବାଟ ସାରା ତାଣ୍ଡବର ସାକ୍ଷୀ ସାଜିଥିଲେ ସୁବୋଧ

ସୁବୋଧ କହନ୍ତି, ଗଞ୍ଜାମରେ ମୋ ମାମୁଁଘର, ଗୋସେଇଁ ବାପାଙ୍କ ଘର। ସେଠାରେ ବଡ଼ବାପା ରହନ୍ତି। ମୁଁ ସେତେବେଳେ ଗଞ୍ଜାମ ଯାଇଥିଲି। ଗଞ୍ଜାମରୁ ଜେଜେବାପାଙ୍କୁ ନେଇ ବାହାରିଥିବା ବେଳେ ବର୍ଷା ଆରମ୍ଭ ହୋଇଯାଇଥିଲା। ବଡ଼ବାପା ରାଜି ନହେବାରୁ ଏକୁଟିଆ ବାହାରି ଆସିଲି। ଗଞ୍ଜାମରୁ ବସ୍‌ରେ ଭୁବନେଶ୍ୱର ଯାଏଁ ଆସିଲି। ବସ୍ ଖୋର୍ଦ୍ଧା ଛୁଇଁବା ବେଳକୁ ପବନର ବେଗ ଉଗ୍ର ହୋଇସାରିଥିଲା। ତେଣୁ, ଭୁବନେଶ୍ୱରରେ ପହଞ୍ଚିବା ପାଇଁ ୨୪ ଘଣ୍ଟା ଲାଗିଗଲା। ସେତେବେଳକୁ ଭୁବନେଶ୍ୱର ପାଣିରେ ବୁଡ଼ିଲା ଭଳି। ସେଠୁ କଟକ କଷ୍ଟେମଷ୍ଟେ ବି ପଳାଇ ଆସିଲି। ବାଲେଶ୍ୱର ଯିବା ପାଇଁ ଗୋଟିଏ ବସ୍ ଧରିଲି। କିନ୍ତୁ ବର୍ଷା, ପବନ ଦେଖି ବସ୍ ମଙ୍ଗୁଳିଠାରୁ ଆଉ ଆଗକୁ କଲାନି। ବାଧ ହୋଇ କିଛି ଲୋକ ଏକାଠି ହୋଇ ସେଇଠୁ ଚାଲିଚାଲି ଆଗକୁ ବଢ଼ିବା ଆରମ୍ଭ କଲୁ। ପବନର ବେଗ ଏତେ ଅଧିକ ଥିଲା ଯେ ଆମକୁ ବାରମ୍ବାର ରାସ୍ତାକଡ଼କୁ ଠେଲି ନେଉଥିଲା। ପାଖରେ ଟଙ୍କା ଥିଲା, ହେଲେ ଖାଦ୍ୟ କି ପାଣି ମିଳୁନଥିଲା। ବର୍ଷା ପାଣି ପିଇ ପିଇ ଆଗକୁ ଚାଲିଲୁ। ଛତିଆ ପାଖରେ ଜାତୀୟ ରାଜପଥରେ ଗଛ ପଡ଼ି ରାସ୍ତା ବନ୍ଦ ହୋଇଯାଇଥିଲା। ସେତେବେଳକୁ ରାତି ହୋଇଗଲାଣି। ତେଣୁ ଆଉ କିଛି ଉପାୟ ନ ପାଇ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ ବସ୍‌ରେ ରାତି କଟେଇଲି। ଧୀରେଧୀରେ ବର୍ଷା ଥମିଯାଇଥିଲା। ସକାଳୁ ପୁଣି ବାହାରିଲି। ରାସ୍ତାରେ ବିସ୍କୁଟ, ସେଓ ଆଦି ଗାଡ଼ିରୁ ସବୁ ଯାହା ପାଇଲୁ ଖାଇଲୁ। ଏମିତି ଚାଲିଚାଲି ମୁଁ ଜାମୁଝାଡ଼ି ପହଞ୍ଚିଗଲି। ସେଠାରେ ଆମକୁ ଚାଉଳ ମିଳିଥିଲା। ଆମେ ବହୁତ କଷ୍ଟରେ ହାଣ୍ଡି, କଡ଼େଇ ଯୋଗାଡ଼ କରି ଭାତ ତିଆରି କରି ଖାଇଥିଲୁ। ଅନ୍ୟ କିଛି ଲୋକଙ୍କୁ ଖାଇବାକୁ ବି ଦେଇଥିଲୁ। ଜାମୁଝାଡିରୁ ବାଲେଶ୍ୱରକୁ ଯିବା ପାଇଁ ରାସ୍ତା ବନ୍ଦ ଥିଲା। ସେତେବେଳେ ସାବିରା ରେଲୱେ ଟ୍ରାକ୍ ଦେଇ ଚାଲିଚାଲି ସୋରରୁ ସିଧା ଏକ ବସ୍‌ରେ ବସି ମୁଁ ଆଇଟିଆଇ ଛକରେ ଓହ୍ଲାଇଲି। ମୋତେ ଦେଖି ମୋର ସାଙ୍ଗସାଥୀ ଚମକି ପଡ଼ିଲେ। ଏତେ ଦିନ ପରେ ଚାଲିଚାଲି ଆସିଛି। ମୁଁ ସିଧା ଘରକୁ ଗଲି। ମା' ମୋତେ ଦେଖି କାନ୍ଦି ପକାଇଲା। ବାଲେଶ୍ୱର ସହର ଏତେ କିଛି ପ୍ରଭାବିତ ହୋଇନଥିଲା। ମୁଁ ବାଲେଶ୍ୱର ପହଞ୍ଚିଲା ବେଳକୁ ଅକ୍ଟୋବର ମାସ ସରି ଯାଇଥାଏ। ସେତେବେଳେ ଯୋଗାଯୋଗ ପାଇଁ ଫୋନ୍ ବି ନଥିଲା। ଏହା ମୋ ପାଇଁ ସବୁବେଳେ ଏକ ଅବର୍ଣ୍ଣନୀୟ ଅନୁଭୂତି ହୋଇ ରହିବ।

## ମହାବାତ୍ୟାକୁ ପୂରିଲା ୨୬ ବର୍ଷ

# କ୍ଷତ ଶୁଖିଛି; ଚିହ୍ନ ଯାଇନି





**ଜଗତସିଂହପୁର, ୨୮।୧୦ (ଶଶାଙ୍କ ଶେଖର ପଣ୍ଡା):** ପ୍ରକୃତିର ତାଣ୍ଡବ ଆଗରେ ମଣିଷ ଯେ କେତେ ଅସହାୟ, ତାହା ୧୯୯୯ ମସିହାର ମହାବାତ୍ୟା ଓଡ଼ିଶାବାସୀଙ୍କୁ ଦେଖାଇ ଦେଇଥିଲା। ପ୍ରକୃତିର ସେହି କରାଳ ରୂପକୁ ଆସନ୍ତାକାଲି (ବୁଧବାର) ୨୬ବର୍ଷ ପୂରୁଛି। ଓଡ଼ିଶାବାସୀ ବିଶେଷକରି, ସର୍ବାଧିକ ପ୍ରଭାବିତ ହୋଇଥିବା ଜଗତସିଂହପୁର ଜିଲ୍ଲାବାସୀଙ୍କ ମନରୁ ଏ କ୍ଷତ ଶୁଖିଯାଇଛି ସତ, କିନ୍ତୁ ଏବେ ବି ତା'ର ଚିହ୍ନ ସତେଜ ଅଛି। ମା' କୋଳରୁ ପିଲା, ସ୍ୱାମୀ ଆଖି ଆଗରେ ସ୍ତ୍ରୀ ତ କାହାର ପୂରା ପରିବାରକୁ ନିଶ୍ଚିହ୍ନ କରିଦେଇଥିଲା ମହାବାତ୍ୟା।

ଏହି ପ୍ରଳୟଙ୍କରୀ ମହାବାତ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିଲା ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅଞ୍ଚଳ। ପୋକମାଛି ପରି ହଜାରହଜାର ମଣିଷ ଓ ଗୃହପାଳିତ ପଶୁ ଜୀବନ ହରାଇଥିଲେ ଏହି ବିପର୍ଯ୍ୟୟରେ। ଯୁଆଡ଼େ ଦେଖିବ, ଖାଲି କୁଢ଼କୁଢ଼ ଶବ। ଏରସମା ଅଞ୍ଚଳ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ବ୍ଲକ୍‌ର ଜପା ପଞ୍ଚାୟତର ଦହିବର ଗାଁ ଲୋକ ଏବେ ବି ସେହି ଅଭିଶପ୍ତ ମସିହା (୧୯୯୯)ର ନାଁ ଶୁଣିଲେ, ସେମାନଙ୍କ ଲୋମ ଟାଙ୍କୁରି ଉଠେ। ମହାବାତ୍ୟାରେ ଏହି ଗାଁର ସର୍ବାଧିକ ୫୮୭ ଜଣ ଲୋକ ପ୍ରାଣ ହରାଇଥିଲେ। ଏପରିକି, କେତେକ ପରିବାରରୁ ୧୦ରୁ ୧୨ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ କିଛି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। କେବଳ ଦହିବର ନୁହେଁ, ଏରସମା ବ୍ଲକ୍‌ର ପ୍ରାୟ ସମସ୍ତ ପଞ୍ଚାୟତରେ ତାଣ୍ଡବ ରଚିଥିଲା ଏହି ପ୍ରଳୟଙ୍କରୀ ମହାବାତ୍ୟା। ସରକାରୀ ହିସାବରେ ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିବା ବେଳେ ପ୍ରକୃତରେ କିନ୍ତୁ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ ଥିଲା ବୋଲି କୁହନ୍ତି ସ୍ଥାନୀୟ ଲୋକେ।

ମହାବାତ୍ୟାର ୨୬ବର୍ଷ ପରେ ଦହିବର ଗାଁ ସହିତ ସମଗ୍ର ଏରସମା ଅଞ୍ଚଳରେ ଅନେକ ବିକାଶ ଘଟିଛି ସତ, ହେଲେ ଆଜି ମଧ୍ୟ ଏଭଳି କେତେକ ପରିବାର ରହିଛନ୍ତି, ଯେଉଁମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘରଟିଏ ନାହିଁ। ମାଲମାଲ ଯୋଜନା ସତ୍ତ୍ୱେ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇପାରି ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆଜି ମଧ୍ୟ ଏହି ଅଞ୍ଚଳରେ ବର୍ଷା ଦିନେ ଛାତ୍ରଛାତ୍ରୀମାନେ ଡଙ୍ଗାରେ ବସି ବିଦ୍ୟାଳୟକୁ ଯାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ କେବଳ ମହାବାତ୍ୟାର ସ୍ମୃତିଚାରଣ କରି ନିଜର ପରାକାଷ୍ଠା ଦେଖାଉଥିବା ବେଳେ ଏବେ ମଧ୍ୟ ଅନେକ ପରିବାର ସଠିକ ଭାବେ ସେମାନଙ୍କର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି।

## ଭିଟାମାଟିରୁ ବେଦଖଲ କରିଦେଲା

# ହଜିଗଲା ଉଦୟକଣୀ, ଛେନୁଅର ଠିକଣା



୧୯୯୯ ମସିହା ଅକ୍ଟୋବର ୨୯। ଏହି ଦିନ ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲା। ଓଡ଼ିଶା ମାଟିରେ ପ୍ରଳୟ ରଚିଥିଲା ମହାବାତ୍ୟା। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଉପକୂଳ ଓଡ଼ିଶା। ଯଦିଓ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ କ୍ଷତି ଘଟିଥିଲା, ପୁରୀ ଜିଲ୍ଲାରେ ମହାବାତ୍ୟାର ତାଣ୍ଡବ କିଛି କମ୍ ନ ଥିଲା। ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ଅସ୍ତରଙ୍ଗ ବ୍ଲକର ସମୁଦ୍ର ତଟବର୍ତ୍ତୀ ଶିଶୁଅ ପଞ୍ଚାୟତ। ମହାବାତ୍ୟାରେ ଧନଜୀବନ ହାନୀର ତାଲିକା ତ ବେଶ୍ ଲମ୍ବା। ହେଲେ ଏହି ବିଭୀଷିକାର ଆଁ ଭିତରେ ହଜିଯାଇଥିଲା ଦୁଇଟି ଗାଁ ଉଦୟକଣୀ ଆଉ ଛେନୁଅର ଠିକଣା। ବଦଳି ଯାଇଥିଲା ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ନକ୍ସା। ଆଉ ପୁରୁଷ ପୁରୁଷ ଧରି ରହୁଥିବା ଭିଟାମାଟିରୁ ବେଦଖଲ କରିଦେଇଥିଲା 'ମହାବାତ୍ୟା'।

**ପୁରୀ, ୨୮।୧୦(ହେମନ୍ତ ନାୟକ):** ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ। ଠିକ୍ ଆଜିର ଦିନରେ ଓଡ଼ିଶା ଉପକୂଳରେ ପ୍ରକୃତି ଉଜାଡ଼ିଥିଲା ଅନେକ କିଛି। ସେଦିନ ବଙ୍ଗୋପସାଗରରୁ ହୁ' ହୁ' ହୋଇ ମାଡ଼ି ଆସିଥିଲା ପ୍ରଳୟ। ଘର ଉଡ଼ାଇଲା, ଗାଁ ବୁଡ଼ାଇଲା, ଲିଭିଗଲା ଚିହ୍ନ ବର୍ଣ୍ଣ। କିଏ ନିଜ ପୁଅଝିଅକୁ ହରାଇଲେ ତ ଆଉ କିଏ ସମ୍ପୂର୍ଣ୍ଣ ପରିବାରକୁ ହରାଇ କୋଳଶୂନ୍ୟ ହୋଇଗଲେ। ଅନେକ ବାପା-ମା' ଛେଉଣ୍ଡ ହୋଇଗଲେ, ପୁଣି କାହା ମଥାରୁ ସିନ୍ଦୂର ପୋଛିଦେଲା ମହାବାତ୍ୟା। ଏହି ସାମୁଦ୍ରିକ ଝଡ଼ କେବଳ ପ୍ରାଣ ନେଇ ନଥିଲା ଘରଦ୍ୱାର, ରାସ୍ତାଘାଟ ସବୁ କିଛି ଛାରଖାର୍ କରିଦେଇଥିଲା। ଓଡ଼ିଶାର ଭୂଗୋଳ ବଦଳାଇ ଦେଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ ବର୍ଷ ବିତିଯାଇଛି। କିନ୍ତୁ ପଛରେ ଛାଡ଼ି ଦେଇଯାଇଛି ଅନେକ ଦୁଃଖର ଦାଗ ଆଉ ଅଲୋଡ଼ା ସ୍ମୃତିର ଚିହ୍ନ। ଆଜି ବି ସେ ଦିନର କଥାକୁ ମନେ ପକାଇଲେ ଅନେକଙ୍କ ଲୋମ ଟାଙ୍କୁରି ଉଠୁଛି। କୋହରେ ଛାତି ଭରିଯାଉଛି। ୧୯୯୯ ମହାବାତ୍ୟା ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ୨୦୪ଟି ପଞ୍ଚାୟତର ୧,୭୧୪ଟି ଗାଁର ୧୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ୧,୬୨,୦୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୧,୩୪,୮୪୧ଟି ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ୩୦୧ଜଣଙ୍କ ଜୀବନ ନେଇଯାଇଥିଲା ମହାବାତ୍ୟା।

ତେବେ ସମୁଦ୍ର କୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏହି ଦୁଇ ବ୍ଲକ୍‌ରୁ ୨୧୬ ଜଣଙ୍କ ଜୀବନ ଚାଲି ଯାଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ବର୍ଷ ପୂରିଛି। ଏବେ ବି ଅସ୍ତରଙ୍ଗ ବ୍ଲକ୍‌ର ଏମିତି କିଛି ଗାଁ ଅଛି ଯେଉଁଠି ମହାବାତ୍ୟାର ଚିହ୍ନ ତାଜା ହୋଇ ରହିଛି। ଅସ୍ତରଙ୍ଗ ବ୍ଲକ୍ ଶିଶୁଅ ପଞ୍ଚାୟତର ଉଦୟକଣୀ ଓ ଛେନୁଅ ଗାଁ। ଏବେ ବି ବାତ୍ୟା କଥା ଶୁଣିଲେ ଏହି ଦୁଇ ଗାଁ ଲୋକଙ୍କ ମନରେ ଛନକା ପଶେ। ୧୯୯୯ ମହାବାତ୍ୟାର କରାଳ ରୂପକୁ ଏମାନେ ଅତି ପାଖରୁ ଦେଖିଥିଲେ। ସୁଁ ସୁଁ ଗର୍ଜନ କରି ମାଡ଼ି ଆସିଥିଲା ସମୁଦ୍ର। କ'ଣ କରିବେ, କୁଆଡ଼େ ଯିବେ, ଜାଣିପାରିନ ଥିଲେ ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ଲୋକେ। ଜୀବନ ବଞ୍ଚାଇବାକୁ ଯାଇ ଘରଦ୍ୱାର ସବୁ ଛାଡ଼ି ପିଲାଛୁଆଙ୍କୁ ଧରି ଚାଲିଯାଇଥିଲେ। ହେଲେ ଆଉ ସେଠାକୁ ଫେରିବାକୁ ସାହସ କରି ନ ଥିଲେ। କାରଣ ଯେଉଁଠି ସେମାନଙ୍କର ଘର ଥିଲା, ମନ୍ଦିର ଥିଲା, ଜୀବନଜୀବିକା ନେଇ ବଞ୍ଚୁଥିଲେ, ତାହାକୁ ଉଜାଡ଼ି ଦେଇଥିଲା ମହାବାତ୍ୟା। ଭସାଇ ନେଇଥିଲା ସେମାନଙ୍କ ତେଲଲୁଣର ସଂସାର। ସମୁଦ୍ର ଢେଉରେ ଉଦୟକଣୀ ଓ ଛେନୁଅ ଗାଁ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଛେନୁଅ ଗାଁର ଚିହ୍ନବର୍ଣ୍ଣ ନ ଥିବା ବେଳେ କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ଏବେ ବି ବାତ୍ୟାର କଥା ମନେ ପକାଇଦେଉଛି।


ଛେନୁଅ ଗାଁର ସ୍ମୃତି...
କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ରହିଛି


ଉଦୟକଣୀର ମା' ବାଟୁଲେଇଙ୍କ ମନ୍ଦିର

ମହାବାତ୍ୟା ପରେ ଛେନୁଅ ଗାଁ ଯେଉଁଠିକୁ ସ୍ଥାନାନ୍ତର ହୋଇଥିଲା, ତାହା ବି ସେମାନଙ୍କ ସ୍ଥାୟୀ ଠିକଣା ହୋଇ ରହିପାରିଲା ନାହିଁ। ସମୁଦ୍ର ଜୁଆର ଭୟ ଦେଖାଇବାରୁ ଚିତ୍ରେଶ୍ୱରୀ ପିଆର୍ଏଫ୍ ନଡ଼ିଆ ମଠ ବିଟ୍ ପାଖ ଜଙ୍ଗଲ ଜମିକୁ ଉଠିଯାଇଛନ୍ତି ଏହି ଗାଁ ଲୋକେ। ସେହିପରି ଉଦୟକଣୀ ବି ସ୍ଥାନାନ୍ତର ହୋଇଛି। ଗାଁ ଥିବା ପୂର୍ବ ସ୍ଥାନରେ ଏବେ କେବଳ ମା' ବାଟୁଲେଇଙ୍କ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ମନ୍ଦିର ଦେଖିଲେ ମହାବାତ୍ୟାର କରାଳ ରୂପ ମନେ ପଡ଼ିଯାଏ। ନିଜ ଭିଟାମାଟିକୁ ଦେଖିଲେ ଉଦୟକଣୀ ଆଉ ଛେନୁଅ ଗାଁ ଲୋକଙ୍କ ଆଖିରେ ଏବେ ବି ଲୁହ ଜକେଇ ଆସୁଛି।

ମହାବାତ୍ୟା ପରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଅସ୍ତରଙ୍ଗ ବ୍ଲକ୍‌ରେ ସର୍ବାଧିକ ୩୭, କାକଟପୁର ୨୩, ଗୋପରେ ୩୪, କୋଣାର୍କରେ ୨, ପୁରୀ ସଦରରେ ୧୭, ନିମାପଡ଼ାରେ ୯, ପେଷ୍ଟକଟାରେ ୬, କଣାସରେ ଗୋଟିଏ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ରକ୍ଷଣାବେକ୍ଷଣ ଓ ସଚେତନତା ଅଭାବରୁ ଅନେକ ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା ଧୀରେଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଏଗୁଡ଼ିକର ମରାମତି ହେବା ଆବଶ୍ୟକ ହୋଇପଡ଼ିଛି। ମହାବାତ୍ୟାର ୨୬ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳ ଅଞ୍ଚଳର ରଙ୍ଗ ବଦଳି ଯାଇଛି ସତ, କିନ୍ତୁ ଏବେ ବି ଅନେକ ଗାଁରେ ସତେଜ ରହିଛି ମହାବାତ୍ୟାର ତାଣ୍ଡବର ଚିହ୍ନ।

# ଏବେ ବି ଗୁମୁରି କାନ୍ଦୁଛି ଅସ୍ତରଙ୍ଗ

**ଅସ୍ତରଙ୍ଗ, ୨୮।୧୦(ସମୀର କର):** ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାର ୨୬ ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳର ସର୍ବାଧିକ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଅଞ୍ଚଳର ଚିତ୍ର ଅନେକ ବଦଳିଛି। ହେଲେ ସେହି ପ୍ରଳୟଙ୍କରୀ ମହାବାତ୍ୟାର ବିଭୀଷିକା କଥା ମନେ ପଡ଼ିଲେ ଆଜି ବି ସ୍ଥାନୀୟ ଅଞ୍ଚଳର ବିପନ୍ନମାନଙ୍କ ଆଖିରେ ଲୁହ ଆସିଯାଉଛି।


ନିଜ ଝିଅ, ବାପାଙ୍କୁ ହରେଇଥିବା ସୁଦିକେଶ୍ୱର ଗ୍ରାମର ବିଶ୍ୱାଳ ଦମ୍ପତି

ପୁରୀ ଜିଲ୍ଲାରେ ସମୁଦାୟ ୩୦୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ୨୧୬ଜଣଙ୍କର ମୃତ୍ୟୁ ହୋଇଥିଲା। ଆଖି ଆଗରେ ସ୍ୱାମୀ, ପୁଅ, ଝିଅ, ଶଶୁର, ଯାଆଙ୍କୁ ହରେଇ ୨୬ବର୍ଷ ହେଲାଣି ଲୁହ ଝରେଇ ଏକାକୀ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମଧୁପୁର ଗ୍ରାମର କଳ୍ପନା ବେହେରା।

କଳ୍ପନା ଓ ତାଙ୍କ ପରିବାର ସମୁଦ୍ରକୂଳ ଡାଙ୍ଗାରେ ଗାଇଗୋରୁ ରଖି ମାଛମାରି ପରିବାର ପ୍ରତିପୋଷଣ କରୁଥିଲେ। ମହାବାତ୍ୟାରେ ସମୁଦ୍ର ପାଣି ହଠାତ୍ ମାଡ଼ି ଆସିଲା। ପରିବାରର ୭ ଜଣ ଲୋକ ଜୀବନ ବଞ୍ଚାଇବାକୁ ଗାଁକୁ ଆସିବା ସମୟରେ ନଦୀରେ ସୁ ସୁ ଗର୍ଜନ କରୁଥିବା ଭୟଙ୍କର ଜୁଆର ପାଣିରେ ସ୍ୱାମୀ ବୁଦ୍ଧେଶ୍ୱର, ୨ ବର୍ଷର ପୁଅ ଟାଇଗର, ୮ ମାସର ଝିଅ ପୁଷ୍ପା, ଶଶୁର ଲୋକନାଥ ଓ ତାଙ୍କ ଯାଆ ଝୁମ୍ପ ବେହେରା ଭାସିଯାଇ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କ ବୁଦ୍ଧେଶ୍ୱରଙ୍କ ଆଉ ପତ୍ତା ମିଳିନଥିଲା। ଜୀବନ ସହ ସଂଗ୍ରାମ କରି କଳ୍ପନା ଆଜି ନିଃସଙ୍ଗ ଜୀବନ ଜିଉଁଛନ୍ତି। ସେହିପରି ନିକଟସ୍ଥ ସୁଧିକେଶ୍ୱର ଗ୍ରାମର ପଦ୍ମନାଭ ବିଶ୍ୱାଳ ଓ ନିର୍ମଳା ବିଶ୍ୱାଳଙ୍କ ୯ ବର୍ଷର ଝିଅ ଓ ଶଶୁରଙ୍କ ଉପରେ କାନ୍ଥ ପଡ଼ିଯିବା ଯୋଗୁଁ ଦୁହେଁ ପ୍ରାଣ ହରାଇଥିଲେ। ୨୬ ବର୍ଷ ପରେ ବି ନିଜ ପରିଜନଙ୍କୁ ହରାଇ କଳ୍ପନା ହୁଅନ୍ତୁ ବା ନିର୍ମଳା ବା ଅନେକ ପରିବାର ଆଜି ବି ଗୁମୁରିଗୁମୁରି କାନ୍ଦୁଛନ୍ତି।

ମହାବାତ୍ୟା ପରେ ହୁଡ୍‌ହୁଡ୍, ଫାଇଲିନି, ତିତିଲି, ଫନୀ, ଅମ୍ଫାନ ଏବଂ ବର୍ତ୍ତମାନ 'ମୋନ୍ଥା' ଭଳି ସାମୁଦ୍ରିକ ବାତ୍ୟାକୁ ଏ ଅଞ୍ଚଳର ଲୋକେ ବାରମ୍ବାର ସମ୍ମୁଖୀନ ହେଉଛନ୍ତି। ମହାବାତ୍ୟା ପରେ ଏହି ଉପକୂଳବାସୀଙ୍କ ସୁରକ୍ଷା ପାଇଁ ବେସରକାରୀ ଉଦ୍ୟମରେ ସମୁଦ୍ର ଉପକୂଳରେ ଅବସ୍ଥିତ ଦାଲୁଅକଣି, ଛେନୁ, କୋରଣା, ସୁଧିକେଶ୍ୱର, ନାନପଡ଼ା, ନୂଆଗଡ଼, ଡମଶୁଣ୍ଡ, ନଗର ଭଳି ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ନିର୍ମିତ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଭୂତକୋଠିରେ ପରିଣତ ହୋଇଯାଇଛି। ତେବେ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀରେ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିବାବେଳେ ଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି।







## ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଫାଇନାଲ ଖେଳିବା ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା

ଗୌହାଟୀ, ୨୮ ।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି । ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ । ଚଳିତ ବିଶ୍ୱକପ୍‌ରେ ଉଭୟ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସମାନ ୫ଟି ଲେଖାଏ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଛନ୍ତି । ତେଣୁ ଏହି ମ୍ୟାଚ୍ ନିଶ୍ଚିତ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି । ଚାରିଥରର ବିଜେତା ଇଂଲଣ୍ଡ ଏହି ମ୍ୟାଚରେ ବିଜୟୀ ହେଲେ ୯ମଥର ଲାଗି ଫାଇନାଲ ଖେଳିବ । ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ନିକଟରେ ପ୍ରଥମଥର ଲାଗି ବିଶ୍ୱକପ୍ ଫାଇନାଲ ଖେଳିବାର ସୁବର୍ଣ୍ଣ ସୁଯୋଗ ରହିଛି ।

### ଇଂଲଣ୍ଡ-୩୬; ଦ.ଆଫ୍ରିକା- ୧୦

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇଂଲଣ୍ଡ୪୭ଟି ମ୍ୟାଚରୁ ୩୬ଟି ଜିତିଛି । ଦକ୍ଷିଣ ଆଫ୍ରିକା ମାତ୍ର ୧୦ଟି ମ୍ୟାଚ୍ ବିଜୟୀ ହୋଇଛି । ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ।

**ପ୍ରଥମ ସେମିଫାଇନାଲ**
**ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା** | **ଆରମ୍ଭ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ■ ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

# ଶ୍ରେଷ୍ଠ ରେଟିଂ ପଏଣ୍ଟ ସହ ଶୀର୍ଷରେ ମନ୍ଧାନା



ଦୁବାଇ, ୨୮ ।୧୦ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତୀୟ ଓପନର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି । ମନ୍ଧାନାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୮୨୮ ରହିଛି । ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ରେଟିଂ ପଏଣ୍ଟ । ୨୯ ବର୍ଷୀୟା ମନ୍ଧାନା ଦମ୍‌ଦାର ପ୍ରଦର୍ଶନ କରି ଚଳିତ ବିଶ୍ୱକପ୍‌ରେ ୩୬୫ ରନ ସଂଗ୍ରହ କରିବା ସହ ଟପ୍ ସ୍କୋରର୍ ରହିଛନ୍ତି । ସେ ଗତ ଦୁଇଟି ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୯ ଓ ବାଂଲାଦେଶ ବିପକ୍ଷରେ ୩୪ ରନର ଅପରାଜିତ ପାଳି ଖେଳିଥିଲେ । ଯେଉଁଥିପାଇଁ ତାଙ୍କ ରେଟିଂ ପଏଣ୍ଟ କ୍ୟାରିୟରଶ୍ରେଷ୍ଠ ୮୨୮ ରେ ପହଞ୍ଚିଛି । ମନ୍ଧାନାଙ୍କ ଓପନିଂ ପାର୍ଟନର ପ୍ରତୀକା ରାୱଲ ମଧ୍ୟ ର୍‍ୟାଙ୍କିଙ୍ଗ୍‌ରେ ବଡ଼ ଉନ୍ନତି ସହ ୧୨ଟି ସ୍ଥାନ ଉପରକୁ ଉଠି ୨୭ରେ ପହଞ୍ଚିଛନ୍ତି । ସେହିଭଳି ଏହି ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୬ଟି ପାହାଚ ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି । ଅପରପକ୍ଷରେ ଦିନିକିଆ ବୋଲିଂ ତାଲିକାରେ ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମରେ ରହିଛନ୍ତି ।

# ଖେଳାଳିଙ୍କୁ ଦଣ୍ଡରୁ ବଞ୍ଚାଇବା ଲାଗି ବିସିସିଆଇ ଚାପ ପକାଏ: ବ୍ରଡ୍

ନୂଆଦିଲ୍ଲୀ, ୨୮ ।୧୦ (ଏଜେନ୍ସି): ପୂର୍ବତନ ଆଇସିସି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ବ୍ରଡ୍ ଦାବି କରିଛନ୍ତି ଯେ ବିସିସିଆଇ ଭାରତୀୟ ଖେଳାଳିଙ୍କୁ ଦଣ୍ଡରୁ ରକ୍ଷା କରିବା ଲାଗି ଚାପ ପକାଏ । ଏକ ସାକ୍ଷାତକାର ସମୟରେ ୬୮ ବର୍ଷୀୟ ବ୍ରଡ୍ କହିଛନ୍ତି, 'ଟିମ୍ ଇଣ୍ଡିଆ ଗୋଟିଏ ମ୍ୟାଚରେ ଧାର୍ଯ୍ୟ ସମୟସୀମାଠାରୁ ୩-୪ ଓଭର କମ୍ ବୋଲିଂ କରିଥିଲା । ଯାହା ଫଳରେ ଭାରତୀୟ ଖେଳାଳିଙ୍କ ଉପରେ ସ୍ୱୟଂଚାଳିତ ଭାବେ ଜରିମାନା ହୋଇଥାନ୍ତା । କିନ୍ତୁ ଏକ ଫୋନ କଲ୍ ମୋ ନିକଟକୁ ଆସିଥିଲା । ଯେଉଁଥିରେ ମୋତେ କୁହାଯାଇଥିଲା ଏହା ଭାରତୀୟ ଦଳ ତେଣୁ ତୁମେ ନରମ ହୁଅ । ସ୍ଲୋ ଓଭର ରେଟ୍‌ର ଜରିମାନାରୁ ଭାରତକୁ ବଞ୍ଚାଇବା ଲାଗି ମୁଁ ସମୟ ନିମୟରେ ହେରାଫେରି କରିଥିଲି ।' ବ୍ରଡ୍ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, 'ଏହି ସ୍ଲୋ ଓଭର ରେଟ୍ ଘଟଣାର ଠିକ୍ ପରବର୍ତ୍ତୀ ମ୍ୟାଚରେ ମଧ୍ୟ ଭାରତୀୟ ଦଳ ସମାନ ଭୁଲ୍‌ର ପୁନରାବୃତ୍ତି କରିଥିଲା । ସୌରଭ ଗାଙ୍ଗୁଲିଙ୍କୁ ମୁଁ ପୂର୍ବରୁ ସତର୍କ କରାଇ ଦେଇଥିଲି । କିନ୍ତୁ ସେ ମୋର କୌଣସି କଥାକୁ ଧ୍ୟାନ ଦେଇ ନ ଥିଲେ । ଶେଷରେ ଜରିମାନା ଲଗାଇବା ବ୍ୟତୀତ ମୋ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା । ବିସିସିଆଇ ନିକଟରେ ପ୍ରଚୁର ଅର୍ଥ ରହିଛି । ଯେଉଁଥି ପାଇଁ ସେମାନେ ଅନେକ କ୍ଷେତ୍ରରେ ଆଇସିସିକୁ ପଛରେ ପକାଇ ଦେଉଛନ୍ତି ବୋଲି ବ୍ରଡ୍ କହିଛନ୍ତି ।

## ବିଶ୍ୱକପ୍ ପୂର୍ବରୁ ହେବ ପରୀକ୍ଷାନିରୀକ୍ଷା

# ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍ ଆଜିଠାରୁ

କାନବେରା,୨୮ ।୧୦(ଏଜେନ୍ସି)



ବିଶ୍ୱର ନଂ-୧ ତଥା ବିଶ୍ୱ ଚାମ୍ପିଅନ ଟିମ୍ ଭାରତ ଓ ନଂ-୨ ଟିମ୍ ତଥା ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତକାଲି ବା ବୁଧବାରଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ । ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯାଇଥିଲା । ଏଥିରେ ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ହୋଇଥିଲା । କିନ୍ତୁ ଟି-୨୦ ଫର୍ମାଟରେ ଭାରତର ଶକ୍ତି ଅଧିକ । ଏପରିକି ୨୦୦୮ ପରଠାରୁ ଅଷ୍ଟ୍ରେଲିଆରେ ଭାରତ ସିରିଜ୍ ହାରିନାହିଁ । ରେକର୍ଡ ଯାହା ହେଉ ପଛେ ଦଳର ତାରକା ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ସିରିଜ୍ ଖେଳିବାକୁ ମନୋନୀତ ହୋଇଛନ୍ତି । ଏଣୁ ଭାରତର ଶକ୍ତି ବୃଦ୍ଧି ଘଟିଛି ଓ ଦଳର ସନ୍ତୁଳନକୁ ନେଇ ମ୍ୟାନେଜମେଣ୍ଟର ଚିନ୍ତା ମଧ୍ୟ ବଢ଼ିଛି । ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ ଟି-୨୦ ବିଶ୍ୱକପ୍ । ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନିଜକୁ ପ୍ରସ୍ତୁତ କରିନେବାକୁ ଉଭୟ ଦଳ ଯୋଜନାବଦ୍ଧ ଭାବେ ଉଦ୍ୟମ କରିବେ । ଏପରିକି ଦଳର ଦକ୍ଷତା, ସନ୍ତୁଳନ, ଦୁର୍ବଳତାକୁ ମଧ୍ୟ ସଜାଡ଼ିନେବାକୁ ଉଭୟ ଦଳ ଚେଷ୍ଟା କରିବେ । ଟି-୨୦ ଫର୍ମାଟରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ଟପ୍-୨ ଦଳ ହୋଇଥିବାରୁ ଏହି ସିରିଜ୍‌ର ପ୍ରତ୍ୟେକ ମ୍ୟାଚ୍ ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି ।

ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ପିଚ୍ କିମ୍ବା ଭେନ୍ୟୁ ସହ ଅଷ୍ଟ୍ରେଲିଆର ପିଚ୍‌ର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ । କିନ୍ତୁ ଏବେ ସବୁ ଦଳର ନଜର ରହିଛି ବିଶ୍ୱକପ୍ ପୂର୍ବରୁ ନିଜର ଶ୍ରେଷ୍ଠ ଟିମ୍ ଚୟନ କରିବା । ଏହି ସିରିଜ୍ ଭାରତ ଓ ଅଷ୍ଟ୍ରେଲିଆକୁ ଶ୍ରେଷ୍ଠ ଦଳ ଚୟନ ଓ ଦଳର ସନ୍ତୁଳନ ସଜାଡିବାକୁ ବଡ଼ ସୁଯୋଗ ଦେଇଛି । ଉଭୟଙ୍କ ମଧ୍ୟରେ ଲଢ଼େଇରୁ ଯେଉଁ ଫଳ ମିଳିବ ତାହା ନିଶ୍ଚିତପକ୍ଷେ ଲାଭଦାୟକ ହେବ । ଏହା ପୂର୍ବରୁ ଭାରତ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳି ଚାମ୍ପିଅନ ହୋଇଥିଲା । ଏଥିରେ ଦଳ ଅପରାଜେୟ ଥିଲାବେଳେ ଶ୍ରୀଲଙ୍କା ବିପକ୍ଷ ସୁପର-୪'ର ଏକ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ସହଜ ବିଜୟ ହାସଲ କରିଥିଲା । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏକାଧିକ ପ୍ରତିଭାବାନ ଖେଳାଳି ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି । ଭାରତ ନିକଟରେ ଏତେ ପ୍ରତିଭା ରହିଛି ଯେ ୧୫ ଜଣିଆ ହେଉ କିମ୍ବା ୧୧ ଜଣିଆ ଦଳ ଚୟନ କରିବା କଷ୍ଟକର । ଟି-୨୦ ସିରିଜ୍ ଲାଗି ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅଧିକ ମଜଭୁତ କରିଛି । ଅର୍ଶଦୀପ ସିଂହଙ୍କୁ ପାର୍ଟନର କରି ସେ ନିଶ୍ଚିତଭାବେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବେ । ନିକଟରେ ସିଡନୀ ଦିନିକିଆରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହର୍ଷିତ ରାଣା କିମ୍ବା ଶିବମ ଦୁବେ ପେସ୍ ବୋଲିଂ ଯୋଡି ବୁମ୍‌ରା-ଅର୍ଶଦୀପ୍‌ଙ୍କୁ ସାହାଯ୍ୟ କରିବେ । ଏସିଆ କପ୍‌ରେ ଭାରତ ସ୍ପିନରଙ୍କୁ ନେଇ ଚାମ୍ପିଅନ ହୋଇଥିଲା । ଅଷ୍ଟ୍ରେଲିଆ ବିପକ୍ଷରେ ସ୍ପିନରଙ୍କ ଭୂମିକା ଅଧିକ ନ ରହିଲେ ମଧ୍ୟ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ । ଦଳରେ ୪ଜଣ ସ୍ପିନରଙ୍କୁ ନିଆଯାଇଛି । ଅକ୍ଷର ପଟେଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୨ଜଣ ଖେଳିବା ନିଶ୍ଚିତ । ଦିନିକିଆରେ ଏମାନେ ଅଷ୍ଟ୍ରେଲିଆ ପିଚ୍‌ରେ ସଂଘର୍ଷ କରିଥିଲେ । ଟି-୨୦ରେ କିପରି ପ୍ରଦର୍ଶନ କରିବେ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି । ଭାରତ ୨୦୨୪ରେ ବିଶ୍ୱକପ୍ ଜିତିବା ପରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳି ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି । ଏହି ରେକର୍ଡ ବଜାୟ ରଖିବ ବୋଲି ଭାରତୀୟ ସମର୍ଥକ ଓ କର୍ମକର୍ତ୍ତା ଆଶା ରଖିବା ସ୍ୱାଭାବିକ୍ ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଗତ ଦୁଇଟି ବିଶ୍ୱକପ୍‌ରେ ସଅଳ ବିଦାୟ ନେବା ସହ ସମସ୍ତଙ୍କୁ ନିରାଶ କରିଥିଲା । କିନ୍ତୁ ୨୦୨୪ ବିଶ୍ୱକପ୍ ପରେ ଦଳର ତାହାର ରଣନୀତି ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିଛି । ଯାହା ଫଳରେ ୧୧ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ପରାଜିତ ହୋଇଛି । ମିଚେଲ ମାର୍ଶଙ୍କ ନେତୃତ୍ୱରେ ପାୱାର ହିଟରଙ୍କୁ କେବଳ ଦଳରେ ସ୍ଥାନ ମିଳିଛି । ଟ୍ରାଭିସ ହେଡ୍, ଜୋଶ ଇଂଲିଶ, କାମେରନ ଗ୍ରୀନ୍ (ଏହି ସିରିଜ୍‌ରେ ଖେଳୁନାହାନ୍ତି), ଟିମ୍ ଡେଭିଡ୍, ମିଚେଲ ଓଏନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ (ଶେଷ ୩ଟି ମ୍ୟାଚ୍ ଖେଳିବେ) ଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍ ବେଶ ସଫଳ ହୋଇଛି । ମାର୍କସ ଷ୍ଟୋଇନିସଙ୍କ ନେତୃତ୍ୱରେ ଏକାଧିକ ଅଲରାଉଣ୍ଡର ଅଷ୍ଟ୍ରେଲିଆର ସଫଳତାରେ ଭାଗୀଦାରି ହେଉଛନ୍ତି ।

### ସମ୍ଭାବ୍ୟ ଦଳ

**ଭାରତ**- ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ/ ହର୍ଷିତ ରାଣା, କୁଲଦୀପ ଯାଦବ/ ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା ।
**ବେଞ୍ଚ**- ୱାଶିଂଟନ ସୁନ୍ଦର, ନୀତୀଶ କୁମାର ରେଡ୍ଡୀ ।
**ଅଷ୍ଟ୍ରେଲିଆ**- ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟରକ୍ଷକ), ଟିମ୍ ଡେଭିଡ୍, ଜୋଶ ଫିଲିପ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ୍, ସିନ୍ ଆବଟ/ ଜାଭିୟର ବାର୍ଟଲେଟ, ନାଥାନ ଏଲିସ୍, ମ୍ୟାଟ କୁନେମାନ, ଜୋଶ ହାଜ୍‌ଲେଉଡ୍ ।
**ବେଞ୍ଚ୍**- ମାଥ୍ୟୁ ସର୍ଟ, ଜୋଶ ଫିଲିପ୍, ତନବୀର ସାଙ୍ଗା ଓ ବେନ୍ ଡ୍ୱାରଶୁଇସ୍ ।

**ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫ ମିନିଟ୍**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର**

# ରାଜ୍ୟ ଭାରୋତ୍ତୋଳନ: ଅଭୀପ୍ସାଙ୍କୁ ପ୍ରଥମ ସ୍ୱର୍ଣ୍ଣ




ଭୁବନେଶ୍ୱର,୨୮ ।୧୦(ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଆଜି ଆରମ୍ଭ ହୋଇଛି ୭୨ତମ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ । ଏଥିରେ ୨୦ଟି ଜିଲ୍ଲାର ୨୫୨ଜଣ ବରିଷ୍ଠ, ୟୁଥ୍ ଓ କନିଷ୍ଠ ପ୍ରତିଯୋଗୀ ଉଭୟ ପୁରୁଷ ଓ ମହିଳା ବିଭାଗରେ ଅଂଶଗ୍ରହଣ କରିଛନ୍ତି । ପ୍ରଥିଯୋଗିତାର ପ୍ରଥମ ଦିନରେ ଅନୁଷ୍ଠିତ ୟୁଥ୍ ବାଳିକା ୪୪ କିଲୋଗ୍ରାମ୍ ଶ୍ରେଣୀରେ ଅଭିପ୍ସା ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରତିଯୋଗିତାର ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ । ଏହି ବିଭାଗରେ ନମିତା ବିରୁଆଙ୍କୁ ରୌପ୍ୟ ଓ ରିଆ ଗୌଡ଼ଙ୍କୁ କାଂସ୍ୟ ପଦକ ମିଳିଥିଲା ।

ପୂର୍ବରୁ ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟକୁମାର ସ୍ୱାଇଁ ଓ ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, କ୍ରୀଡ଼ା ବିଭାଗର ଅଫିସର ପଦ୍ମଚରଣ ସାହୁ, ଅମିତ ନାୟକ, ସୌମ୍ୟସାର୍ଥକ ମିଶ୍ର, ସୋନାଲି ପ୍ରିୟଦର୍ଶିନୀ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏସିଆନ୍ ୟୁଥ୍ ଗେମ୍ସରେ ବିଶ୍ୱରେକର୍ଡ କରିଥିବା ପ୍ରୀତିସ୍ମିତା ଭୋଇଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ ।

# ଭୁବନେଶ୍ୱରରେ ହୋଇପାରେ ୨୦୨୮ ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଇଣ୍ଡୋର ଆଥଲେଟିକ୍ସ ଲାଗି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଯେଉଁ ସୁବିଧା ରହିଛି ତାହା ଦେଶର ଅନ୍ୟ କୌଣସି ଷ୍ଟାଡିୟମ୍‌ରେ ନାହିଁ । ଏଣୁ ଭାରତ ଯଦି ୨୦୨୮ ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ହାସଲ କରେ ତେବେ ଏହା କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ ବୋଲି ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫଆଇ) ସୂତ୍ରରୁ ଜଣାଯାଇଛି । ୨୦୨୮ରେ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଓ ୨୦୨୬ରେ ଏସିଆନ୍ ରିଲେଜ ଆୟୋଜନ କରିବାକୁ ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ବିଡ୍ ଦାଖଲ କରାଯାଇଛି । ଏସିଆନ୍ ରିଲେଜ୍ ଲାଗି ଭେନ୍ୟୁ ସ୍ଥିର ହୋଇ ନ ଥିଲାବେଳେ ଭୁବନେଶ୍ୱରରେ ଇଣ୍ଡୋର ଆଥଲେଟିକ୍ସ ଲାଗି ଭେନ୍ୟୁ ପ୍ରସ୍ତାବ ଦିଆଯାଇଛି । ଉଭୟ ଇଭେଣ୍ଟର ଆୟୋଜନ ଅଧିକାର ପାଇଲେ ଭାରତ ବିଶ୍ୱସ୍ତରର ଆଥଲେଟିକ୍ ଇଭେଣ୍ଟ ଆୟୋଜନ କରିବାରେ ସଫଳ ହେବ ବୋଲି ଏଏଫ୍‌ଆଇ କହିଛି ।

ଏଏଫ୍‌ଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ କଳିଙ୍ଗରେ ଇଣ୍ଡୋର ଷ୍ଟାଡିୟମ୍ ୨୦୨୪ରେ ଉଦ୍‌ଘାଟିତ ହୋଇଥିଲା । ଇଣ୍ଡୋର ଷ୍ଟାଡିୟମ୍‌ରେ ୨୦୦ ମିଟର ରନିଂ ଟ୍ରାକ୍, ୧୦୦ ମିଟର ପ୍ରାକ୍ଟିସ୍ ଟ୍ରାକ୍, ଲଙ୍ଗ୍ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ ଓ ସଟ୍‌ପୁଟ୍ ଲାଗି ଆବଶ୍ୟକ ସୁବିଧା ସୁଯୋଗ ଅଲଗା ଭାବେ ରହିଛି । ଏହା ବ୍ୟତୀତ ଆଥ୍‌ଲେଟଙ୍କ ଲାଗି ୱାର୍ମଅପ୍ ଏରିଆ ଓ ଜିମ୍ନାସିୟମ ମଧ୍ୟ ଅଛି । ଓଭାଲ ଆକୃତିର ଏହି ଷ୍ଟାଡିୟମ୍‌ରେ ୨୦୦୦ ଦର୍ଶକ ଖେଳ ଦେଖିପାରିବାର ଗ୍ୟାଲେରୀ ରହିଛି । ଏଠାରେ ସବୁଦିନେ ଅଭ୍ୟାସ କରିବାକୁ ଆଶାୟୀ ଥିବା ଆଥ୍‌ଲେଟଙ୍କ ଲାଗି ଦୁଇ ଜଣ ରହିଲା ଭଳି ୬୦ଟି ରୁମ୍, ଡାଇନିଂ ହଲ୍‌ର ବ୍ୟବସ୍ଥା ରହିଛି । ଏଣୁ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାକୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଉପଯୁକ୍ତ ସ୍ଥାନ ବୋଲି ଏଏଫ୍‌ଆଇ ପକ୍ଷରୁ କୁହାଯାଇଛି ।

ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ ଚାମ୍ପିଅନସିପ୍ ୨୦୦୪ରୁ ଆୟୋଜିତ ହୋଇଆସୁଛି । ଏହାର ପ୍ରଥମ ଓ ୨୦୨୪ରେ ଅନୁଷ୍ଠିତ ଶେଷ ସଂସ୍କରଣ ସହ ଇରାନ ଏହାକୁ ୪ଥର ଆୟୋଜନ କରିଛି । ପ୍ରତି ଦୁଇ ବର୍ଷରେ ହେଉଥିବା ଏହି ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ଚୀନ୍‌ର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେବ ।

## ରଣଜୀ ଟ୍ରଫି

# ଗୋଟିଏ ପଏଣ୍ଟରେ ଓଡ଼ିଶା ସନ୍ତୁଷ୍ଟ

କଟକ,୨୮ ।୧୦(ସମିସ)


ସ୍ୱସ୍ତିକ ସାମଲ


ଗୋବିନ୍ଦ ପୋଦ୍ଦାର

ଚଳିତ ରଣଜୀ ଟ୍ରଫି ଆରମ୍ଭରେ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷଜନକ ରହିନାହିଁ । ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ପରେ ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ମୁକାବିଲାକୁ ଦଳ ଡ୍ର ରଖି ମାତ୍ର ୧ ପଏଣ୍ଟ ହାସଲ କରିଛି । ଏହି ମ୍ୟାଚ୍‌ରେ ଇନିଂସ୍ ଅଗ୍ରଣୀ ପାଇଥିବା ଉତ୍ତରପ୍ରଦେଶକୁ ୩ ପଏଣ୍ଟ ମିଳିଛି । ୨ଟି ଲିଗ୍‌ରୁ ମୋଟ ୧ ପଏଣ୍ଟ ପାଇ ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି । ନଭେମ୍ବର ୧ରୁ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ । ଘରୋଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ ।

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯାଇଥିବା ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା । ଓଡ଼ିଶାକୁ ପ୍ରଥମ ପାଳିରେ ୨୪୩ରନରେ ଅଲଆଉଟ କରିଥିଲା । ଅଧିନାୟକ କରନ ଶର୍ମାଙ୍କ ୧୨୧ରନ, ଆରାଧ୍ୟା ଯାଦବଙ୍କ ୧୦୧ ରନ ସହାୟତାରେ ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତରପ୍ରଦେଶ ୬ ୱିକେଟ ହରାଇ ୩୮୦ରନ ସଂଗ୍ରହ କରିଥିଲା । ଘରୋଇ ଦଳ ମ୍ୟାଚ୍‌କୁ କବଜା କରିବା ସହ ୧୩୭ରନର ଅଗ୍ରଣୀ ହାସଲ କରି ସାରିଥିଲା । ଆଜି କୌଣସି ୱିକେଟ ନହରାଇ ଦଳ ଆଉ ୨୯ରନ ଯୋଡ଼ିବା ସହ ଦଳୀୟ ସ୍କୋର ୪୦୯/୬ରେ ପାଳି ଘୋଷଣା କରିଥିଲା । ଭିପରାଜ ନିଗମ ୩୧ରନ, ଶିଭମ ମାଭି ୧୨ରନରେ ଅପରାଜିତ ଥିଲେ । ଓଡ଼ିଶା ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିବା ବେଳେ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା । ଉତ୍ତରପ୍ରଦେଶ ପ୍ରଥମ ଇନିଂସ୍‌ରେ ୧୬୬ରନରେ ଆଗୁଆ ରହିଥିଲା । ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ୪୪ ଓଭର ଖେଳି ୩ ୱିକେଟ ବିନିମୟରେ ୧୫୧ରନ କରିଥିବା ବେଳେ ମ୍ୟାଚ୍ ଡ୍ର ଘୋଷଣା କରାଯାଇଥିଲା । ଓପନର ସ୍ୱସ୍ତିକ ସାମଲ ୭୧ରନର ଅପରାଜିତ ପାଳି ଖେଳିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ସ୍ୱସ୍ତିକଙ୍କୁ ଏହା ଦ୍ୱିତୀୟ ଅର୍ଦ୍ଧଶତକ । ଆଶୀର୍ବାଦ ସ୍ୱାଇଁ ୨୩ରନ, ସନ୍ଦୀପ ପଟ୍ଟନାୟକ ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୧ରନରେ ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୩୮ରନରେ ଅପରାଜିତ ଥିଲେ । ଉତ୍ତରପ୍ରଦେଶର ଶିଭମ ମାଭିଙ୍କୁ ୨ଟି ୱିକେଟ ମିଳିଥିଲା ।

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ

# ସେମିରେ କୁଆଁରମୁଣ୍ଡା

ଭୁବନେଶ୍ୱର,୨୮ ।୧୦(ସମିସ): କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ୩-୨ ଗୋଲରେ କଟକ ଟିମ୍‌କୁ ପରାସ୍ତ କରିଛି । ବିଜୟୀ କୁଆଁରମୁଣ୍ଡା ଫୁଟବଲ କ୍ଲବ୍‌ର ଜର୍ସି ନଂ-୧୮ ଖେଳାଳି ଜ୍ୟୋସ୍ନା ଲାକ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ବୁଧବାର କଟକର ଓଡ଼ିଶା ପୁଲିସ୍ ଓ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଖେଳ ଶେଷରେ ସାମାଜିକ କର୍ମୀ ରଜତ କୁମାର ପାଢ଼ୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନଂ-୪୫ର କର୍ପୋରେଟର ଅମରେଶ ଜେନା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ । ଏହି ମ୍ୟାଚ୍‌କୁ ରେଫରି ଆଲୋକ ଦେହୁରୀ, ଏମ୍‌ଏସ୍ ବେଗ୍, ଶିବପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ ।

# ସିଦ୍ଧେଶ୍ୱର ମୁଦୁଲି ୨୦୨୫ର ଜୁଡୋ ଜୁଏଲ




ଭୁବନେଶ୍ୱର,୨୮ ।୧୦(ସମିସ): ବିଶ୍ୱ ଜୁଡୋ ଦିବସରେ ପ୍ରତିଷ୍ଠିତ ଜୁଡୋକା ସିଦ୍ଧେଶ୍ୱର ମୁଦୁଲିଙ୍କୁ ୨୦୨୫ର ଜୁଡୋ ଜୁଏଲ ପୁରସ୍କାର ପ୍ରଦାନ କରାଯାଇଛି । ରାଜଧାନୀ ଉପକଣ୍ଠ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଖ୍ୟାତନାମା ଆଥ୍‌ଲେଟ ପ୍ରଣତି ମିଶ୍ର ମୁଖ୍ୟ ଅତିଥି ଓ ପୂର୍ବତନ ଜୁଡୋକା ଡ. ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସିଦ୍ଧେଶ୍ୱରଙ୍କୁ ମାନପତ୍ର, ସ୍ମୃତିଫଳକ ଓ ନଗଦ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ପାରା-ଜୁଡୋ ଆସୋସିଏସନ ଆନୁକୂଲ୍ୟରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ କରାଯାଇଥିଲା । ଆସୋସିଏସନର ଉପଦେଷ୍ଟା ଅମିୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଜୁଡୋକା ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉତ୍ସବକୁ ଜୁଡୋ ପଦକଧାରୀ ତଥା ଆୟୋଜକ ସମ୍ପାଦକ ବ୍ରଜକିଶୋର ଦାସ ପରିଚାଳନା କରିଥିଲାବେଳେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS